ODIA DAILY EDITION
01.12.2025
କଟକ, ସୋମବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ଡିସେମ୍ବର-୦୧, ୨୦୨୫
ବର୍ଷ-୩୭, ସଂଖ୍ୟା-୧୪୩
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA

36 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

## ସମ୍ପତ୍ତି ତାଲିକା ନଦେଲେ ହେବନି ପ୍ରମୋସନ

**ଭୁବନେଶ୍ୱର, ୩୦।୧୧:** ସମ୍ପତ୍ତି ତାଲିକା ନଦେଲେ ବାବୁଙ୍କର ହେବନି ପ୍ରମୋସନ । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ହେଲା ଚିଠି । ସବୁ ବିଭାଗକୁ ଚିଠି ଲେଖିଲେ ଏସିଏସ ସୁରେନ୍ଦ୍ର କୁମାର । ଜାନୁଆରି ସୁଦ୍ଧା ସମ୍ପତ୍ତି ତାଲିକା ଦେବାକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ପୂର୍ବରୁ ବହୁବାର ଜିଏ ବିଭାଗ ପକ୍ଷରୁ ସମ୍ପତ୍ତି ତାଲିକା ଦେବାକୁ ଚିଠି ଲେଖାଯାଇଥିଲା । ହେଲେ ଅନେକ ବାବୁ ଦେଇନାହାନ୍ତି ସମ୍ପତ୍ତି ତାଲିକା ।

## ତେଲ ବୋର୍ଡ ଜରିଆରେ ଲୋକଙ୍କୁ କରାଯିବ ସଚେତନ

**ଭୁବନେଶ୍ୱର, ୩୦।୧୧:** ସରକାରଙ୍କୁ ଜଙ୍କ ଫୁଡ ଚିନ୍ତା । ତେଲ ବୋର୍ଡ ଲଗେଇବେ ସରକାର । କେଉଁ ଖାଦ୍ୟରେ ଅଛି କେତେ ତେଲ, ତାକୁ ଖାଇଲେ କଣ ହେବ, ସେ ନେଇ ତେଲ ବୋର୍ଡ ଜରିଆରେ କରାଯିବ ସଚେତନ । ଏନେଇ ସବୁ ଜିଲ୍ଲାପାଳଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ଚିଠି କରିଛି । ସମସ୍ତ ଅଙ୍ଗନବାଡି ସେଣ୍ଟର, ଶିଶୁ ଯତ୍ନ କେନ୍ଦ୍ର, ୱାନ ଷ୍ଟପ ସେଣ୍ଟର, ଶକ୍ତି ସଦନ, ଶକ୍ତି ନିବାସ ସହ ଘରୋଇ ପ୍ରତିଷ୍ଠାନରେ ଲାଗିବ ତେଲ ବୋର୍ଡ । ଯେଉଁଥିରେ ରହିବ କେଉଁ ଖାଦ୍ୟରେ କେତେ ତେଲ ପରିମାଣ ରହିଛି ।ଯେମିତି କି ସିଙ୍ଗଡ଼ା ପକୋଡ଼ି ଆଳୁଚପ ଛଣା ସେଉ ମୁଡୁକିରେ କେତେ ପରିମାଣର ତେଲ ରହିଛି । ଯାହାକୁ ଖାଇଲେ ହୃଦରୋଗ, ମୋଟାପଣ, ଯକୃତ ରୋଗ ସହ ଉଚ୍ଚ ରକ୍ତ ଚାପ ହେବାର ସମ୍ଭାବନା ରହିଛି ।

■ ରାଜଧାନୀରେ ଲଜ୍ଜା

## ନାବାଳିକାଙ୍କୁ ଦୁଷ୍କର୍ମ ପରେ ଭିଡିଓ ଭାଇରାଲ୍ ଧମକ

**ଭୁବନେଶ୍ୱର, ୩୦।୧୧:** ରାଜଧାନୀରେ ପୁଣି ଲଜ୍ଜା । ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ। ଦୁଷ୍କର୍ମ ପରେ ଭିଡ଼ିଓ ଭାଇରଲ ଧମକ। ଭିଡିଓ ଭାଇରାଲ ଧମକ ଦେଇ ଟଙ୍କା ମାଗିଛନ୍ତି ଯୁବକ। ଅଭିଯୋଗ ପରେ ଭୁବନେଶ୍ୱରରୁ ଯୁବକଙ୍କୁ ଗିରଫ କରିଛି ମହିଳା ଥାନା ପୋଲିସ। ଅଭିଯୁକ୍ତ ବିଭୂତି ଭୂଷଣ ସେଠିକୁ ଗିରଫ କଲା ମହିଳା ଥାନା ପୋଲିସ।

| | |
|---|---|
| ସେନ୍‌ସେକ୍ସ | ୮୫,୭୨୦ |
| ନିଫ୍ଟି | ୨୬,୨୧୫ |
| ସୁନା/୧୦ଗ୍ରା | ୧,୨୯,୩୫୫ |
| ରୂପା/କିଗ୍ରା | ୧,୬୧,୦୦୦ |
| ଡଲାର | ୮୯.୩୭ |

### ପାଣିପାଗ

| ସର୍ବାଧିକ | |
|---|---|
| ଭୁବନେଶ୍ୱର: | ୨୮.୨° |
| କଟକ: | ୨୮.୦° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୧୩.୫° |
| କଟକ: | ୧୩.୪° |

### ହାଲ୍‌ଚାଲ୍



ରାଜ୍ୟରେ ଏବେ ଶୀତର ପ୍ରକୋପ ବହୁତ ମାତ୍ରାରେ କମିଛି
ତାମିଲନାଡୁରେ ବାତ୍ୟା ଡିଟୱା ତାଣ୍ଡବ ଜୋର୍‌ରେ ରହିଛି
ସପ୍ତାହ ପରେ ପୁଣି ଜାଡ଼ ପାଣିପାଗ ବିଭାଗ କହିଛି ।

# ଆଜିଠାରୁ ସଂସଦର ଶୀତ ଅଧିବେଶନ

- ବସିଲା ସର୍ବଦଳୀୟ ବୈଠକ
- ସବୁ ଦଳଙ୍କୁ ସହଯୋଗ ପାଇଁ ସରକାରଙ୍କ ଅପିଲ

**ନୂଆଦିଲ୍ଲୀ, ୩୦।୧୧:** ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ପୂର୍ବରୁ ରବିବାର ହୋଇଥିବା ସର୍ବଦଳୀୟ ବୈଠକ ସୌହାର୍ଦ୍ଦପୂର୍ଣ ଭାବେ ସମ୍ପନ୍ନ ହୋଇଥିବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରେନ୍ ରିଜିଜୁ ବୈଠକ ପରେ ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ କହିଛନ୍ତି ଯେ ଯେ ସଂସଦୀୟ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳିତ କରିବାକୁ ବିରୋଧୀ ଦଳ ମାନଙ୍କ ସହଯୋଗ ମିଳିବ ବୋଲି ସରକାର ଆଶା କରୁଛନ୍ତି ।

ସର୍ବଦଳୀୟ ବୈଠକର ଅଧକ୍ଷତା ରକ୍ଷାମନ୍ତ୍ରୀ ରାଜନାଥ ସିଂହ କରିଥିଲେ। ସଂସଦୀୟ ସୌଧରେ ଆୟୋଜିତ ଏହି ବୈଠକରେ ରାଜ୍ୟସଭାରେ ନେତା ଜେ. ପି. ନଡା, ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରେନ୍ ରିଜିଜୁ ଓ ତାଙ୍କ ସହଯୋଗୀ ଅର୍ଜୁନ ରାମ ମେଘୱାଳ, କଂଗ୍ରେସର ଲୋକସଭା ଉପନେତା ଗୌରବ ଗୋଗୋଇ ସହ ବିଭିନ୍ନ ଦଳର ଫ୍ଲୋର୍ ନେତା ମାନେ ଯୋଗ ଦେଇଥିଲେ। ବୈଠକରେ ୩୬ଟି ରାଜନୈତିକ



ଦଳର ୫୦ ନେତା ଉପସ୍ଥିତ ଥିଲେ। ବିରୋଧୀ ଦଳର ନେତାମାନେ ଏସଆଇଆର ଅଭିଯାନକୁ ନେଇ ଅଭିମତ ଦେଇଥିଲେ। ଏଥିସହ ନିରାପତ୍ତା, ଗଣତନ୍ତ୍ର ଓ ଆଂଚଳିକ ବିଷୟରେ ମଧ ମତ ରଖିଥିଲେ।

ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରେନ୍ ରିଜିଜୁ ସଂସଦ ପରିସରରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ସର୍ବଦଳୀୟ ବୈଠକ ଅତ୍ୟନ୍ତ ଉପଯୋଗୀ ଏବଂ ସୌହାର୍ଦ୍ଦପୂର୍ଣ ଥିଲା। ସେ କହିଲେ ଯେ ବିରୋଧୀ ଦଳ ଗୁଡିକ ପକ୍ଷରୁ ଅନେକ ବିଷୟ ଉଠାଯାଇଥିଲା ଏବଂ ପ୍ରସ୍ତାବ ଦିଆଯାଇଥିଲା । ଏହି ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା ପରେ, ଆଜି ସନ୍ଧ୍ୟାରେ ହେବାକୁ ଥିବା କାର୍ଯ୍ୟମନ୍ତ୍ରଣା ସମିତି ବୈଠକରେ ଏହାକୁ ରଖାଯିବ। ସରକାର ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା ଯେ ବିରୋଧୀ ଦଳ ମାନଙ୍କ ଦ୍ୱାରା ଉଠାଯାଉଥିବା ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଆମେ ପ୍ରସ୍ତୁତ। ଆମେ ଆଶା କରୁଛୁ ଯେ ସଂସଦକୁ ସୁଚାଳିତ ଭାବେ ଚଳାଇବାରେ ବିରୋଧୀ ଦଳ ମାନେ ଯଥୋଚିତ ସହଯୋଗ କରିବେ।

## ଭୂମିହୀନଙ୍କୁ ପକ୍କା ଘର ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶ

**ଭୁବନେଶ୍ୱର, ୩୦।୧୧:** ଜିଲ୍ଲାପାଳ ମାନଙ୍କୁ ରାଜ୍ୟ ପଞ୍ଚାୟତିରାଜ ବିଭାଗର କଡ଼ା ନିର୍ଦ୍ଦେଶନାମା । ଭୂମିହୀନଙ୍କୁ ପକ୍କା ଘର ଯୋଗାଇ ଦେବାରେ ବିଳମ୍ବକୁ କରାଯିବନି ବରଦାସ୍ତ । ଯୋଗ୍ୟ ବିବେଚିତ ଭୂମିହୀନ ପରିବାରକୁ ତୁରନ୍ତ ଘର ବଣ୍ଟନ ପାଇଁ ନିର୍ଦ୍ଦେଶ । ଯୋଗ୍ୟ ଭୂମିହୀନ ଗ୍ରାମାଞ୍ଚଳ ପରିବାର ବା ହିତାଧିକାରୀଙ୍କୁ ପ୍ରାଥମିକତା ଭିତ୍ତିରେ ଘର ଯୋଗାଇବା ପାଇଁ ପଞ୍ଚାୟତି ରାଜ ବିଭାଗ ଚିଠି କରିଛି ।

ଭୂମିହୀନ ସମସ୍ୟାର ସମାଧାନ ପାଇଁ ପ୍ରତି ମାସର ପ୍ରଥମ ଶନିବାର ବିଡିଓ ଏବଂ ସମ୍ପୃକ୍ତ ତହସିଲଦାରଙ୍କ ସହିତ ଏକ ମିଳିତ ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣରେ ୮୭୧ ଜଣ ଏବଂ ପିଏମ ଜନମନରେ ୫୦ ଜଣ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆଯାଇ ନାହିଁ । ପିଏମଏୱାଇ-

**୨ ଲକ୍ଷ ୧ ହଜାର ୧୧ ପରିବାର ଭୂମିହୀନ**

ଜିରେ ସର୍ବାଧିକ କେନ୍ଦ୍ରାପଡ଼ା ଜିଲ୍ଲାରେ ୨୭୧ ଜଣ ଭୂମିହୀନଙ୍କୁ ଘର ମିଳିନଥିବା ବେଳେ ଗଞ୍ଜାମରେ ୧୭୧ ଜଣ ପାଇନାହାନ୍ତି ଘର । ସମୟ ସୀମା ଭିତରେ ତୁରନ୍ତ ଘର ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ୨୦୨୪ ସର୍ଭେ ଅନୁଯାୟୀ ରାଜ୍ୟର ୩୭ ଲକ୍ଷ ୮୯ ହଜାର ୨୩୪ ପରିବାର କଚ୍ଚା ଘରେ ରହୁଛନ୍ତି ।ସେଥିମଧ୍ୟରୁ ୨ ଲକ୍ଷ ୧ ହଜାର ୧୧ ପରିବାର ଭୂମିହୀନ ଅଟନ୍ତି ।

# ଓଡ଼ିଶା ହେବ ପୂର୍ବ ଭାରତର ଏମଏସଏମଇ ଗେଟ ୱେ

**ଭୁବନେଶ୍ୱର, ୩୦।୧୧:** ସ୍ଥାନୀୟ ରେଳ ସଦନ ଠାରେ ଲଘୁ ଉଦ୍ୟୋଗ ଭାରତୀ ଓଡ଼ିଶା ଦ୍ୱାରା ଆୟୋଜିତ ଓଡ଼ିଶା ଶିଳ୍ପ ସମ୍ମିଳନୀ: ୨୦୨୫

**ଓଡ଼ିଶା ଶିଳ୍ପ ସମ୍ମିଳନୀ ଉଦଯାପନୀ ସମାରୋହ**

କାର୍ଯ୍ୟକ୍ରମର ଉଦଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କହିଥିଲେ ଯେ, ଏହି ସମାବେଶ ଆମର ଗଝଗର କ୍ଷେତ୍ରରେ ଔଦ୍ୟୋଗୀକତା ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିପୁଳ ସମ୍ଭାବନାରେ



ପରିପୂର୍ଣ୍ଣ ଆମ ରାଜ୍ୟ, ଆଜି ଗଝଗର କ୍ଷେତ୍ରରେ ଭାରତର ସବୁଠାରୁ ଆକର୍ଷଣୀୟ ରାଜ୍ୟ ଭାବରେ ଉଭା ହୋଇ ପାରିଛି। ଓଡ଼ିଶାର ସାଢ଼େ ଚାରି କୋଟି ଲୋକଙ୍କ ସପ୍ନକୁ ବାସ୍ତବତାର ରୂପ ଦେବା ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତା ଯୋଗୁ ଏହି ପରିବର୍ତ୍ତନ ଆସିପାରିଛି। ଗତ କିଛି ବର୍ଷ ମଧ୍ୟରେ, ଆମେ ଓଡ଼ିଶାରେ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ଅନେକ ପଦକ୍ଷେପ ନେଇଛୁ।

ଓଡ଼ିଶାର ଶିଳ୍ପାୟନର ଏହି ଯାତ୍ରାରେ ଲଘୁ ଉଦ୍ୟୋଗ ଭାରତୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ୯୮୦ ରୁ ଅଧିକ ଶିଳ୍ପ ୟୁନିଟ୍‌କୁ ସହାୟତା କରିବା, ନିଯୁକ୍ତି ସୃଷ୍ଟି କରିବା, ଉଦ୍ୟୋଗୀଙ୍କୁ ସହାୟତା ଦେବା ଏବଂ ଆତ୍ମନିର୍ଭର ଭାରତର ଲକ୍ଷ୍ୟରେ ନିଜର ଯୋଗଦାନ ଦେବାରେ ଏହି ଅନୁଷ୍ଠାନର ପ୍ରୟାସ, ବିଶେଷ ପ୍ରଶଂସାର ପାତ୍ର। ସାରା ବିଶ୍ୱରେ ୯୦ ପ୍ରତିଶତ ବ୍ୟବସାୟ ଏବଂ ସମସ୍ତ ନିଯୁକ୍ତିର ୫୦ ପ୍ରତିଶତ, ଲଘୁ ଶିଳ୍ପ କ୍ଷେତ୍ରରେ ହିଁ ଉପଲବ୍ଧ ହୋଇଥାଏ । ବର୍ତ୍ତମାନ ବଜାରର ୧୦ଟି ଆନୁଷ୍ଠାନିକ କ୍ଷେତ୍ରର ନିଯୁକ୍ତି ମଧ୍ୟରୁ ୭ଟି ଲଘୁ ବ୍ୟବସାୟିକ ଓ ଶିଳ୍ପ ସଂସ୍ଥାରୁ ଆସୁଛି ।

# ତାମିଲନାଡୁରେ 'ଡିଟୱା' ତାଣ୍ଡବ, ୩ ମୃତ

**ଭୀଷଣ ବର୍ଷା ଜାରି**

**ଚେନ୍ନାଇ ୩୦।୧୧:** ଘୂର୍ଣ୍ଣିବାତ୍ୟା 'ଡିଟୱା' ପ୍ରଭାବରେ ତାମିଲନାଡୁର ବିଭିନ୍ନ ଅଞ୍ଚଳରେ ରବିବାର ବର୍ଷା ଜାରି ରହିଛି। ଏହି ସମୟରେ ବର୍ଷା ସମ୍ପର୍କିତ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ଆସୁଛି। ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁସାରେ ଆଗାମୀ ୨୪ ଘଣ୍ଟାରେ ଘୂର୍ଣ୍ଣିବାତ୍ୟା ରାଜ୍ୟର ଉତ୍ତର ଉପକୂଳ ଓ ପୁଡିଚେରୀ ସମାନ୍ତରରେ ପହଞ୍ଚିବ। ତାମିଲନାଡୁର କାବେରୀ ଡେଲ୍ଟାରେ ରାମନାଥପୁରମ ଓ ନାଗପଟ୍ଟିନମ ଜିଲ୍ଲାରେ ଭୀଷଣ ବର୍ଷା ଲାଗି ରହିଛି। ଉପକୂଳ ସହର ରାମେଶ୍ୱରମ ଓ ନାଗପଟ୍ଟିନମରେ ଲଗାଣ ବର୍ଷା ଯୋଗୁ ଜନଜୀବନ ଗୁରୁତର ପ୍ରଭାବିତ ହୋଇଛି। କାରଣ ବର୍ଷାରେ ତଳିଆ ଅଞ୍ଚଳରେ ପାଣି ପଶି ଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ ବିଭାଗ ଙ୍କ ତାଜା ବୁଲେଟିନ ଅନୁସାରେ ଘୂର୍ଣ୍ଣିବାତ୍ୟା ଘଣ୍ଟାପ୍ରତି ୭ କିଲୋମିଟର ବେଗରେ ଉତ୍ତର ଦିଗକୁ ବଢୁଛି। ଏହା ଏବେ କୁଡାଲୋରର ପୂର୍ବ-ଦକ୍ଷିଣ-ପୂର୍ବ ଦିଗରେ ୧୦୦ କିଲୋମିଟର ଦୂରରେ ଥିବା ବେଳେ କରାଇକେଲରୁ ୧୦୦ କିଲୋମିଟର ଉତ୍ତରପୂର୍ବ, ବେଦାରଣ୍ୟମରୁ ୧୪୦ କିଲୋମିଟର ଉତ୍ତର-ପୂର୍ବ, ପୁଡୁଚେରୀରୁ ୧୧୦ କିଲୋମିଟର ଦକ୍ଷିଣ ପୂର୍ବ ଓ ଚେନ୍ନାଇରୁ ୧୮୦ କିଲୋମିଟର ଦକ୍ଷିଣ-ଦକ୍ଷିଣ-ପୂର୍ବ ଦିଗରେ କେନ୍ଦ୍ରିତ ରହିଛି। ଏହା ପୂର୍ବରୁ ମଧ୍ୟାହ୍ନରେ ପାଣିପାଗ ବିଭାଗ ପକ୍ଷରୁ ଜାରି ବୁଲେଟିନରେ କୁହାଯାଇଥିଲା ଯେ ଉତ୍ତର ତାମିଲନାଡୁ ଓ ପୁଡୁଚେରୀ ଉପକୂଳରୁ ଘୂର୍ଣ୍ଣିବାତ୍ୟାର କେନ୍ଦ୍ର ସ୍ଥଳ ଦୂରତା ୭୦ କିଲୋମିଟର ରହିଛି। ଆଗାମୀ ୨୪ ଘଣ୍ଟାରେ ଏହା ଉତ୍ତର ତାମିଲନାଡୁ ଓ ପୁଡୁଚେରୀ ଉପକୂଳ ସମାନାନ୍ତରରେ ଉତ୍ତରକୁ ବଢିବାର ପ୍ରବଳ ସମ୍ଭାବନା ରହିଛି। ଉତ୍ତରଦିଗକୁ ଗତି କରି ଘୂର୍ଣ୍ଣିବାତ୍ୟା କ୍ରମଶଃ ଅବପାତରେ ପରିଣତ ହେବ।

ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରବନ୍ଧନ ମନ୍ତ୍ରୀ କେ.କେ.ଏସ.ଏସ୍.ଆର ରାମଚନ୍ଦ୍ରନ କହିଛନ୍ତି ଯେ ଘୂର୍ଣ୍ଣିବାତ୍ୟା ଓ ବର୍ଷା ସମ୍ପର୍କିତ ଘଟଣାରେ ରାଜ୍ୟରେ ଏ ପର୍ଯ୍ୟନ୍ତ ୩ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଟୁଟିକୋରିନ ଓ ତାଞ୍ଜାଭୁରୁରେ କାନ୍ଥ ପଡିବା ଯୋଗୁ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ମଇଲାଦୁଥରାଇରେ ବିଦ୍ୟୁତ ଆଘାତରେ ଜଣେ ୨୦ ବର୍ଷ ବୟଷ୍କ ଯୁବକର ମୃତ୍ୟୁ ହୋଇଛି।

**ସ୍କୁଲ ୟୁନିଫର୍ମ ବଣ୍ଟନରେ ଅବହେଳା ନେଇ କାର୍ଯ୍ୟାନୁଷ୍ଠାନ**

## ୮ ବିଇଓ ଓ ୨୩୭ ପ୍ରଧାନ ଶିକ୍ଷକଙ୍କ ଦରମା ବନ୍ଦ

**ଭୁବନେଶ୍ୱର, ୩୦।୧୧:** ସ୍କୁଲ ୟୁନିଫର୍ମ ବଣ୍ଟନରେ ଅବହେଳା, ବାଜିଲା ଛାଟ। ଖୋର୍ଦ୍ଧା ଜିଲ୍ଲାର ୮ ବିଇଓ ଏବଂ ୨୩୭ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ ବା ଡିଇଓ । ୟୁନିଫର୍ମ ନଦେବା ପର୍ଯ୍ୟନ୍ତ ଦରମା ବନ୍ଦ ରହିବ । ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ତୁରନ୍ତ ସ୍କୁଲ ୟୁନିଫର୍ମ ଯୋଗାଇ ଦେବାକୁ ଚିଠି କରିଛନ୍ତି। ୟୁନିଫର୍ମ ନଦେବା ପର୍ଯ୍ୟନ୍ତ ଦରମା ବନ୍ଦ ରହିବ ବୋଲି ସ୍ପଷ୍ଟ ଭାବେ ଚିଠିରେ ଉଲ୍ଲେଖ ରହିଛି ।

ସ୍କୁଲ୍ ପିଲାଙ୍କୁ ୟୁନିଫର୍ମ ନମିଳିବା ନେଇ କନକ ନ୍ୟୁଜରେ ଖବର ପ୍ରସାରଣ ହୋଇଥିଲା । ଏହାପରେ ବିଭାଗୀୟ ଅଧିକାରୀ ଆକ୍ସନମୋଡ୍‌କୁ ଆସିଛନ୍ତି । ଜୋରସୋରରେ ଚାଲିଛି ପୋଷାକ ବଣ୍ଟନ । ତଥାପି ୫୦ ପ୍ରତିଶତ ଟଙ୍କା ଖର୍ଚ୍ଚ ହୋଇପାରିନି । ଅନ୍ୟପଟେ କଣ ପାଇଁ ଏ ସ୍ଥିତି ଉପୁଜିଲା ତାର ଗୁମର ଖୋଲିଛନ୍ତି ଭେଣ୍ଡର ।

ବାଲେଶ୍ୱରକୁ ୟୁନିଫର୍ମ ପାଇଁ ଆସିଥିଲା ୧୩ କୋଟିରୁ ଅଧିକ ଟଙ୍କା । ଟେଣ୍ଡର ମଧ୍ୟ ଅନେକ ଦିନରୁ ହେଲାଣି । କିନ୍ତୁ ଶିକ୍ଷା ବର୍ଷ ସରିବାକୁ ବସିଥିବା ବେଳେ ବଣ୍ଟାଯାଇନଥିଲା ଡ୍ରେସ୍ । କନକ ନ୍ୟୁଜରେ ଖବର ବାଜିବା ପରେ ଆକ୍ସନ ମୋଡ୍ ?କୁ ଆସିଛି ଜିଲ୍ଲା ଶିକ୍ଷା ବିଭାଗ। ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେସ୍ ବଣ୍ଟା ଚାଲିଛି । ତଥାପି ପୋଷାକ ବଣ୍ଟନ ପାଇଁ ଆସିଥିବା ଅର୍ଥର ୫୦ ପ୍ରତିଶତ ବି ଖର୍ଚ୍ଚ ହୋଇପାରିନି ।

ଏପଟେ ଭେଣ୍ଡରଙ୍କ କହିବା କଥା ସମୟ କମ୍ ଦିଆଯାଇଛି । ୫ ଶହ ଟଙ୍କାରେ ଦୁଇଟି ଡ୍ରେସ୍, ତା ସାଙ୍ଗକୁ ସବୁଠି ତ ଟଙ୍କା ମାଗୁଛନ୍ତି, କାମ କେମିତି କରିବୁ । ଅନ୍ୟପଟେ ଡ୍ରେସ୍ ବଣ୍ଟନରେ ବିଳମ୍ବର କାରଣ ଖୋଜିବାକୁ ପ୍ରଶାସନ ତଦନ୍ତ କରିବ ବୋଲି ଏଡିଏମ୍ କହିଛନ୍ତି ।

ତୁରନ୍ତ ଛାତ୍ରଛାତ୍ରୀଙ୍କୁ ଡ୍ରେସ ଦେବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଏନ.ତିରୁମାଲା ନାୟକ । ଯେତେ ଶୀଘ୍ର ସମ୍ଭବ ୟୁନିଫର୍ମ ଦେବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି ବିଭାଗ ।

## ଏଆଇ ଧରିବ ବେଆଇନ ଲଘୁ ଖଣିଜ ଓ ଖଣିଜ ଦ୍ରବ୍ୟର ଖନନ, ବାଣିଜ୍ୟ, ପରିବହନ ଓ ସଂରକ୍ଷଣ

**ଭୁବନେଶ୍ୱର, ୩୦।୧୧:** ବେଆଇନ ଖଣି ଖନନ ଓ ବାଣିଜ୍ୟ, ପରିବହନ ଏବଂ ସଂରକ୍ଷଣ ରୋକିବାକୁ ସ୍ୱତନ୍ତ୍ର ଗାଇଡ଼ ଲାଇନ ଜାରି କଲେ ରାଜ୍ୟ ସରକାର । ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ଜାରି ହେଲା ସ୍ୱତନ୍ତ୍ର ଗାଇଡ଼ ଲାଇନ । ଜାରି କରାଯାଇଥିବା ଗାଇଡ଼ ଲାଇନ ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଖଣି ଏବଂ ପରିବହନ କାର୍ଯ୍ୟକଳାପର ପ୍ରକୃତ-ସମୟ ମନିଟରିଂ ଏବଂ ରେକର୍ଡିଂ, ସ୍ୱୟଂଚାଳିତ ନମ୍ବର ପ୍ଲେଟ୍ ଚିହ୍ନଟ, ଫେସ ରିଡିଙ୍ଗ ବା ଯାନର ଗତି ଚିହ୍ନଟ ପାଇଁ ଲାଗିବ ଏଆଇ କ୍ୟାମେରା । ନିର୍ମାଣ ହେବ ଡିଜିଟାଲ ଚେକ ପୋଷ୍ଟ । ଚେକ୍ ପୋଷ୍ଟ' ରେ ଖଣିଜ ପଦାର୍ଥ ପରିବହନର ତଦାରଖ ଏବଂ ନିୟନ୍ତ୍ରଣ ପାଇଁ ଡିଜିଟାଲ୍ ଚେକ୍ ପଏଣ୍ଟ କରାଯିବ ।

# ୩୭ ମାଓବାଦୀଙ୍କ ଆତ୍ମସମର୍ପଣ

**ମୁଖ୍ୟସ୍ରୋତ ଅଭିମୁଖେ ମାଓବାଦୀ**

- ୨୭ ଯବାନଙ୍କ ସହିଦର କାରଣ ଥିବା ଭୀମା ଛାଡ଼ିଲା ଅସ୍ତ୍ର

**ମାଲକାନଗିରି, ୩୦।୧୧:** ଛତିଶଗଡ଼ର ଦନ୍ତେୱାଡାଜିଲ୍ଲା ପୁଲିସରେ ୩୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏଥିରେ ୧୨ ଜଣ ମହିଳା କ୍ୟାଡରର ସଦସ୍ୟ ଅଛନ୍ତି। ଯେଉଁ ବନ୍ଧୁକରେ ବହୁ ସଂଖ୍ୟାରେ ନିରୀହ ଲୋକଙ୍କର ଜୀବନ ନେଇଥିଲେ, ସେଗୁଡ଼ିକୁ ପୁଲିସ ନିକଟରେ ହସ୍ତାନ୍ତର କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ୨୭ ଜଣଙ୍କ ନାମରେ ୬୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ଏମାନେ ଡିଆରଜି କାର୍ଯ୍ୟାଳୟ ଦନ୍ତେୱାଡାରେ ବରିଷ୍ଠ



ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛନ୍ତି।

ଏହି ବଡ଼ଧରଣର ଆତ୍ମସମର୍ପଣ ପଛରେ ଡିଆରଜି, ବସ୍ତର ଫାଇଟର୍ସ, ସିଆରପିଏଫ୍ ବାହିନୀ ଏବଂ ଜଗଦଲପୁରସ୍ଥିତ ଆରଏଫ୍‌ଟିର ରଣନୀତି ରହିଛି। ଏମାନେ ମାସମାସ ଧରି ତୃଣମୂଳସ୍ତରରେ ଗୁଇନ୍ଦା ଏବଂ କ୍ରମାଗତ ଭାବେ ମାଓବାଦୀଙ୍କ ଉପରେ ଚାପ ସୃଷ୍ଟି କରିଥିଲେ। ଫଳରେ ମାଓବାଦୀମାନେ ଉପାୟ ଶୂନ୍ୟ ହୋଇ ଶେଷରେ ଅସ୍ତ୍ର ପରିତ୍ୟାଗ କରିଛନ୍ତି।

ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁସାରେ ୫୦ ହଜାର ଟଙ୍କା ତତ୍କାଳ ସହାୟତା ରାଶି ଦିଆଯିବ। ଏଥି ସହିତ ଦକ୍ଷତା ବିକାଶ ତାଲିମ, ଚାଷ ଜମି ଓ ସାମାଜିକ ଥଇଥାନ ଭଳି ସୁବିଧା ଉପଲବ୍ଧ କରାଯିବ। ମାଓବାଦୀଙ୍କୁ ଏହା କେବଳ ଅସ୍ତ୍ର ପରିତ୍ୟାଗ କରିବାର ପ୍ରେରଣା ଦେଇ ନାହିଁ, ବରଂ ଜୀବନର ନୂଆ ରାସ୍ତା ମଧ ମିଳିଛି।



MBA/25-26/0469

# ମନ୍ କି ବାତ୍‌ର ୧୨୮ତମ ଅଧ୍ୟାୟରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ପାଠ୍ୟ

ନୂଆଦିଲ୍ଲୀ (ପିଆଇବି) : ମୋର ପ୍ରିୟ ଦେଶବାସୀଗଣ, ନମସ୍କାର। 'ମନ୍ କି ବାତ୍ ?'ରେ ପୁଣିଥରେ ଆପଣମାନଙ୍କୁ ସ୍ୱାଗତ। ନଭେମ୍ବର ମାସଟି ଅନେକ ପ୍ରେରଣା ନେଇ ଆସିଛି। କିଛିଦିନ ପୂର୍ବେ ନଭେମ୍ବର ୨୬ ତାରିଖ ଦିନ ସମ୍ବିଧାନ ଦିବସ ଅବସରରେ ସେଣ୍ଟ୍ରାଲ୍ ହଲ୍‌ରେ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହେଲା। 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂରଣ ହେବା ଉପଲକ୍ଷେ ସାରା ଦେଶରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମଗୁଡ଼ିକର ଭବ୍ୟ ଶୁଭାରମ୍ଭ ହେଲା। ନଭେମ୍ବର ୨୫ ଦିନ ଅଯୋଧ୍ୟାରେ ରାମ ମନ୍ଦିର ଉପରେ ଧର୍ମଧ୍ୱଜା ଆରୋହଣ ହେଲା। ସେହିଦିନ କୁରୁକ୍ଷେତ୍ରର ଜ୍ୟୋତିସର୍‌ରେ ପାଞ୍ଚଜନ୍ୟ ସ୍ମାରକର ଲୋକାର୍ପଣ ହେଲା।

କିଛିଦିନ ପୂର୍ବରୁ ମୁଁ ହାଇଦ୍ରାବାଦଠାରେ ବିଶ୍ୱର ସବୁଠାରୁ ବଡ଼ ଲିପ ଇଞ୍ଜିନ୍ ଏମ୍‌ଆର୍‌ଓ ଫ୍ୟାସିଲିଟି ଉଦ୍‌ଘାଟନ କରିଛି। ଏୟାର କ୍ରାଫ୍ଟ ଗୁଡ଼ିକର ରକ୍ଷଣାବେକ୍ଷଣ, ମରାମତି ଏବଂ ଓଭରହଲ୍ କ୍ଷେତ୍ରରେ ଭାରତର ଏହା ଏକ ବଡ଼ ପଦକ୍ଷେ । ଗତ ସପ୍ତାହରେ ମୁମ୍ବାଇରେ ଗୋଟିଏ କାର୍ଯ୍ୟକ୍ରମ ସମୟରେ ଆଇଏନ୍‌ଏସ୍ ମାହେକୁ ଭାରତୀୟ ନୌବାହିନୀରେ ସାମିଲ କରାଗଲା। ଗତସପ୍ତାହେ ହିଁ ଭାରତର ସ୍ପେସ୍ ଇକୋସିଷ୍ଟମକୁ ସ୍କାଏରୁଟ୍ ?ର ଇନ୍ ?ଫିନିଟି କ୍ୟାମ୍ପସ୍ ନୂତନ ଗତି ପ୍ରଦାନ କରିଛି। ଏହା ଭାରତର ନୂଆ ଚିନ୍ତାଧାରା, ନବସୃଜନ ଏବଂ ଯୁବଶକ୍ତିର ପ୍ରତିବିମ୍ବ ପାଲଟିଛି।

କୃଷିକ୍ଷେତ୍ରରେ ମଧ୍ୟ ଦେଶ ବଡ଼ ଉପଲବ୍ଧି ହାସଲ କରିଛି। ଭାରତ ୩୫୭ ମିଲିୟନ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରି ଏକ ଐତିହାସିକ ରେକର୍ଡ଼ ସୃଷ୍ଟି କରିଛି। ୩୫୭ ମିଲିୟନ୍ ଟନ୍!! ୧୦ ବର୍ଷ ପୂର୍ବ ତୁଳନାରେ ଭାରତର ଖାଦ୍ୟଶସ୍ୟ ଉତ୍ପାଦନ ୧୦୦ ମିଲିୟନ୍ ଟନ୍ ଆହୁରି ବୃଦ୍ଧି ପାଇଛି। କ୍ରୀଡ଼ା ଜଗତରେ ମଧ୍ୟ ଭାରତ ବିଜୟ ପତାକା ଉଡ଼ାଇଛି। କିଛିଦିନ ପୂର୍ବେ ହିଁ ଭାରତ ଦ୍ୱାରା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗୀତା ଆୟୋଜନ ସମ୍ପର୍କରେ ଘୋଷଣା ହୋଇଛି। ଏସବୁ ଉପଲବ୍ଧି ଦେଶର, ଦେଶବାସୀଙ୍କର। 'ମନ୍ କି ବାତ୍' ଦେଶର ଜନସାଧାରଣଙ୍କ ଏଭଳିଭ ପଲବ୍ଧିଗୁଡ଼ିକୁ, ଲୋକଙ୍କ ମିଳିତ ପ୍ରଚେଷ୍ଟାକୁ ଜନତାଙ୍କ ସମ୍ମୁଖକୁ ଆଣିବା ପାଇଁ ଏକ ଉତ୍କୃଷ୍ଟ ମଞ୍ଚ।

ଯଦି ମନରେ ଦୃଢ଼ ଇଚ୍ଛା ଥାଏ, ସାମୂହିକ ଶକ୍ତି, ଦଳଗତ ଭାବେ କାର୍ଯ୍ୟ କରିବା ଉପରେ ବିଶ୍ୱାସ ରହିଥାଏ, ତଳେ ପଡ଼ି ପୁଣିଥରେ ଠିଆହେବାର ସାହସ ଥାଏ, ତେବେ କଠିନରୁ କଠିନ କାର୍ଯ୍ୟରେ ମଧ୍ୟ ସଫଳତା ନିଶ୍ଚିତ ଭାବେ ମିଳିଥାଏ। ଆପଣ ସେ ସମୟ କଥା ଚିନ୍ତା କରନ୍ତୁ, ଯେତେବେଳେ ସାଟେଲାଇଟ୍ ନ ଥିଲା, ଜିଏସ୍ ସିଷ୍ଟମ୍ ନ ଥିଲା। ନେଭିଗେଶନ୍‌ର କୌଣସି ସୁବିଧା ଉପଲବ୍ଧ ନ ଥିଲା। ସେତେବେଳେ ମଧ୍ୟ ଆମ ନାବିକମାନେ ବଡ଼ ବଡ଼ ଜାହାଜରେ ଜଳଯାତ୍ରା ପାଇଁ ବାହାରି ଡୁଥିଲେ ଏବଂ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚୁଥିଲେ। ଏବେ ଜଳଯାତ୍ରାରୁ ପାଦେ ଆଗେଇ ବିଶ୍ୱର ଦେଶଗୁଡ଼ିକ ମହାକାଶର ଅନନ୍ତ ଉଚ୍ଚତାକୁ ସ୍ପର୍ଶ କରୁଛନ୍ତି। ସେଠାରେ ମଧ୍ୟ ସେହି ଏକା ସମସ୍ୟା। ନା ଜିପିଏସ୍ ସିଷ୍ଟମ୍ ଅଛି, ନା ଯୋଗାଯୋଗର ସେଭଳି କିଛି ବ୍ୟବସ୍ଥା। ତା'ହେଲେ ଆମେ କେମିତି ଆଗକୁ ବଢ଼ିବା ?

କିଛିଦିନ ପୂର୍ବେ ସାମାଜିକ ଗଣମାଧ୍ୟମରେ ଗୋଟିଏ ଭିଡିଓ ମୋର ଦୃଷ୍ଟି ଆକର୍ଷିତ କଲା। ଏହି ଭିଡିଓଟି ଇସ୍ରୋର ଗୋଟିଏ ନିଆରା ଡ୍ରୋନ୍ ପ୍ରତିଯୋଗିତା ସମ୍ପର୍କିତ ଥିଲା। ଏହି ଭିଡିଓରେ ଆମ ଦେଶର ଯୁବବର୍ଗ ଏବଂ ବିଶେଷକରି ଆମ ଜେନ୍-ଜି ମଙ୍ଗଳ ଗ୍ରହ ଭଳି ପରିସ୍ଥିତିରେ ଡ୍ରୋନ୍ ଉଡ଼ାଇବାକୁ ଚେଷ୍ଟା କରୁଥିଲେ। ଡ୍ରୋନ୍ ଉଡୁଥିଲା, କିଛି ସମୟ ସନ୍ତୁଳନ ରକ୍ଷା କରି ପାରୁଥିଲା, କିନ୍ତୁ ପରେ ହଠାତ୍ ତଳକୁ ଖସି ଡୁଥିଲା। କାହିଁକି ଜାଣନ୍ତି ? କାରଣ ଏଠି ଯେଉଁ ଡ୍ରୋନ୍‌ଗୁଡ଼ିକ ଉଡୁଥିଲା, ସେଗୁଡ଼ିକରେ ଜିଏସ୍ ସହାୟତା ଆଦୌ ଉପଲବ୍ଧ ନ ଥିଲା। ମଙ୍ଗଳ ଗ୍ରହରେ ଜିଏସ୍ ସମ୍ଭବ ନୁହେଁ। ତେଣୁ, ଡ୍ରୋନ୍‌କୁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ବାହାରୁ ଦିଆଯାଇପାରିବ ନାହିଁ। ଡ୍ରୋନ୍ କୁ ନିଜ କ୍ୟାମେରା ଏବଂ ଇନ୍‌ବିଲ୍ଟ ସଫ୍ଟୱେୟାର ସହାୟତାରେ ଉଡ଼ିବାକୁ ଥିଲା। ଏହି ଛୋଟିଆ ଡ୍ରୋନ୍‌କୁ ଭୂମିରୁ ଚିହ୍ନିବାର ଥିଲା, ଉଚ୍ଚତା ସମ୍ପର୍କରେ ଅନୁମାନ କରିବାକୁ ଥିଲା, ସମ୍ଭାବ୍ୟ ବାଧାବିଘ୍ନର ଆକଳନ କରିବାକୁ ଥିଲା ଏବଂ ସ୍ୱୟଂ ସୁରକ୍ଷିତ ଭାବେ ଅବତରଣ କରିବାର ଉପାୟ ସ୍ଥିର କରିବାକୁ ଥିଲା। ତେଣୁ ଗୋଟିଏ ପରେ ଗୋଟିଏ ଡ୍ରୋନ୍ ଖସି ପଡୁଥିଲା।

ଏହି ପ୍ରତିଯୋଗିତାରେ ପୁଣେର ଯୁବବନ୍ଧୁମାନଙ୍କ ଗୋଟିଏ ଦଳ ଅଳ୍ପ କିଛି ସଫଳତା ହାସଲ କଲେ। ସେମାନଙ୍କ ଡ୍ରୋନ୍ ମଧ୍ୟ ଅନେକ ଥର ତଳେ ପଡ଼ିଲା, କ୍ରାଶ୍ ହେଲା, କିନ୍ତୁ ସେମାନେ ହାର୍ ମାନିନଥିଲେ। ଅନେକ ଥର ପ୍ରଚେଷ୍ଟା ପରେ ଏହି ଦଳର ଡ୍ରୋନ୍ ମଙ୍ଗଳ ଗ୍ରହ ଭଳି ପରିସ୍ଥିତିରେ କିଛି ସମୟ ଉଡ଼ିବାରେ ସଫଳତା ଲାଭ କଲା।

ଏହି ଭିଡିଓଟି ଦେଖିଲା ବେଳେ, ମୋ ମନରେ ଆଉ ଗୋଟିଏ ଦୃଶ୍ୟ ଭାସିଆସିଲା। ସେହି ଦିନ କଥା, ଯେତେବେଳେ ଚନ୍ଦ୍ରଯାନ-୨ ସହ ସମ୍ପର୍କ ବିଚ୍ଛିନ୍ନ ହୋଇଯାଇଥିଲା। ସେହିଦିନ ସାରା ଦେଶ, ବିଶେଷକରି ବୈଜ୍ଞାନିକମାନେ କିଛି ମୁହୂର୍ତ୍ତ ପାଇଁ ନିରାଶ ହୋଇପଡ଼ିଥିଲେ। କିନ୍ତୁ,

ବିଫଳତା ସେମାନଙ୍କ ପଥରୋଧ କରିପା ।ରିଲା ନାହିଁ। ସେହିଦିନ ସେମାନେ ଚନ୍ଦ୍ରଯାନ-୩ର ସଫଳତାର କାହାଣୀ ଲେଖିବା ଆରମ୍ଭ କରିଦେଲେ। ଏହି କାରଣ ଯୋଗୁଁ ଚନ୍ଦ୍ରଯାନ-୩ର ସଫଳ ଅବତରଣ କେବଳ ଗୋଟିଏ ମିଶନର ସଫଳତା ନ ଥିଲା। ତାହାଥିଲା ବିଫଳତାରୁ ବାହାରି ଗଢ଼ାଯାଇଥିବା ବିଶ୍ୱାସର ସଫଳତା। ଏହି ଭିଡିଓରେ ଯେଉଁ ଯୁବକମାନେ ଦେଖାଯାଉଛନ୍ତି, ସେମାନଙ୍କ ଆଖିରେ ମୋତେ ସେହି ଆତ୍ମବିଶ୍ୱାସ ଦେଖାଯାଉଥିଲା। ପ୍ରତ୍ୟେକ ଥର ଯେତେବେଳେ ମୁଁ ଆମ ଯୁବବର୍ଗଙ୍କ ନିଷ୍ଠା ଏବଂ ବୈଜ୍ଞାନିକମାନଙ୍କ ସମର୍ପଣ ଭାବ ଦେଖେଁ, ସେତେବେଳେ ମନ ଉତ୍ସାହରେ ପରିପୂର୍ଣ୍ଣ ହୋଇଯାଏ। ଯୁବବର୍ଗଙ୍କ ଏହି ନିଷ୍ଠା ବିକଶିତ ଭାରତର ବହୁତ ବଡ଼ ଶକ୍ତି।

ଆପଣମାନେ ମହୁର ମଧୁରତା ସହ ବେଶ୍ ପରିଚିତ ଥିବେ। କିନ୍ତୁ, ପ୍ରାୟତଃ ଆମେ ଏ କଥା ଜାଣି ପାରୁନା ଯେ, ଏହା ପଛରେ କେତେ ଲୋକଙ୍କ ପରିଶ୍ରମ ରହିଛି, କେତେ ପରମ୍ପରା ରହିଛି ଏବଂ ପ୍ରକୃତି ସହ କେତେ ସୁନ୍ଦର ତାଳମେଳ ରହିଛି।

ଜାମ୍ମୁ-କାଶ୍ମୀରର ପାହାଡ଼ିଆ ଅଞ୍ଚଳରେ ବଣ-ତୁଳସୀ ଯାହାର ଅନ୍ୟନାମ ସୁଲାଇ, ଏହି ସୁଲାଇ ଫୁଲରୁ ଏଠାରେ ମହୁମାଛିମାନେ ଗୋଟିଏ ନିଆରା ମହୁ ତିଆରି କରନ୍ତି। ଏହି ମହୁର ରଙ୍ଗ ଧଳା ଏବଂ ଏହା ରାମ୍‌ବନ୍ ସୁଲାଇ ହନି ନାମରେ ପରିଚିତ। ମାତ୍ର କିଛିବର୍ଷ ପୂର୍ବେ ରାମ୍‌ବନ୍ ସୁଲାଇ ହନିକୁଗ ଜିଆଇ ଟ୍ୟାଗ୍ ମିଳିଛି। ଏହାପରେ ଏହି ମହୁକୁ ସମଗ୍ର ଦେଶରେ ଗୋଟିଏ ପରିଚୟ ମିଳିଛି।

ଦକ୍ଷିଣ କନ୍ନଡ଼ ଜିଲ୍ଲାର ପୁତ୍ତୁର୍‌ରେ ସେଠାକାର ବୃକ୍ଷରାଜି ମହୁ ଉତ୍ପାଦନ ପାଇଁ ଉତ୍କୃଷ୍ଟ ବିବେଚନା କରାଯାଏ। ଏଠାରେ ଗ୍ରାମଜନ୍ୟ ନାମକ ଚାଷୀ ସଂଗଠନ ଏହି ପ୍ରାକୃତିକ ଉପହାରକୁ ଏକ ନୂତନ ଦିଗ ପ୍ରଦାନ କରୁଛି। ଗ୍ରାମଜନ୍ୟ ପକ୍ଷରୁ ଏଠାରେ ଆଧୁନିକ ପ୍ରକ୍ରିୟାକରଣ ୟୁନିଟ୍, ପରୀକ୍ଷାଗାର, ବୋତଲରେ ପ୍ୟାକିଂ, ସଂରକ୍ଷଣ ଏବଂ ଡିଜିଟାଲ୍ ଟ୍ରାକିଂ ଭଳି ସୁବିଧା ଉପଲବ୍ଧ କରାଯାଇଛି। ଏବେ ଏହି ମହୁ ର ବ୍ରାଣ୍ଡେଡ୍ ଉତ୍ପାଦ ଗାଁରୁ ସହରଯାଏ ପହଞ୍ଚୁଛି। ଏହି ପ୍ରଚେଷ୍ଟାର ଲାଭ ଅଢ଼େଇ ହଜାରରୁ ଅଧିକ ଚାଷୀଙ୍କୁ ମିଳିଛି। କର୍ଣ୍ଣାଟକର ହିଁ ତୁମ୍‌କୁର୍ ଜିଲ୍ଲାରେ ଶିବ୍‌ଗଙ୍ଗା କାଲଞ୍ଜିୟା ନାମକ ସଂସ୍ଥାର ପ୍ରଚେଷ୍ଟା ମଧ୍ୟ ବହୁତ ପ୍ରଶଂସନୀୟ। ସେମାନଙ୍କ ଦ୍ୱାରା ଏଠାରେ ପ୍ରତ୍ୟେକ ସଭ୍ୟଙ୍କୁ ଆରମ୍ଭରେ ଦୁଇଟି ମହୁ ବାକ୍ସ ଦିଆଯାଇଥାଏ। ଏଭଳି କାର୍ଯ୍ୟ ଦ୍ୱାରା ସେମାନେ ଅନେକ ଚାଷୀଙ୍କୁ ନିଜ ଅଭିଯାନରେ ସାମିଲ କରି ।ରିଛନ୍ତି। ଏବେ ଏହି ସଂସ୍ଥା ସହ ଜଡ଼ିତ ଚାଷୀମାନେ ମିଶି ମହୁ ଉତ୍ପାଦନ କରୁଛନ୍ତି, ଏହାକୁ ସୁନ୍ଦର ଭାବେ ପ୍ୟାକ୍ କରି ସ୍ଥାନୀୟ ବଜାରକୁ ପହଞ୍ଚାଉଛନ୍ତି। ଏହାଦ୍ୱାରା ସେମାନେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର ମଧ୍ୟ କରୁଛନ୍ତି। ଏହିଭଳି ଅନ୍ୟ ଏକ ଉଦାହରଣ ହେଉଛି ନାଗାଲାଣ୍ଡର କ୍ଲିଫ୍ ହନି ହଂଟିଙ୍ଗ । ନାଗାଲାଣ୍ଡର ଚୋକ୍ ?ଲାଙ୍ଗନ୍ ଗାଁରେ ଖିୟାମନି-ୟାଙ୍ଗନ୍ ଜନଜାତି ଶହ ଶହ ବର୍ଷ ଧରି ମହୁ ସଂଗ୍ରହ କାମ କରିଆସିଛନ୍ତି। ଏଠାରେ ମହୁମାଛି ଗଛ ଉପରେ ନୁହେଁ, ବରଂ ଉଚ୍ଚ ପଥର ଉପରେ ମହୁଫେଣା ତିଆରି କରିଥାଆନ୍ତି। ତେଣୁ, ମହୁ ସଂଗ୍ରହ କାର୍ଯ୍ୟ ମଧ୍ୟ ବି ଦପୂର୍ଣ୍ଣ ହୋଇଥାଏ। ତେଣୁ ଏଠାକାର ଲୋକେ ମହୁମାଛି ସହ ପ୍ରଥମେ ସୁମଧୁର ଭାବେ କଥାବାର୍ତ୍ତା କରିଥାଆନ୍ତି, ସେମାନଙ୍କଠାରୁ ଅନୁମତି ଲୋଡ଼ିଥାଆନ୍ତି। ସେମାନଙ୍କୁ ଜଣାଇଥାଆନ୍ତି ଯେ, ଆଜି ସେମାନେ ମହୁ ସଂଗ୍ରହ କରିବାକୁ ଆସିଛନ୍ତି। ଏହାପରେ ହିଁ ସେମାନେ ମହୁ ସଂଗ୍ରହ କରିଥାଆନ୍ତି।

ଆଜି ଭାରତ ମହୁ ଉତ୍ପାଦନରେ ନୂତନ ରେକର୍ଡ଼ ସୃଷ୍ଟି କରୁଛି। ୧୧ ବର୍ଷ ପୂର୍ବେ ଦେଶରେ ମହୁ ଉତ୍ପାଦନ ୭୬ ହଜାର ମେଟ୍ରିକ୍ ଟନ୍ ଥିଲା। ଏବେ ଏହାଦ ବୃଦ୍ଧି ପାଇ ଦେଢ଼ ଲକ୍ଷ ମେଟ୍ରିକ୍ ଟନ୍‌କୁ ମଧ୍ୟ ଅତିକ୍ରମ କରିଛି। ବିଗତ କିଛିବର୍ଷରେ ମହୁ ରପ୍ତାନୀ ମଧ୍ୟ ତିନିଗୁଣରୁ ଅଧିକ ବୃଦ୍ଧି ପାଇଛି। ହନି ମିଶନ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଖଦି ଗ୍ରମୋଦ୍ୟୋଗ ମଧ୍ୟ ୨ ଲକ୍ଷ ୨୫ ହଜାରରୁ ଅଧିକ ମହୁ ବାକ୍ସ ଲୋକଙ୍କୁ ବିତରଣ କରିଛନ୍ତି। ଏହାଦ୍ୱାରା ହଜାର ହଜାର ଲୋକଙ୍କୁ ରୋଜଗାରର ନୂଆ ଅବସର ମିଳିପାରିଛି। ଅର୍ଥାତ୍ ଦେଶର ବିଭିନ୍ନ ଅଞ୍ଚଳରେ ମହୁର ମଧୁରତା ବୃଦ୍ଧି ପାଇଚାଲିଛି। ଏହି ମଧୁରତା ଚାଷୀମାନଙ୍କ ଆୟ ମଧ୍ୟ ବୃଦ୍ଧି କରୁଛି।

ହରିୟାଣାର କୁରୁକ୍ଷେତ୍ରଠାରେ ମହାଭାରତ ଯୁଦ୍ଧ ହୋଇଥିଲା, ଏକଥା ଆମେ ସମସ୍ତେ ଜାଣିଛୁ। କିନ୍ତୁ, ଯୁଦ୍ଧର ସେହି ଅନୁଭୂତିକୁ ଏବେ ଆପଣ ସେଠାରେ ମହାଭାରତ ଅନୁଭବ କେନ୍ଦ୍ରରେ ପ୍ରତ୍ୟକ୍ଷ ଭାବେ ଅନୁଭବ କରିପାରିବେ। ଏହି ଅନୁଭବ କେନ୍ଦ୍ରରେ ମହାଭାରତର କାହାଣୀକୁ ଥ୍ରୀ-ଡି, ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ଏବଂ ଡିଜିଟାଲ୍ ଟେକ୍‌ନିକ୍ ଦ୍ୱାରା ପ୍ରଦର୍ଶିତ କରାଯାଉଛି। ନଭେମ୍ବର ୨୫ ତାରିଖ ଦିନ ଯେତେବେଳେ ମୁଁ କୁରୁକ୍ଷେତ୍ର ଯାଇଥିଲି, ସେତେବେଳେ ଏହି ଅନୁଭବ କେନ୍ଦ୍ରର ଅନୁଭୂତି ମୋତେ ଆନନ୍ଦରେ ପରିପୂର୍ଣ୍ଣ କରିଥିଲା।

କୁରୁକ୍ଷେତ୍ରର ବ୍ରହ୍ମ ସରୋବରରେ ଆୟୋଜିତ ଆନ୍ତର୍ଜାତିକ ଗୀତା ମହୋତ୍ସବରେ ଯୋଗଦେବା ମୋ ପାଇଁ ବହୁତ ବିଶେଷ ଥିଲା। ବିଶ୍ୱର ଅନେକ ଲୋକ ଦିବ୍ୟ ଗ୍ରନ୍ଥ ଗୀତା ଦ୍ୱାରା କିଭଳି ପ୍ରେରଣା ଲାଭ କରୁଛନ୍ତି, ତାହା ମୋତେ ବହୁତ ପ୍ରଭାବିତ କରିଥିଲା। ଏହି ମହୋତ୍ସବରେ ଇଉରୋପ ଏବଂ ସେଣ୍ଟ୍ରାଲ୍ ଏସିଆ ସହିତ ବିଶ୍ୱର ଅନେକ ଦେଶର ଲୋକେ ଅଂଶଗ୍ରହଣ କରିଥିଲେ। ଏହି ମାସର ଆରମ୍ଭରେ ସାଉଦି ଆରବରେ ପ୍ରଥମଥର କୌଣସି ସାର୍ବଜନୀନଦ ମଞ୍ଚରେ ଗୀତାର ଉପସ୍ଥାପନା କରାଯାଇଛି। ଇଉରୋପ୍‌ର ଲାଟ୍‌ଭିଆରେ ମଧ୍ୟ ଗୋଟିଏ ସ୍ମରଣୀୟ ଗୀତା ମହୋତ୍ସବର ଆୟୋଜନ କରାଗଲା। ଏହି ମହୋତ୍ସବରେ ଲାଟ୍‌ଭିଆ, ଏଷ୍ଟୋନିଆ, ଲିଥୁଆନିଆ ଏବଂ ଆଲ୍ ?ଜିରିଆର କଳାକାରମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ।

ଭାରତର ମହାନ ସଂସ୍କୃତିରେ ଶାନ୍ତି ଏବଂ କରୁଣାର ଭାବ ସର୍ବୋପରି। ଆପଣ ଦ୍ୱିତୀୟ ବିଶ୍ୱଯୁଦ୍ଧ କଥା କଳ୍ପନା କରନ୍ତୁ, ଯେତେବେଳେ ଚାରିଆଡ଼େ ବିନାଶର ଭୟଙ୍କର ପରିସ୍ଥିତି ବ୍ୟାପି ରହିଥିଲା। ଏଭଳି କଠିନ ସମୟରେ ଗୁଜରାଟର ନୱାନଗରର ଜାମ୍ ସାହେବ୍, ମହାରାଜା ଦିଗ୍‌ବିଜୟ ସିଂ ଯେଉଁ ମହାନ କାର୍ଯ୍ୟ କରିଥିଲେ, ତାହା ଆଜି ମଧ୍ୟ ଆମକୁ ପ୍ରେରଣା ଦେଉଛି। ସେତେବେଳେ ଜାମ୍‌ୟ ସାହେବ୍

କୌଣସି ସାମରିକ ଗୋଷ୍ଠୀ କିମ୍ବା ଯୁଦ୍ଧର ରଣନୀତିକୁ ନେଇ ଚିନ୍ତା କରୁନଥିଲେ। କିନ୍ତୁ ତାଙ୍କର ମୁଖ୍ୟ ଚିନ୍ତା ଥିଲା, ବିଶ୍ୱ ଯୁଦ୍ଧ ପରିସ୍ଥିତିରେ କିଭଳି ପୋଲିଶ୍ ୟେହୁଦୀ ପିଲାଙ୍କୁ ରକ୍ଷା କରିବା। ସେ ସେତେବେଳେ ଗୁଜରାଟରେ ହଜାର ହଜାର ପିଲାଙ୍କୁ ଶରଣ ଦେଇ ସେମାନଙ୍କୁ ନୂଆ ଜୀବନ ଦେଇଥିଲେ,

ଯାହା ଆଜି ମଧ୍ୟ ଏକ ଉଦାହରଣ। କିଛିଦିନ ପୂର୍ବେ ଦକ୍ଷିଣ ଇସ୍ରାଏଲର ମୋଶାବ୍ ନେୱାଟିମ୍‌ରେ ଜାମ୍ ସାହେବଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଗଲା। ଏହା ଏକ ବିଶେଷ ସମ୍ମାନ। ଗତ ବର୍ଷ ପୋଲାଣ୍ଡର 'ୱାର ସୋ'ରେ ମୋତେ ଜାମ୍ ସାହେବ୍‌ଙ୍କ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ସୌଭାଗ୍ୟ ମିଳିଥିଲା। ସେହି ମୁହମର୍ତ୍ତ ମୋ ପାଇଁ ସ୍ମରଣୀୟ ହୋଇରହିବ।

କିଛିଦିନ ପୂର୍ବେ ମୁଁ ନାଚୁରାଲ୍ ଫାର୍ମିଂ ସମ୍ପର୍କରେ ଗୋଟିଏ ବିଶାଳ ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ କୋଇମ୍ବାଟୁର ଯାଇଥିଲି। ଦକ୍ଷିଣ ଭାରତରେ ନାଚୁରାଲ୍ ଫାର୍ମିଂକୁ ନେଇ ଚାଲିଥିବା ଉଦ୍ୟମକୁ ଦେଖି ମୁଁ ବହୁତ ପ୍ରଭାବିତ ହୋଇଥିଲି। ଅନେକ ଉଚ୍ଚଶିକ୍ଷିତ ପ୍ରଫେସନାଲ ଯୁବକ, ଏବେ ନାଚୁରାଲ୍

ଫାର୍ମିଂକୁ ଆପଣାଉଛନ୍ତି। ମୁଁ ସେଠାରେ ଚାଷୀମାନଙ୍କ ସହ କଥା ହେଲି। ସେମାନଙ୍କ ଅନୁଭୂତି ଶୁଣିଲି। ନାଚୁରାଲ୍ ଫାର୍ମିଂ ଭାରତର ପୁରାତନ ପରମ୍ପରାର ଅଂଶବିଶେଷ ହୋଇ ରହିଆସିଛି ଏବଂ ଧରଣୀ ମାଁର ସୁରକ୍ଷା ପାଇଁ ଏହି ପ୍ରଣାଳୀକୁ ନିରନ୍ତର ଭାବେ ପ୍ରୋତ୍ସାହିତ କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ।

ବିଶ୍ୱର ସର୍ବ ପୁରାତନ ଭାଷା ଏବଂ ବିଶ୍ୱର ସବୁଠାରୁ ପ୍ରାଚୀନ ସହରମାନଙ୍କ ମଧ୍ୟରୁ ଅନ୍ୟତମ, ଏହି ଦୁହିଁଙ୍କର ମିଳନ ସର୍ବଦା ଉତ୍କୃଷ୍ଟ ହୋଇଥାଏ। ମୁଁ କାଶୀ ତାମିଲ୍ ସଙ୍ଗମମ୍ କଥା କହୁଛି। ଡିସେମ୍ବର ୨ ତାରିଖରୁ କାଶୀର ନମୋ ଘାଟରେ ଚତୁର୍ଥ କାଶୀ ତାମିଲ୍ ସଙ୍ଗମମ୍ ଆରମ୍ଭ ହେବାକୁ ଯାଉଛି। ଏଥରର କାଶୀ ତାମିଲ୍ ସଙ୍ଗମମ୍‌ର ଥିମ୍ ବହୁତ କୌତୁହଳପ୍ରଦ - "ଲର୍ଣ୍ଣ ତାମିଲ୍ – ତାମିଲ୍

କରକଲମ୍।" କାଶୀ ତାମିଲ୍ ସଙ୍ଗମମ୍ ଏହି ସମସ୍ତ ଲୋକଙ୍କ ପାଇଁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପାଲଟିଯାଇଛି, ଯେଉଁମାନେ ତାମିଲ୍ ଭାଷାକୁ ଭଲ ପାଆନ୍ତି। କାଶୀ ଲୋକଙ୍କ ସହିତ ଯେତେବେଳେ ବି ଆଲୋଚନା ହୁଏ, ସେମାନେ ସବୁବେଳେ କହନ୍ତି ଯେ, କାଶୀ ତାମିଲ୍ ସଙ୍ଗମମ୍‌ରେ ଅଂଶଗ୍ରହଣ କରିବା ସେମାନଙ୍କୁ ବହୁତ ଭଲ ଲାଗେ। ଏଠାରେ ସେମାନଙ୍କୁ କିଛି ନୂଆ ଶିଖିବାର ଏବଂ ନୂଆ ନୂଆ ଲୋକଙ୍କୁ

ଭେଟିବାର ସୁଯୋଗ ମିଳିଥାଏ। ଏଥର ମଧ୍ୟ କାଶୀର ଅଧିବାସୀମାନେ ପୂର୍ଣ୍ଣ ଉତ୍ସାହ ଉଦ୍ଦୀପନା ସହ ତାମିଲନାଡୁରୁ ଆସିବାକୁ ଥିବା ନିଜ ଭାଇ-ଭଉଣୀମାନଙ୍କୁ ସ୍ୱାଗତ କରିବାକୁ ଆଗ୍ରହର ସହ ଅପେକ୍ଷାରତ। କାଶୀ ତାମିଲ୍ ସଙ୍ଗମମ୍‌ରେ ଅଂଶଗ୍ରହଣ କରିବାକୁ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି। ଏହାସହ ଏଭଳି ଅନ୍ୟ ମଞ୍ଚ କଥା ମଧ୍ୟ ଚିନ୍ତା କରନ୍ତୁ, ଯାହାଦ୍ୱାରା ଏକ ଭାରତ-ଶ୍ରେଷ୍ଠ

ଭାରତର ଭାବନା ସୁଦୃଢ଼ ହୋଇପାରିବ। ଏଠାରେ ମୁଁ ପୁଣିଥରେ କହିବାକୁ ଚାହୁଁଛି :

ତମିଲ୍ କଲାଇଗାରମ୍ ଉୟୱାର୍ନଦ୍

ତମିଲ୍ ମୋଲି ଉୟୱାର୍ନଦ୍

ତମିଲ୍ ଇନ୍ଦିୟାୱିନ୍ ପେରୁମିଦମ୍ । ଅର୍ଥାତ୍

ତାମିଲ୍ ସଂସ୍କୃତି ହେଉଛି ମହାନ୍

ତାମିଲ୍ ଭାଷା ହେଉଛି ମହାନ୍

ତାମିଲ୍ ଭାରତର ଗର୍ବ।

ଯେତେବେଳେ ଭାରତର ସୁରକ୍ଷା ବ୍ୟବସ୍ଥା ଶକ୍ତିଶାଳୀ ହୁଏ, ପ୍ରତ୍ୟେକ ଭାରତୀୟ ଗର୍ବ ଅନୁଭବ କରନ୍ତି। ଗତ ସପ୍ତାହରେ ମୁମ୍ବଇରେ ଆଇଏନ୍‌ଏସ୍ 'ମାହେ'କୁ ଭାରତୀୟ ନୌସେନାରେ ସାମିଲ କରାଯାଇଛି। ଲୋକଙ୍କ ମଧ୍ୟରେ ଏହାର ସ୍ୱଦେଶୀ ଡିଜାଇନ୍ ?କୁ ନେଇ ବହୁତ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ, ପୁଡୁଚେରୀ ଓ ମାଲାବାର ଉପକୂଳର ଲୋକେ ଏହାର ନାଁ ଶୁଣି ଖୁବ୍ ଖୁସି ହୋଇଗଲେ। ପ୍ରକୃତ କଥା ହେଲା ଏହାର 'ମାହେ' ନାଁଟି ସେଇ ସ୍ଥାନ ମାହେର ନାମାନୁସାରେ ରଖାଯାଇଛି, ଯାହାର ଏକ ସମୃଦ୍ଧ ଐତିହାସିକ ପରମ୍ପରା ରହିଛି। କେରଳ ଓ ତାମିଲନାଡୁର ଅନେକ ଲୋକ ଲକ୍ଷ୍ୟ କରିଛନ୍ତି ଯେ ଏହି ଯୁଦ୍ଧଜାହାଜର କ୍ରେଷ୍ଟ ଉରୁମି ଓ କଲାରି ଯଷ୍ଟିର ପାରମ୍ପରିକ ନମନୀୟ ଖଣ୍ଡା ପରି ଦେଖାଯାଉଛି। ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ଯେ ଆମର ନୌସେନା ଅତି ଦ୍ରୁତଗତିରେ ଆତ୍ମନିର୍ଭରଶୀଳତା ଆଡକୁ ଆଗେଇ ଚାଲିଛି। ଡିସେମ୍ବର ୪ରେ ଆମେ ନୌସେନା ଦିବସ ମଧ୍ୟ ପାଳନ କରିବାକୁ ଯାଉଛୁ। ଏହା ଆମ ସୈନିକଙ୍କର ଅଦମ୍ୟ ସାହସ ଓ ପରାକ୍ରମକୁ ସମ୍ମାନ ଜଣାଇବାର ଏକ ବିଶେଷ ଦିନ।

ଯେଉଁମାନେ ନୌସେନା ସମ୍ପର୍କିତ ପର୍ଯ୍ୟଟନରେ ରୁଚି ରଖନ୍ତି, ସେମାନଙ୍କ ପାଇଁ ଆମ ଦେଶରେ ବହୁତ ସ୍ଥାନ ଅଛି, ଯେଉଁଠିକି ଗଲେ ସେମାନେ ବହୁତ କିଛି ଶିଖି ।ରିବେ। ଦେଶର ପଶ୍ଚିମ ଉପକୂଳରେ ଗୁଜରାଟର ସୋମନାଥ ନିକଟରେ ଏକ ଜିଲ୍ଲା ଅଛି – ଡିଉ । ଡିଉରେ 'ଆଇଏନ୍‌ଏସ୍ ଖୁଖରୀ'କୁ ଉତ୍ସର୍ଗୀକୃତ 'ଖୁଖରୀ ମେମୋରିଆଲ ଓ ମ୍ୟୁଜିଅମ୍' ଅଛି। ସେହି ରି ଗୋଆରେ 'ନେଭାଲ୍ ଏଭିଏସନ୍ ମ୍ୟୁଜିଅମ୍' ଅଛି, ଯାହା ଏସିଆର ଏକ ଅନନ୍ୟ ସଂଗ୍ରହାଳୟ। ଫୋର୍ଟ କୋଚିର ଆଇଏନ୍‌ଏସ୍ ଦ୍ରୋଣାଚାର୍ଯ୍ୟରେ 'ଇଣ୍ଡିଆନ୍ ନେଭାଲ୍ ମାରିଟାଇମ୍ ମ୍ୟୁଜିଅମ୍' ଅଛି। ଏଠାରେ ଆମ ଦେଶର ସାମୁଦ୍ରିକ ଇତିହାସ ଓ ଭାରତୀୟ ନୌସେନାର ବିକାଶକୁ ଦେଖାଯାଇପାରେ। ଶ୍ରୀବିଜୟାପୁରମ୍, ଯାହାକୁ ପୂର୍ବରୁ ପୋର୍ଟ ବ୍ଲେୟାର କୁହାଯାଉଥିଲା, ତାହାର 'ସମୁଦ୍ରିକା – ନେଭାଲ୍ ମେରାଇନ୍ ମ୍ୟୁଜିଅମ୍' ସେହି ଅଞ୍ଚଳର ସମୃଦ୍ଧ ଇତିହାସକୁ ସାମ୍ନାକୁ ଆଣିବା ପାଇଁଜଣାଶୁଣା। କାରୱାରର ରବୀନ୍ଦ୍ରନାଥ ଠାକୁର ବେଳାଭୂମିର ଯୁଦ୍ଧଜାହାଜ ସଂଗ୍ରହାଳୟରେ କ୍ଷେପଣାସ୍ତ୍ର ଓ ଅସ୍ତ୍ରଶସ୍ତ୍ରର ପ୍ରତିକୃତି ସବୁ ରଖାଯାଇଛି। ବିଶାଖାପାଟଣାରେ ମଧ୍ୟ ଏକ ବୁଡ଼ାଜାହାଜ, ହେଲିକପ୍ଟର ଓ ବିମାନ ସଂଗ୍ରହାଳୟ ଅଛି, ଯାହା ଭାରତୀୟ ନୌସେନା ସହିତ ଜଡ଼ିତ। ମୁଁ ଆପଣମାନଙ୍କୁ, ବିଶେଷକରି ସାମରିକ ଇତିହାସରେ ରୁଚି ରଖୁଥିବା ଲୋକଙ୍କୁ ଅନୁରୋଧ କରୁଛି ଯେ ଏହି ସଂଗ୍ରହାଳୟଗୁଡ଼ିକୁ ଦେଖିବାକୁ ନିଶ୍ଚୟ ଯାଆନ୍ତୁ।

## ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟିଲା ଟ୍ରକ; ଚାଳକ ଆହତ



ବାଲେଶ୍ୱର (ମାନିସ) : ବସ୍ତା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ମଥାନୀ ବାଇପାସ ନିକଟରେ ଏକ ଲୁହା ରୋଲ ବୋଝେଇ ଟ୍ରକ ଭରସାମ୍ୟ ହରାଇ ରାସ୍ତା ତଳକୁ ଓଲଟିବା ଫଳରେ ଚାଳକ ଆହତ ହୋଇଛନ୍ତି ।ସୂଚନା ଅନୁସାରେ ଆଜି ସକାଳେ ୬.୩୦ମି ସମୟରେ ଟିଏନ ୧୮ ବି.ଟି ୮୮୪୩ ନମ୍ବର ବିଶିଷ୍ଟ ଏକ ଲୁହା ରୋଲ ବୋଝେଇ ଟ୍ରକ ଜଳେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯିବା ସମୟରେ ଅନ୍ୟ ଗାଡିକୁ ସାଇଟ ଦେବା ସମୟ ରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା ।ଫଳରେ ଗାଡ଼ିରେ ଥିବା ଚାଳକ ଆହତ ହୋଇଥିଲେ ।ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ ବସ୍ତା ଡାକ୍ତରଖାନାକୁ ପଠାଇଥିବା ବେଳେ ବସ୍ତା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡି ଜବଦ କରି ଅଧିକ ତଦନ୍ତ ଜାରି ରଖିଛି।

## ଗୋରୁ ବୋଝେଇ କଣ୍ଟେନରକୁ ଧରି ଜିମା ଦେଲେ ଲୋକେ

ବାଲେଶ୍ୱର (ମାନିସ) : ଓଡିଶାରୁ ଏକ କଣ୍ଟେନରରେ ପଶ୍ଚିମବଙ୍ଗକୁ ଗୋରୁ ଚୋରା ଚାଲାଣ ହେଉଥିବା ବେଳେ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ତାରିଣୀ ଛକ ନିକଟରେ କଣ୍ଟେନରକୁ ଗୋରୁ ନେଇ ଯାଉଥିଲା ଲୋକଙ୍କୁ ସନ୍ଦେହ ହୋଇଥିଲା ।ପରେ ଲୋକେ କଣ୍ଟେନରକୁ ଗୋଡାଇ ଗୋଡାଇ ଧରି ପୋଲିସରେ ଜିମା ଦେଲେ ଲୋକେ। କଣ୍ଟେନରରୁ ୩୫ ଟିରୁ ଉର୍ଦ୍ଧ ଗୋରୁ ଉଦ୍ଧାର ହୋଇଥିବା ବେଳେ ଘଟଣା ସ୍ଥଳରୁ ଗାଡି ଛାଡି ଡ୍ରାଇଭର ଚମ୍ପଟ ମାରିଛି, ସୂଚନା ଅନୁଯାୟୀ ରବିବାର ସଂଧ୍ୟାରେ ଭଦ୍ରକ ପଟୁ ଏକ କଣ୍ଟେନରରେ ଗୋରୁ ବୋଝେଇ କରି ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ବେଳେ ବଜରଙ୍ଗ ଦଳର କର୍ମୀ ଏବଂ ସ୍ଥାନୀୟ ଲୋକେ କୌଣସି ସୂତ୍ରରୁ ଖବର ପାଇ ଜାତୀୟ ରାଜପଥର ତାରିଣୀ ଛକ ନିକଟରେ ଗାଡିକୁ ଅଟକାଇ ପୋଲିସକୁ ଖବର ଦେଇ ଥିଲେ, ଘଟଣା ସ୍ଥଳରେ ପୋଲିସ ପହଞ୍ଚି କଣ୍ଟେନର ଜବଦ କରିବା ସହ ତା ଭିତରୁ ୩୫ ରୁ ଉର୍ଦ୍ଧ ଗୋରୁ ଉଦ୍ଧାର କରି ଗୋଶାଳାକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

## ରାଜ୍ୟସ୍ତରୀୟ ଯୁଥ କନକ୍ଲେଭ ଓ ସମ୍ମାନ ଉତ୍ସବ ୨୦୨୫ ଅନୁଷ୍ଠିତ




ବ୍ରହ୍ମପୁର (ମାନିସ) : ପବ୍ଲିକ ରାଇଟ୍ସ ଆସୋସିଏସନ ଓଡିଶା ତରଫରୁ ଏକ ରାଜ୍ୟ ସ୍ତରୀୟ ଯୁଥ କନକ୍ଲେଭ ଓ ସମ୍ମାନ ଉତ୍ସବ ୨୦୨୫ ଭୁବନେଶ୍ୱର ସ୍ଥିତ ଗୀତ ଗୋବିନ୍ଦ ସଦନରେ ତା ୨୮.୧୧.୨୦୨୫ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ମନ୍ତ୍ରୀ ଶିଳ୍ପ ଏବଂ ଦକ୍ଷତା ବିକାଶ ବିଭାଗ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ମୁଖ୍ୟ ବକ୍ତା ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ନଗର ଉନ୍ନୟନ ବିଭାଗ ଓଡିଶା ସରକାର ଏବଂ ଶ୍ରୀଯୁକ୍ତ ଅମ୍ରିତ ରତୁରାଜ ମାନନୀୟ ଜିଲ୍ଲାପାଳ ସଂମ୍ମାନିତ ଅତିଥି ଭାବେ ସମ୍ମତି ପ୍ରଦାନ କରିଥିଲେ, କୌଣସି କାରଣ ବଶତଃ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାରେ ଅସମର୍ଥ ହୋଇ ସେମାନଙ୍କର ଶୁଭ କାମନା ଜଣାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ଶ୍ରୀଯୁକ୍ତ ବାବୁ ସିଂ, ମଧ୍ୟ ବିଧାୟଜ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ଭଟଲି, ବରଗଡ଼ ଯୁବ ବିଧାୟଜ ଶ୍ରୀଯୁକ୍ତ ଇରାଶିଷ ଆଚାର୍ଯ୍ୟ, ଲୋକ ସେବକ ମଣ୍ଡଳ ନୂଆ ଦିଲ୍ଲୀ ଉପାଧକ ପ୍ରଭାସ ଆଚାର୍ଯ୍ୟ, ଶ୍ରୀଯୁକ୍ତ ପ୍ରଦୀପ କୁମାର ବେହୁରିୟା ସଂମ୍ମାନୀତ ଅତିଥି ଭାବେ ଯୋଗଦେଇ ଯୁବ ସମାଜ ଜାଗ୍ରତ ହୋଇ ସମାଜସେବାକୁ ବ୍ରତ ଭାବେ ଗ୍ରହଣ କରି, ରାଜ୍ୟ, ଦେଶ ସେବାରେ ପ୍ରମୁଖ ଭୂମିକା ଗ୍ରହଣ ପାଇଁ ଉଦବୋଧନ ଦେଇଥିଲେ। ପବ୍ଲିକ ରାଇଟ୍ସ ଆସୋସିଏସନ ଓଡ଼ିଶାର ସଭା ନେତ୍ରୀ ଶ୍ରୀମତୀ ଜ୍ୟୋତିର୍ମୟୀ ପଣ୍ଡା ମହୋଦୟା ପ୍ରେରଣା ର ଉତ୍ସ ପାଲ ଟିଥିବା ଓଡିଶା ର ପ୍ରତି ଜିଲ୍ଲା ରୁ ଯୁବ ସମାଜସେବୀ, ଅନୁଷ୍ଠାନ, ବ୍ୟବସାୟୀ, ଡାକ୍ତର, ଓକିଲ, ନୃତ୍ୟନୁଷ୍ଠାନ, ଗୀତିକାର, କବି, ଲେଖାୟିତ୍ରୀ, ଚୟନ କରି ପ୍ରେରଣା ସମ୍ମାନ ରେ ସମ୍ମାନିତ କରି, ସମସ୍ତ ବ୍ୟକ୍ତିତ୍ୱଙ୍କୁ ନିଜ ମନ କୁ ଜାଗ୍ରତ କରି ସମାଜସେବାରେ ବ୍ରତୀ ହେବା ପାଇଁ ଆହ୍ୱାନ କରିଥିଲେ। ଶେଷରେ ପବ୍ଲିକ ରାଇଟ୍ସ ଆସୋସିଏସନ ର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ନାରାୟଣ ମହାନକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅନୁଷ୍ଠାନ ର ମାନଜିଙ୍ଗ ଟ୍ରଷ୍ଟି ଶ୍ରୀମତୀ ପଙ୍କଜିନୀ ବେହୁରା ଓ ଶ୍ରୀଯୁକ୍ତ ସ୍ୱପ୍ନ କୁମାର ମିଶ୍ର, ପରିଚାଳନା କରିଥିଲେ। ଆଇନଜୀବୀ ଅଙ୍କିତା ଗଙ୍ଗଦେବ, ଆଲବର୍ଟ ସକେସ୍ପିଆର ବେହ୍ୟା, ଆଇନଜୀବୀ ବବିତା ଘଡେଇ, ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ରବି ରାଉତରାୟ, ଅଭିମନ୍ୟୁ ସ୍ୱାଇଁ, ସୁବ୍ରାଂଶୁ ଶେଖର ଜେନା, ସ୍ୱୟପ୍ରଭା ବେହେରା, ରୁପାଲୀ ହୋତା,ଶ୍ୱେତାଲିନା ପଣ୍ଡା ଆସୋସିଏସନ ର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳିତ କରିଥିଲେ।



କଟକ ମହତାବ ରୋଡ ଦୋଲମୁଣ୍ଡେଇରେ କେୟାର ରିହାବ ସେଣ୍ଟରର ହୋଇଛି ଶୁଭ ଉଦ୍‌ଘାଟନ (ଫଟୋ : ମାତୃଭାଷା)

## ଆଠଗଡ଼ ବ୍ଲକରେ ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରାମାଣିକ ଆଳୁ ବିହନ ବିତରଣ

ଭୁବନେଶ୍ୱର : କଟକ ଜିଲ୍ଲା ଆଠଗଡ଼ ବ୍ଲକର ଧୁରୁଷିଆ ପଞ୍ଚାୟତ ଅନ୍ତର୍ଗତ ଜଗମୋହନପୁର ଗ୍ରାମ ଠାରେ ରବିବାର ଏକ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଚଳିତ ରବିଋତୁ ୨୦୨୫ ରେ ରାଜ୍ୟ ସରକାରଙ୍କ 'ଆଳୁ, ପନିପରିବା ଏବଂ ମସଲା ଉନ୍ନୟନ୍ ' ଯୋଜନା ଅଧୀନରେ ପ୍ରାମାଣିକ ଆଳୁ ବିହନ ବିତରଣ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ହୋଇଛି । ଚଳିତ ରବି ଋତୁରେ ଗୁଣାତ୍ମକ ଅଧିକ ଉତ୍ପାଦକ୍ଷମ ବିହନ ଆଳୁ ଯୋଗାଣ ପୂର୍ବକ ଆଳୁ ଚାଷର ବ୍ୟାପକ ପ୍ରସାର ଏବଂ କୃଷକ ମାନଙ୍କର ଆର୍ଥିକ ଉନ୍ନତି ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଅଟେ । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉପମୁଖ୍ୟ ମନ୍ତ୍ରୀ ତଥା କୃଷି ଏବଂ କୃଷକ ସଶକ୍ତ କରଣ ଓ ଶକ୍ତିବିଭାଗର ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ସମବେତ କୃଷକମାନଙ୍କୁ ସମ୍ବୋଧନ କରି ଆଳୁଚାଷର ଉତ୍ପାଦନ ବୃଦ୍ଧିନିମନ୍ତେ,ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ରାଜ୍ୟରେ ଆଳୁଯୋଗାଣ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ବ୍ୟକ୍ତ କରିଥିଲେ । ଆଠଗଡ଼ର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଳୁର ଅଧିକ ଉତ୍ପାଦନକ୍ଷମ ଗୁଣାତ୍ମକ ବିହନ ସହିତ ଉନ୍ନତ ବୈଜ୍ଞାନିକ ଚାଷ ପ୍ରଣାଳୀ ମାଧ୍ୟମରେ ରାଜ୍ୟରେ ଆଳୁ ଉତ୍ପାଦନ ବୃଦ୍ଧି ପାଇଁ ସମବେତ କୃଷକମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଉପସ୍ଥିତ ଅତିଥି ବୃନ୍ଦ,କୃଷକ ଏବଂ ଜନସାଧାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର 'ମନ୍ କି ବାତ୍ ' ଉଦ୍‌ବୋଧନକୁ ଶ୍ରବଣ କରିଥିଲେ ଏବଂ ତା ପରେ ରାଜ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମାନ୍ ସାଗତ ସମ୍ଭାଷଣ ରଖିଥିଲେ ।ରାଜ୍ୟ ସରକାରଙ୍କ ବିହନ ଯୋଗାଣ ନିଗମର ପରିଚାଳନାକାରୀ ନିର୍ଦ୍ଦେଶକ ନୀତିରଞ୍ଜନ ସେନ୍ ରାଜ୍ୟର କୃଷକମାନଙ୍କ ଚାହିଦା ଅନୁସାରେ ଯଥାସମୟରେ ପ୍ରାମାଣିକ ବିହନ ଆଳୁ ଯୋଗାଣ ଦିଗରେ ନିଗମର ପ୍ରଚେଷ୍ଟା ସମ୍ବନ୍ଧରେ ଅବଗତ କରାଇଥିଲେ । ବର୍ତ୍ତମାନ ସୁଦ୍ଧା ୧,୪୦,୦୦୦ କ୍ୱିଣ୍ଟାଲ ବିହନ ଆଳୁ ପଠାଯାଇଛି ଏବଂ ବିଭିନ୍ନ ଜିଲ୍ଲାର ଚାଷୀମାନଙ୍କ ମଧ୍ୟରେ ୯୧,୬୩୩ କ୍ୱିଣ୍ଟାଲ ବିହନ ଆଳୁ ବଣ୍ଟନ କରାଯାଇଛି ।କଟକ ଜିଲ୍ଲାରେ, ୮୦୦ ହେକ୍ଟର ଜମିକୁ କଭର କରିବାର ଯୋଜନା ରହିଛି, ଯାହା ମଧ୍ୟରୁ ଆଠଗଡ଼ ଉପଖଣ୍ଡରେ ୨୭୦ ହେକ୍ଟର ଜମିରେ ଆଳୁ ଚାଷ କରାଯିବା ଯୋଜନା ରହିଛି ।ଏହା ପରେ କୃଷକମାନଙ୍କୁ ପ୍ରାମାଣିକ ବିହନ ଆଳୁ ବିତରଣ ଏବଂ କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ଆଳୁ ବିହନ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ଶିନ୍ଦେ, ରାଜ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକପ୍ରଫୁଲ୍ଲ କୁମାର ଭଞ୍ଜ, ସୁବ୍ରତ କୁମାର ଚାନ୍ଦ, ,କଟକ ଜିଲ୍ଲାର ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସାଣ୍ଡୁଲ୍ ରାମା ରାଓ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ,ବାଙ୍କୀ ଉପଖଣ୍ଡର ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଆଠଗଡ଼ ଉପଖଣ୍ଡ ର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ତଥା କଟକ ଜିଲ୍ଲାର ସମସ୍ତ ବ୍ଲକର ସହକାରୀ ଉଦ୍ୟାନ କୃଷି ଅଧିକାରୀଗଣ, ସ୍ଥାନୀୟ ଲୋକ ପ୍ରତିନିଧି ଉକ୍ତ ବିହନ ଆଳୁ ବିତରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଚିକିତ୍ସା ପାଇଁ ସାଥୀରେ ପୋଷା କୁକୁର ନେଇ ଡାକ୍ତରଖାନା ଯାଇଥିଲେ ରୋଗୀ, ଆକ୍ରମଣ କଲେ ସୁରକ୍ଷାକର୍ମୀ !

ପାରଳାଖେମୁଣ୍ଡି : ରୋଗରେ ଆକ୍ରାନ୍ତ ବ୍ୟକ୍ତିମାନେ ଶୀଘ୍ର ଆରୋଗ୍ୟଲାଭ କରିବା ପାଇଁ ଡାକ୍ତରଖାନାକୁ ସବୁଠାରୁ ଭଲ ସ୍ଥାନ ମନେ କରନ୍ତି। ଏଥି ପାଇଁ ସୁଚିନ୍ତା କରି ହସ୍ ?ପିଟାଲରେ ପହଞ୍ଚିଥାନ୍ତି। କିନ୍ତୁ ଅନେକ ସ୍ଥାନରେ ରୋଗୀମାନେ ଡାକ୍ତରଖାନାରେ ଭଲ ହୋଇ ଘରକୁ ଫେରିବା ପରିବର୍ତ୍ତେ ଅଭାବନୀୟ ଘଟଣାର ସାମ୍ନା ମଧ୍ୟ କରିଥାନ୍ତି। ପାରଳାଖେମୁଣ୍ଡିସ୍ଥିତ ଗଜପତିଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଆଜି ଅପରାହ୍ନରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ରୋଗୀ ସାଥୀରେ ନିଜର ପୋଷା କୁକୁର ନେଇକି ଡାକ୍ତରଖାନା ଯାଇଥିବାରୁ ସେ ହଟହଟ୍ଟାର ଶିକାର ହୋଇଛନ୍ତି। ତାଙ୍କୁ ସେଠାରେ ପ୍ରାଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ସଂପୃକ୍ତ ରୋଗୀଙ୍କୁ ଡାକ୍ତରଖାନାର ସୁରକ୍ଷାକର୍ମୀମାନେ ଆକ୍ରମଣ କରିଛନ୍ତି। ଗଜପତି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ସୁରକ୍ଷାକର୍ମୀଙ୍କ ଦାଦାଗିରି ଦେଖିବାକୁ ମିଳିଛି। ଚିକିତ୍ସା ନିମନ୍ତେ ଆସିଥିବା ରୋଗୀଙ୍କୁ ପ୍ରାଣାନ୍ତକ ଆକ୍ରମଣ କରାଯାଇଛି। ସ୍ୱଷ୍ଟ ଦିବାଲୋକରେ ରୋଗୀଙ୍କୁ ଆକ୍ରମଣ କରାଯାଉଥିବା ବେଳେ ଅନ୍ୟ ରୋଗୀ, ରୋଗୀ ସଂପର୍କୀୟ ଏବଂ ମେଡିକାଲ କର୍ମଚାରୀମାନେ ଉପସ୍ଥିତ ଥିଲେ। କିନ୍ତୁ ରୋଗୀଙ୍କୁ ଆକ୍ରମଣରୁ କେହି ସୁରକ୍ଷା ଦେଇପାରି ନଥିଲେ। ଲହୁଲୁହାଣ କରିବା ପରେ ସୁରକ୍ଷାକର୍ମୀମାନେ ରୋଗୀଙ୍କୁ ଥାନାରେ ଜିମା ଦେଇଛନ୍ତି। ସୂଚନା ଅନୁସାରେ ଜଣେ ରୋଗୀ ନିଜର ଚିକିତ୍ସା ପାଇଁ ଆଜି ମଧ୍ୟାହ୍ନରେ ହସ୍ପିଟାଲ ଆସିଥିବା ବେଳେ ତାଙ୍କ ସାଥିରେ ସେ ପୋଷା କୁକୁର ରଖିଥିଲେ। ସାଥୀରେ ପୋଷା କୁକୁର ଥିବାରୁ, ରୋଗୀଙ୍କୁ



ସୁରକ୍ଷାକର୍ମୀମାନେ ଅଟକାଇଥିଲେ। ପୋଷା କୁକୁରକୁ କାହିଁକି ଘରେ ରଖି ଆସିନ ବୋଲି କହିଥିଲେ। କିନ୍ତୁ ରୋଗୀ ଜଣଙ୍କ ଏକା ଥିବାରୁ ସାଥୀରେ ନେଇ ଆସିଛି ବୋଲି କହିଥିଲେ। ଏଥି ସହିତ କୁକୁରକୁ ଯୁମ ନିକଟରେ ରଖିବାକୁ ନିବେଦନ କରିଥିଲେ। କ୍ଷୋଭର ବିଷୟ ଯେ, ରୋଗୀଙ୍କ କଥା ଶୁଣିବା ପରିବର୍ତ୍ତେ, ସୁରକ୍ଷାକର୍ମୀମାନେ ଗାଳିଗୁଲଜ କରିବା ଆକ୍ରମଣ କରିଥିଲେ। ଚାରିରୁ ଅଧିକ ସୁରକ୍ଷାକର୍ମୀ ତାଙ୍କୁ ମାଡ଼ ମାରୁଥିବାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଯାହା ଦେଖାଯାଉଛି, ସୁରକ୍ଷାକର୍ମୀମାନେ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବା ପରିବର୍ତ୍ତେ, ବିଶୃଙ୍ଖଳା କରୁଥିବା ନେଇ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ପାରଳାଖେମୁଣ୍ଡିସ୍ଥିତ ଗଜପତି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭୁବନେଶ୍ୱର ଏକ ଘରୋଇ କଂପାନି ପକ୍ଷରୁ ସୁରକ୍ଷାକର୍ମୀ ନିୟୋଜିତ କରାଯାଇଛି। ତେବେ ଆକ୍ରମଣ ନେଇ ସୁରକ୍ଷା ସଂସ୍ଥା ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ସେହିପରି ପୁଲିସ ପକ୍ଷରୁ ଥାନାରେ ବର୍ତ୍ତମାନ ସୁଦ୍ଧା କୌଣସି ମାମଲା ମଧ୍ୟ ରୁଜୁ ହୋଇନଥିବା ଜଣାପଡ଼ିଛି।

ମାତୃଭାଷା



# ହ୍ୟାଲୋ ବଲିଉଡ୍



## ଅନନ୍ୟାଙ୍କ ସହ ନାଚିବାକୁ ଡରୁଥିଲେ ବିଜୟ

ଦକ୍ଷିଣୀ ସିନେମାର ସୁପରଷ୍ଟାର୍ ବିଜୟ ଦେବରାକୋଣ୍ଡା ବହୁ ବ୍ଲକବଷ୍ଟର୍ ହିଟ୍ ଦେଇଛନ୍ତି । ଆକ୍ସନ୍ ଷ୍ଟାର୍ ଭାବେ ଜଣାଶୁଣା ଦେବରାକୋଣ୍ଡାଙ୍କୁ ପରଦାରେ ଖୁବ୍ କମ୍ ନାଚଗାଡରେ ଦେଖାଯାଏ । ତେବେ ୨୦୨୨ରେ ରିଲିଜ୍ ହୋଇଥିବା ହିନ୍ଦୀ ଛବି 'ଲାଇଗର୍'ରେ ବିଜୟଙ୍କୁ ନାଚିବାକୁ ପଡ଼ିଥିଲା । ଆଉ ଏହି ଚଳଚ୍ଚିତ୍ରରେ ତାଙ୍କର ନାୟିକା ଥିବା ଅନନ୍ୟା ପାଣ୍ଡେଙ୍କ ସହ ରୋମାଣ୍ଟିକ୍ ଟ୍ରାକ୍ 'ଆଫତ୍...'ରେ ଷ୍ଟେପ୍ସ୍ ଦେବାକୁ ସେ ଡରି ଯାଉଥିଲେ । ଏହି ଗୀତର ସୁଟିଂ ସମୟର କଥା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବ । କାରଣ ସାଉଥ୍ ସିନେମାର ଅଧିକାଂଶ ନାୟକ ନାଚରେ ପାରଙ୍ଗମ ହୋଇଥିବା ବେଳେ ଦେବରାକୋଣ୍ଡା ନାଚକୁ ଭୟ କରୁଥିଲେ । 'ଲାଇଗର୍'ର ଗୀତ ସୁଟିଂ ପୂର୍ବରୁ କୋରିଓଗ୍ରାଫର ପୀୟୁଷ ଭଗତ ଓ ସାଜିଆ ସାମ୍‌ଜୀ ଯେତେବେଳେ ବିଜୟଙ୍କୁ ଷ୍ଟେପ୍ସ୍ ଶିଖାଇଲେ, ଦେବରାକୋଣ୍ଡା ଭୟ ପାଇଗଲେ । ପୁଣି ନାୟିକା ଅନନ୍ୟା ପାଣ୍ଡେଙ୍କ ସହ ସେ ସହଜ ହୋଇ ପାରୁ ନଥିଲେ । କୋରିଓଗ୍ରାଫରଙ୍କୁ ସେ କହିଥିଲେ, ''ଭାଇ ତମେମାନେ ମିଶି ମତେ ମାରିଦବ କି ? ଇଏ କ'ଣ କରାଉଛ ? ଇଏ କ'ଣ ମୋ ଦ୍ୱାରା ହେବ ?'' ରିହର୍ସାଲ୍ ସମୟରେ ନର୍ଭସ୍ ହେଉଥିଲେ ବି ଜୋର୍‌ଦାର୍ ପ୍ରାକ୍ଟିସ୍ କରିଥିଲେ ସେ । ଶେଷରେ ବହୁତ ଅଭ୍ୟାସ କରି ଷ୍ଟେପ୍ସ୍‌ଗୁଡ଼ିକୁ ନିଜ ଅକ୍ତିଆରକୁ ନେଇଆସିଥିଲେ । କୋରିଓଗ୍ରାଫର୍ ଦ୍ୱୟ ଭାବିଥିଲେ ସୁଟିଂ ବେଳେ ଦେବରାକୋଣ୍ଡା ଝୁଣ୍ଟିବେ । କିନ୍ତୁ ସେ ବଢ଼ିଆ ଷ୍ଟେପ୍ସ୍ ଦେଇ ଅନନ୍ୟାଙ୍କୁ ପୂରା ଟକ୍କର୍ ଦେଇଥିଲେ । ୟୁଟ୍ୟୁବ୍‌ରେ ମିଲିୟନ୍ ମିଲିୟନ୍ ଭିୟୁ ଯାଇଥିବା ସେ ଗୀତରେଅନନ୍ୟା ପାଣ୍ଡେଙ୍କ ସହ ତାଙ୍କର କେମିଷ୍ଟ୍ରି ବି ମନମୋହୁଛି ।

### ଦିଲ୍ଲୀରେ ଭୟଙ୍କର ଅଗ୍ନିକାଣ୍ଡ

# ଜଳିଗଲା ୪ ମହଲା କୋଠା, ୪ ମୃତ

**ନୂଆଦିଲ୍ଲୀ:** ରାଜଧାନୀରେ ଭୟାବହ ଅଗ୍ନିକାଣ୍ଡ । ଦିଲ୍ଲୀ ସଙ୍ଗମ ବିହାର ଅଞ୍ଚଳରେ ଭୟଙ୍କର ଅଗ୍ନିକାଣ୍ଡ । ହୁତୁ ହୁତୁ ହୋଇ ଜଳିଲା ୪ ମହଲା କୋଠା । ଫଳରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି ।

### ନିଆଁକୁ ଆୟତ୍ତ କଲା ଅଗ୍ନିଶମ ବାହିନୀ



ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି ।

ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ଦିଲ୍ଲୀର ତିଗ୍ରୀ ଏକ୍ସଟେନସନ ଅଞ୍ଚଳରେ ଥିବା ଏକ ଚାରି ମହଲା କୋଠାର ତଳ ମହଲାରେ ଥିବା ଏକ ଜୋତା ଦୋକାନରେ ନିଆଁ ଲାଗିଥିଲା । ଏହା ପରେ ଉପର ମହଲାକୁ ବ୍ୟାପି ସମଗ୍ର କୋଠାକୁ ଗ୍ରାସ କରିଥିଲା । ଦିଲ୍ଲୀ ଅଗ୍ନିଶମ ବାହିନୀର ୨ଗୋଟି ଗାଡ଼ି ନିଆଁକୁ ନିୟନ୍ତ୍ରଣ କରିଥିଲା । ଦିଲ୍ଲୀ ଅଗ୍ନିଶମ ବାହିନୀ ସନ୍ଧ୍ୟା ୬ଟା ୨୭ ରେ ସୂଚନା ପାଇଥିଲା ଯେ ମଙ୍ଗଳ ମାର୍କେଟ ନିକଟରେ ଏକ ଘରେ ନିଆଁ ଲାଗିଯାଇଛି । ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସଫଳତାର ସହ ନିଆଁ ଲିଭାଇଥିଲେ । ନିଆଁକୁ ନିୟନ୍ତ୍ରଣ କରାଯିବା ପରେ, ଅଗ୍ନିଶମ ବିଭାଗ ଦ୍ୱାରା କରାଯାଇଥିବା ତଦନ୍ତ ସମୟରେ ଘରୁ ତିନୋଟି ମୃତଦେହ ଉଦ୍ଧାର କରାଯାଇଥିଲା । ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡିନଥିବା ବେଳେ ଘଟଣାରେ ତଦନ୍ତ ଜାରି ରହିଛି । ଅଗ୍ନିଶମ କର୍ମଚାରୀମାନେ ଘର ଭିତରୁ ଦୁଇଜଣଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛନ୍ତି ।

ସେପଟେ ଦିଲ୍ଲୀ ପୁଲିସ କହିଛି ଯେ, ଶନିବାର ସନ୍ଧ୍ୟା ୬ଟା ୨୪ରେ, ଏକ କଲ୍ ଆସିଥିଲା ଯେଉଁଥିରେ ସେମାନଙ୍କୁ ସୂଚନା ଦିଆଯାଇଥିଲା ଯେ ତିଗରୀ ଏକ୍ସଟେନସନର ବି ବ୍ଲକରେ ଥିବା ଏକ ଚାରି ମହଲା କୋଠାରେ ନିଆଁ ଲାଗିଛି । ତିଗରୀ ପୁଲିସ ଷ୍ଟେସନର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦେଖିଥିଲେ ଯେ ଚାରି ମହଲା କୋଠାରେ ଏକ ଭୟଙ୍କର ନିଆଁ ଲାଗି ରହିଛି, ଯାହା ଗ୍ରାଉଣ୍ଡ ଫ୍ଲୋରରେ ଥିବା ଏକ ଜୋତା ଦୋକାନରୁ ଆରମ୍ଭ ହୋଇଥିଲା । ଏହି ଘଟଣାରେ ଚାରି ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଜଣେ ବ୍ୟକ୍ତି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ମୃତକଙ୍କ ମଧ୍ୟରୁ ଜଣେ ମାଲିକ ସତିନ୍ଦର ଭାବରେ ଚିହ୍ନଟ ହୋଇଛନ୍ତି । ବିସ୍ତୃତ ତଦନ୍ତ ପାଇଁ ଘଟଣାସ୍ଥଳକୁ କ୍ରାଇମ ଏବଂ ଫୋରେନସିକ୍ ଟିମକୁ ଡକାଯାଇଥିଲା । ପ୍ରକାଶ ଥାଉକି, ପୂର୍ବରୁ ନଭେମ୍ବର ୨୬ ତାରିଖରେ, ନାରେଲା ଶିଳ୍ପାଞ୍ଚଳରେ ଏକ ଚାରି ମହଲା ବିଶିଷ୍ଟ ଗୋଦାମରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା ଏବଂ କିଛି ଘଣ୍ଟା ପରେ ଦୁଇଟି ଉପର ମହଲା ଭୁଶୁଡ଼ି ପଡ଼ିଥିଲା ।

## କୁଟକୁ ସ୍ୱତନ୍ତ୍ର ଉଲ୍ଲେଖ ପୁରସ୍କାର

**ଭୁବନେଶ୍ୱର:** ଆଧୁନିକ ଏବଂ ଅନ୍ତର୍ଭୁକ୍ତ ସାର୍ବଜନୀନ ପରିବହନରେ ଏହାର ପାଦଚିହ୍ନକୁ ସୁଦୃଢ଼ କରି, ରାଜଧାନୀ କ୍ଷେତ୍ର ସହରାଂଚଳ ପରିବହନ (କୁଟ) କୁ ୧୮ ତମ ସହରାଂଚଳ ଗତିଶୀଳତା ଭାରତ (ୟୁଏମଆଇ) ସମ୍ମିଳନୀରେ ଏକ ସ୍ୱତନ୍ତ୍ର ଉଲ୍ଲେଖ ପୁରସ୍କାରରେ ସମ୍ମାନିତ କରାଯାଇଛି । ଗଣମାଧ୍ୟମ ସହିତ ଏହି ସଫଳତା ସମ୍ପର୍କରେ ସୂଚନା ପ୍ରଦାନ କରି ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଘୋଷଣା କରିଛନ୍ତି ଯେ ଓଡ଼ିଶା ୨୦୨୬ ଅକ୍ଟୋବର ଶେଷ ସପ୍ତାହରେ ୧୯ ତମ ସହରାଂଚଳ ଗତିଶୀଳତା ଭାରତ ସମ୍ମିଳନୀ ଗର୍ବର ସହିତ ଆୟୋଜନ କରିବ । ଗଣମାଧ୍ୟମ ସହିତ କଥାବାର୍ତ୍ତା ଅବସରରେ ଡକ୍ଟର ମହାପାତ୍ର ଆଲୋକପାତ କରିଥିଲେ ଯେ ଆମ ବସ୍ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟରେ ସାର୍ବଜନୀନ ପରିବହନ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖୁଛି । 'ବର୍ତ୍ତମାନ ସାରା ଓଡ଼ିଶାରେ ୬୭୦ ଟି ଆମ ବସ୍ ଚାଲୁଛି, ଯେଉଁଥିରେ ୨୨୦ ଟି ଇଲେକ୍ଟ୍ରିକ୍ ବସ୍ ସାମିଲ ଅଛି ଯାହା ସ୍ୱଚ୍ଛ ଏବଂ ସବୁଜ ପରିବହନ ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିଥାଏ । ବହୁତ ଶୀଘ୍ର, ସହରାଂଚଳ ସଂଯୋଗୀକରଣକୁ ଆହୁରି ଉନ୍ନତ କରିବା ପାଇଁ ଛଅଟି ନୂତନ ସହରକୁ ଇଲେକ୍ଟ୍ରିକ୍ ବସ୍ ବିସ୍ତାର କରାଯିବ,' ବୋଲି ସେ କହିଛନ୍ତି । ଡକ୍ଟର ମହାପାତ୍ର ସୂଚନା ଦେଇଛନ୍ତି ଯେ ଆମ ବସ୍ ବର୍ତ୍ତମାନ ୧୩୯୯ କିଲୋମିଟର ପରିବ୍ୟାପ୍ତ ୧୧୩ ଟି ରୁଟରେ ଚାଲୁଛି, ଯାହା ପ୍ରତିଦିନ ହଜାର ହଜାର ଯାତ୍ରୀଙ୍କୁ ସେବା ଯୋଗାଇଥାଏ । ଶେଷ ମାଇଲ୍ ସଂଯୋଗୀକରଣ ଏବଂ ସାଧାରଣ ପରିବହନର ସହଜତା ସୁନିଶ୍ଚିତ କରିବା ପାଇଁ ବର୍ଦ୍ଧିତ ଚାହିଦା ଥିବା ସହରଗୁଡ଼ିକ ଉପରେ ଧ୍ୟାନ ଦେଇ ପର୍ଯ୍ୟାୟକ୍ରମେ ବସ୍ ରୁଟ୍ ସମ୍ପ୍ରସାରଣ ଜାରି ରହିବ ।

# ସୀମା ନିକଟରୁ ୭୨ ଆତଙ୍କୀ ଲଞ୍ଚ ପ୍ୟାଡ୍ ସିଫ୍ଟ କଲା ପାକିସ୍ତାନ

**ନୂଆଦିଲ୍ଲୀ:** ଅପରେସନ୍ ସିନ୍ଦୂର ପରେ, ପାକିସ୍ତାନ ସୀମା ନିକଟରେ ଥିବା ୭୨ଟି ଆତଙ୍କବାଦୀ ଲଞ୍ଚପ୍ୟାଡ୍‌କୁ ଭିତରକୁ ସ୍ଥାନାନ୍ତରିତ କରିଛି । ଏନେଇ ଶନିବାର ବିଏସଏଫର ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ସରକାରଙ୍କ

### 'ଅପରେସନ୍ ସିନ୍ଦୂର'ର ଭୟ



ନିର୍ଦ୍ଦେଶ ଅନୁଯାୟୀ ଶତ୍ରୁପକ୍ଷକୁ ପ୍ରବଳ କ୍ଷତି ପହଞ୍ଚାଇବାକୁ ବିଏସଏଫ ପ୍ରସ୍ତୁତ । ତଥାପି, ମେ ମାସରେ ଚାରି ଦିନିଆ ସଂଘର୍ଷ ପରଠାରୁ ସେନା ଅପରେସନ୍‌ରେ ବିରତି ବଜାୟ ରଖିଛି ।

ବିଏସଏଫ ଡିଆଇଜି ବିକ୍ରମ କୁଅଁର କହିଛନ୍ତି, ସିଆଲକୋଟ ଏବଂ ଜାଫରୱାଲ ଅଞ୍ଚଳରେ ପ୍ରାୟ ୧୨ଟି ଲଞ୍ଚପ୍ୟାଡ୍ କାର୍ଯ୍ୟକ୍ଷମ ଅଛି । ସେଭଳି ଅନ୍ୟ ଅଞ୍ଚଳରେ ୬୦ଟି ଲଞ୍ଚପ୍ୟାଡ୍ ସକ୍ରିୟ ଅଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଲଞ୍ଚପ୍ୟାଡ୍ ସ୍ଥାୟୀ ନୁହେଁ ଏବଂ ସାଧାରଣତଃ ଆତଙ୍କବାଦୀମାନେ ଭାରତରେ ଅନୁପ୍ରବେଶ କରିବା ପୂର୍ବରୁ ସକ୍ରିୟ ରହିଥାନ୍ତି । ବର୍ତ୍ତମାନ ସୀମା ନିକଟରେ କୌଣସି ତାଲିମ ଶିବିର ନାହିଁ । ଡିଆଇଜି କୁନୱାର କହିଛନ୍ତି ପୂର୍ବରୁ, ଜେଇଏମ୍ ଏବଂ ଏଲ୍‌ଇଟି ସଦସ୍ୟମାନେ ପୃଥକ ପୃଥକ ଅଞ୍ଚଳରେ କାର୍ଯ୍ୟ କରୁଥିଲେ, କିନ୍ତୁ 'ଅପରେସନ୍ ସିନ୍ଦୁର' ପରଠାରୁ, ଆତଙ୍କବାଦୀଙ୍କୁ ଏକାଠି ତାଲିମ ଦିଆଯାଉଛି । ଏହା ଦ୍ୱାରା ଯେ କୌଣସି ଗୋଷ୍ଠୀକୁ ମିଳିତ ଭାବରେ ଟ୍ରେନିଂ ନେବାର ସୁବିଧା ମିଳିପାରୁଛି । ଆଇଜି ଜମ୍ମୁ ଫ୍ରଣ୍ଟିୟର ଶଶାଙ୍କ ଆନନ୍ଦ କହିଛନ୍ତି , ଯଦି ସରକାର 'ଅପରେସନ ସିନ୍ଦୂର' ପୁଣି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଅନ୍ତି, ତେବେ ବିଏସଏଫ ସମ୍ପୂର୍ଣ୍ଣ ପ୍ରସ୍ତୁତ । ବିଏସଏଫ ୧୯୬୫, ୧୯୭୧, ୧୯୯୯ କାର୍ଗିଲ ଏବଂ 'ଅପରେସନ ସିନ୍ଦୂର' ସମେତ ବିଭିନ୍ନ ଯୁଦ୍ଧରେ ଅଭିଜ୍ଞତା ହାସଲ କରିଛି ଏବଂ ଆବଶ୍ୟକ ହେଲେ ଶତ୍ରୁକୁ ଅଧିକ କ୍ଷତି ପହଞ୍ଚାଇପାରିବ ।

## ବାଲି ଚୋରା ଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ କେବେ

**କେନ୍ଦ୍ରାପଡା:** ମାର୍ଶାଘାଇ ତହସିଲ ଅନ୍ତର୍ଗତ କରିଲୋପାଟଣା କରାଣ୍ଡିଆ ନଦୀ ପଠାରୁ ଦିନ ରାତି ନିର୍ବିଘ୍ନରେ ଶହ ଶହ ଟ୍ରିପ୍ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ମିଳିଛି । ଫକିର୍‌ପୁର, ତଳଗାଁ ସହିତ ଅଂଚଳରେ ଅବୈଧ ବାଲି ବ୍ୟବସାୟ ଜୋରଦାରରେ ଚାଲୁଥିବା ବେଳେ, କରିଲୋପାଟଣା (ଆରାଇ) ଅଫିସ ଆଗରେ ପଛରେ ବାଲିଗଦା ହୋଇ ଖୋଲାଖୋଲି ଭାବେ ବିକ୍ରି ହେଉଛି ବୋଲି ଅଭିଯୋଗ ଉଠିଛି । ଟ୍ରାକ୍ଟରରେ ନମ୍ବର ନଥିବା ଜଣାପଡିଛି । ଅଂଚଳର ଲୋକଙ୍କ କହିବା ମତେ, ଅବୈଧ ବାଲି ଓ ଚେରା ଚାଲଣ ହେବା ଫଳରେ ସଡ଼କକୁ କ୍ଷତି ହେଉଥିବା ସହ ଯାତାୟାତରେ ଗୁରୁତର ଅସୁବିଧା ସୃଷ୍ଟି ହେଉଛି । ସ୍କୁଲ, କଲେଜ, ମେଡିକାଲ ଯିବା ପାଇଁ ସମସ୍ୟା ବଢୁଛି । ରୋଗୀ, ଛାତ୍ରଛାତ୍ରୀ ଓ ସାଧାରଣ ଯାତ୍ରୀମାନେ ଅତ୍ୟନ୍ତ ଅସୁବିଧାରେ ପଡୁଛନ୍ତି ବୋଲି ଅଂଚଳବାସୀ ଅଭିଯୋଗ କରୁଛନ୍ତି ।

### କାଲିଫର୍ଣ୍ଣିଆରେ ଅଜଣା ଆତତାୟୀଙ୍କ ଆଖିବୁଜା ଗୁଳିମାଡ

# ୨ ମୃତ, ଅନେକ ଆହତ




ନୂଆଦିଲ୍ଲୀ : କାଲିଫର୍ଣ୍ଣିଆର ଲୁସିଲ୍ ଆଭେନ୍ୟୁରେ ଗତକାଲି (ଶନିବାର) ସନ୍ଧ୍ୟାରେ ଏକ ଗୁଳିକାଣ୍ଡ ଘଟିଛି, ଯେଉଁଥିରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅତି କମରେ ପାଞ୍ଚ ଜଣ ଆହତ ମଧ୍ୟ ହୋଇଛନ୍ତି । ଆହତ ମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସାନ୍ ଜୁଆକ୍ୱିନ୍ କାଉଣ୍ଟି ସେରିଫ୍ କାର୍ଯ୍ୟାଳୟ କହିଛି ଯେ, ମାମଲାଟି ଏପର୍ଯ୍ୟନ୍ତ ତଦନ୍ତ ଅଧିନରେ ଅଛି ଏବଂ କୌଣସି ଗିରଫଦାରୀ କରାଯାଇ ନାହିଁ ।

ପୋଲିସ ଅଞ୍ଚଳରେ ସୁରକ୍ଷା ବୃଦ୍ଧି କରିଛି ଏବଂ ଲୋକଙ୍କୁ ସତର୍କ ରହିବାକୁ ଅନୁରୋଧ କରିଛି । କର୍ତ୍ତୃପକ୍ଷ ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ କରୁଛନ୍ତି ଏବଂ ସାକ୍ଷୀ ମାନଙ୍କୁ ପଚରାଉଚରା କରୁଛନ୍ତି । ଗୁଳିକାଣ୍ଡ ପଛରେ କାରଣ ଏବଂ ଉଦ୍ଦେଶ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।

ରିପୋର୍ଟ ଅନୁଯାୟୀ, ଘଟଣାରେ ପିଲା ମାନେ ମଧ୍ୟ ଆହତ ହୋଇଛନ୍ତି । ଆକ୍ରମଣରେ ଜଣେ ୯ ବର୍ଷୀୟ ଶିଶୁ, ଜଣେ ୧୨ ବର୍ଷୀୟ ଶିଶୁ ଏବଂ ଜଣେ ୨୩ ବର୍ଷୀୟ ଯୁବକ ଆହତ ହୋଇଛନ୍ତି । ପୋଲିସ ଅଞ୍ଚଳରେ ରାସ୍ତା ବନ୍ଦ କରିଦେଇଛି ।

# ବିଏଲ୍‌ଓ, ସୁପରଭାଇଜରଙ୍କ ପାରିଶ୍ରମିକ ବଢ଼ିଲା

**ନୂଆଦିଲ୍ଲୀ:** ନିର୍ବାଚନ କମିଶନ ଶନିବାର ବୁଥ୍‌ସ୍ତରୀୟ ଅଫିସର (ବିଏଲ୍‌ଓ)ମାନଙ୍କ ପାରିଶ୍ରମିକକୁ ୬,୦୦୦ ଟଙ୍କାରୁ ୧୨,୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ସେହିପରି ବିଏଲ୍‌ଓ ସୁପରଭାଇଜରମାନଙ୍କ




ପାରିଶ୍ରମିକ ୧୨,୦୦୦ ଟଙ୍କାରୁ ୧୮,୦୦୦ ଟଙ୍କାକୁ ବଢ଼ାଇ ଦିଆଯାଇଛି । ପ୍ରତି ନିର୍ବାଚନ ସହ ଜଡ଼ିତ ପୂରା ପ୍ରକ୍ରିୟା କାଳ ପାଇଁ ଏହି ବର୍ଦ୍ଧିତ ପାରିଶ୍ରମିକ ମିଳିବ ।

ନିର୍ବାଚନ ପଞ୍ଜୀକରଣ ଅଫିସର (ଇଆର୍‌ଓ), ସହକାରୀ ନିର୍ବାଚନ ପଞ୍ଜୀକରଣ ଅଫିସର (ଏଇଆରଓ), ବିଏଲ୍‌ଓ ସୁପରଭାଇଜର ଏବଂ ବିଏଲ୍‌ଓମାନଙ୍କୁ ନେଇ ନିର୍ବାଚନ କଳ ଗଠିତ । ନିରପେକ୍ଷ ଏବଂ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଏମାନଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ । ତେଣୁ ବିଏଲ୍‌ଓମାନଙ୍କ ପାରିଶ୍ରମିକ ଦୁଇଗୁଣ କରିବା ସହ ବିଏଲ୍‌ଓ ସୁପରଭାଇଜରଙ୍କ ପାରିଶ୍ରମିକ ବଢ଼ାଇବାକୁ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି ।

ବିଭିନ୍ନ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ଅତ୍ୟଧିକ କାର୍ଯ୍ୟଚାପରୁ ଇତିମଧ୍ୟରେ କେତେଜଣ ବିଏଲ୍‌ଓ ଆତ୍ମହତ୍ୟା କରିବା ସହ ଅନ୍ୟ କେତେଜଣଙ୍କ ମୃତ୍ୟୁ ଘଟିଥିବା ଖବର ପ୍ରକାଶ ପାଇଥିଲା । ଅତ୍ୟଧିକ କାର୍ଯ୍ୟଚାପ ବିରୋଧରେ ପଶ୍ଚିମବଙ୍ଗର ବିଏଲ୍‌ଓମାନେ କୋଲକାତାସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ଅଫିସ୍‌ରେ ପ୍ରବେଶ ଉଦ୍ୟମ କରିବାରୁ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା । ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ବିଏଲ୍‌ଓମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅନୁଧ୍ୟାନ କରିବା ପାଇଁ ଭାଜପା ଏହାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁନ ଚୁଗ୍‌ଙ୍କ ଅଧ୍ୟକ୍ଷତାରେ ଏକ ୭ ଜଣିଆ ଜାତୀୟ ସମନ୍ୱୟ ଟିମ୍ ଗଠନ କରିଛି ।

# ଡିସେମ୍ବର ୧୪ ରେ ହେବ ରାହାଗିରି

**ଜୟପୁର:** ଜୟପୁର ସହରକୁ ଫେରିବ ରାହାଗିରି ଭଳି ମନୋରଞ୍ଜନ ଭିତିକ କାର୍ଯ୍ୟକ୍ରମ । ଶୀତୁଆ ସକାଳରେ ଜୟପୁରବାସୀ ପୁଣିଥରେ ରାହାଗିରିର ମଜା ଉଠାଇବେ । ନାଚ ଗୀତରେ ଝୁମିବେ, ମତୁଆଲା ହେବେ । ତା' ସାଙ୍ଗକୁ ସାଇକେଲ ଚାଳନା, ସ୍କେଟିଂ ଏବଂ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏନେଇ ଆଜି ପୌର ସଭାଗୃହରେ ଏକ ବୈଠକରେ ଆଲୋଚନା କରାଯାଇଛି । ପୁନର୍ବାର ରାହାଗିରି କରିବା ନିମନ୍ତେ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ପ୍ରସ୍ତାବ ଦେବାପରେ ଏହାକୁ ସର୍ବସମ୍ମତି କ୍ରମେ କାଉନସିଲରଓ ପୌର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପାସ କରାଯାଇଥିଲା । ତେବେ ସର୍ବସମ୍ମତି କ୍ରମେ ଆସନ୍ତା ଡିସେମ୍ବର ୧୪ ତାରିଖ ରବିବାର ଦିନ ରାହାଗିରି ଜୟପୁର ମୁଖ୍ୟ ରାସ୍ତାରେ କରିବା ପାଇଁ ନିଷ୍ପତି ନିଆଗଲା । ନରେନ୍ଦ୍ର ମହାନ୍ତି କହିଛନ୍ତି, ଶୀତ ସକାଳର ଆରମ୍ଭ ଏବେ ରାହାଗିରିରୁ ହେବ । ଏବେ କେବଳ ପ୍ରସ୍ତାବ ପାରିତ ହୋଇଛି । ଖୁବ ଶୀଘ୍ର ଯୋଜନା ପ୍ରସ୍ତୁତ କରାଯାଇ କାର୍ଯ୍ୟକ୍ରମ କରାଯିବ । ସୂଚନା ଯୋଗ୍ୟ, କୋଭିଡ ପୂର୍ବରୁ ରାହାଗିରି କାର୍ଯ୍ୟକ୍ରମ ଲୋକଙ୍କ ଦ୍ୱାରା ବେଶ ଆଦୃତ ହୋଇ ପାରିଥିଲା । ପିଲାଙ୍କ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସବୁ ବର୍ଗର ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରୁଥିଲେ । ଏଥିସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସଚେତନତା ବାର୍ତ୍ତା ସହିତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିଲା । ୨୦୧୭ ମସିହାରେ ରାହାଗିରି ନାମରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଗୋଟେ ବର୍ଷ ବ୍ୟବଧାନରେ ୨୦୧୮ ରେ ହକି ବିଶ୍ୱକପ ସମୟରେ ରାହାରିଗି ନୂତନ ରଙ୍ଗ ନେଇ ଫେରିଥିଲା ଯାହାର ନାମ ରହିଥିଲା ପଥ ଉତ୍ସବ । ବିଗତ ରାହାଗିରିରେ ୨୮ ପ୍ରକାରର କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିବା ବେଳେ ଚଳିତ ବର୍ଷ ୫୦ଟି କାର୍ଯ୍ୟକ୍ରମ କରିବା ପାଇଁ ଯୋଜନା କରାଯାଇଛି ।

### ଜାତିସଂଘର ଜନବହୁଳ ସହର ତାଲିକା

# ତଳକୁ ଖସିଲେ ଦିଲ୍ଲୀ, କୋଲକାତା

**ନୂଆଦିଲ୍ଲୀ:** ଜାତିସଂଘର ଅର୍ଥନୈତିକ ଓ ସାମାଜିକ ବ୍ୟାପାର ବିଭାଗ ଦ୍ୱାରା ପ୍ରକାଶିତ ସର୍ବଶେଷ ବିଶ୍ୱ ସହରୀକରଣ ସମ୍ଭାବନା ରିପୋର୍ଟ ଅନୁଯାୟୀ , ଭାରତର ଦୁଇଟି ବୃହତ୍ତମ ସହର ଦିଲ୍ଲୀ ଓ କୋଲକାତା ୨୦୨୫ ପାଇଁ ମିଳିତ ଜାତିସଂଘର ବିଶ୍ୱର ସର୍ବାଧିକ ଜନବହୁଳ ମେଗାସିଟି ମାନ୍ୟତାରେ ତଳକୁ ଖସିଛନ୍ତି । ଜାତିସଂଘର ନୂତନ ତାଲିକା ଅନୁଯାୟୀ, ଜାକର୍ତ୍ତା ହେଉଛି ବିଶ୍ୱର ସବୁଠାରୁ ଜନବହୁଳ ମେଗାସିଟି, ଯାହା ଟୋକିଓକୁ ପଛରେ ପକାଇଛି । ଟୋକିଓ ତୃତୀୟ ସ୍ଥାନରେ ରହିଛି । ୨୦୦୦ ମସିହାରେ ୧୮ ନିୟୁତ ଜନସଂଖ୍ୟା ସହିତ ଦିଲ୍ଲୀ ଷଷ୍ଠ ସ୍ଥାନରେ ଥିଲା ।



୨୦୨୫ରେ ଦିଲ୍ଲୀ ଜନସଂଖ୍ୟା ୩୦.୨ ନିୟୁତକୁ ବୃଦ୍ଧି ପାଇଛି । ଆକଳନ ଅନୁଯାୟୀ, ଦିଲ୍ଲୀ ୨୦୨୨ରେ ଦ୍ୱିତୀୟ ସ୍ଥାନରେ ରହିଥିଲା । କିନ୍ତୁ ବର୍ତ୍ତମାନ ଜାକର୍ତ୍ତା, ଢାକା ଓ ଟୋକିଓ ତଳେ ବିଶ୍ୱରେ ଚତୁର୍ଥ ସ୍ଥାନରେ ଦିଲ୍ଲୀ ରହିଛି ବୋଲି ଜାତିସଂଘର ତଥ୍ୟ ଦର୍ଶାଉଛି । ୨୫ ବର୍ଷ ମଧ୍ୟରେ ଦିଲ୍ଲୀରେ ୧୨ ନିୟୁତରୁ ଅଧିକ ଲୋକ ବଢ଼ିଛନ୍ତି । କୋଲକାତା ୨୦୦୦ ମସିହାରେ, ୧୮.୪ ନିୟୁତ ବାସିନ୍ଦା ସହିତ ବିଶ୍ୱର ପଞ୍ଚମ ସର୍ବାଧିକ ଜନବହୁଳ ସହର ଥିଲା । ୨୦୨୫ ସୁଦ୍ଧା ଏହାର ଜନସଂଖ୍ୟା ୨୨.୬ ନିୟୁତକୁ ବୃଦ୍ଧି ପାଇଛି, ତଥାପି ଏହା ନବମ ସ୍ଥାନକୁ ଖସି ଆସିଛି ।

ଜାତିସଂଘ କହିଛି ଯେ, ବିଶ୍ୱର ଶ୍ରେଷ୍ଠ ୨୦ଟି ମେଗାସିଟି (୧୦ ନିୟୁତ କିମ୍ବା ତା'ଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରାଞ୍ଚଳ) ମଧ୍ୟରେ ଭାରତର ପାଞ୍ଚଟି ସହର ରହିଛି, ଯାହା ଅନ୍ୟ କୌଣସି ଦେଶ ଅପେକ୍ଷା ଅଧିକ । ଦିଲ୍ଲୀ ଓ କୋଲକାତା ବ୍ୟତୀତ ମୁମ୍ବାଇ, ବେଙ୍ଗାଲୁରୁ ଓ ଚେନ୍ନାଇ ମଧ୍ୟ ବିଶ୍ୱର ୩୩ଟି ମେଗାସିଟି ତାଲିକାରେ ସ୍ଥାନ ପାଇଛନ୍ତି । ଜାତିସଂଘ ଆକଳନ କରିଛି ଯେ ୨୦୫୦ ସୁଦ୍ଧା ଦିଲ୍ଲୀର ଜନସଂଖ୍ୟା ୩୩.୯ ନିୟୁତରେ ପହଞ୍ଚିବ ଏବଂ ଏହା ଚତୁର୍ଥ ସ୍ଥାନରେ ରହିଥିବାବେଳେ କୋଲକାତା ମାତ୍ର ୨୩.୮ ନିୟୁତକୁ ବୃଦ୍ଧି ପାଇ ବିଶ୍ୱରେ ଦଶମ ସ୍ଥାନକୁ ଖସିଯିବ ବୋଲି ଆଶା କରାଯାଉଛି ।

# ବିପଦଜନକ ଭାବେ ବୁହା ହେଉଛନ୍ତି ଶ୍ରମିକ

**କେନ୍ଦ୍ରାପଡା:** କେନ୍ଦ୍ରାପଡାର ବିଭିନ୍ନ ସ୍ଥାନରୁ ଶ୍ରମିକ ମାନଙ୍କୁ ବିପଦଜନକ ଭାବେ ଟ୍ରାକ୍ଟର ଡାଲା, ଟାଟା ଏସି, ପିକଅପ ଭ୍ୟାନ, ଅଟୋ ଆଦି ଗୁଡିକ ଦ୍ୱାରା ବିପଦଜନକ ଭାବେ ପରିବହନ କରାଯାଉଥିବା ଦେଖିବାକୁ ମିଳୁଛି । ଫଳରେ ଯେକୌଣସି ସମୟରେ ଦୁର୍ଘଟଣା ଘଟି ଜୀବନ ହାନୀ ହେବାର ଆଶଙ୍କା ଦେଖାଯାଉଛି । ସହର ଓ ଆଖପାଖ ଅଂଚଳରୁ ଶ୍ରମିକ ମାନଙ୍କୁ ନେବାପାଇଁ କର୍ମଯୋଗାଣ ସଂସ୍ଥା ଓ ଠିକାଦାର ମାନେ ଏହି ସବୁ ଯାନ ଗୁଡିକ ବ୍ୟବହାର କରି ବିପଦଶଙ୍କୁଳ ଅବସ୍ଥାରେ ନେଉଥିବାରୁ ଏହି ଶ୍ରମିକ ମାନଙ୍କ ପ୍ରତି ବିପଦ ଦେଖା ଦେଇଛି । ଏପରିକି କେନ୍ଦ୍ରାପଡା ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ବସାଇବାକୁ ଥିବା ଖୁଂଟ ଗୁଡିକୁ ଗାଡିରେ ନେବାବେଳେ ତା' ଉପରେ ଶ୍ରମିକ ମାନଙ୍କୁ ବସାଇ ବିପଦଜନକ ଭାବେ ବୁହା ଯାଉଥିବା ଦେଖିବାକୁ ମିଳୁଛି । ତେବେ ଏଭଳି ଶ୍ରମିକ ପରିବହନ କରିବା ବେଆଇନ ହୋଇଥିବା ବେଳେ ଏହାକୁ ଅଣଦେଖା କରାଯାଇ ଶ୍ରମିକ ପରିବହନ କରାଯାଉଥିବା ଘଟଣାକୁ ପ୍ରଶାସନ ଓ ପରିବହନ ବିଭାଗ ଅଣଦେଖା କରି ଦେଉଥିବା ଅଭିଯୋଗ ହେଉଛି । ତୁରନ୍ତ ଏହାର ପ୍ରତିକାର ପାଇଁ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି ।

## ରାଶିଫଳ

**ମେଷ:** ତୃତୀୟଚନ୍ଦ୍ର ଯୋଗୁ ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇ, ଭଉଣୀଙ୍କ ସାହାଯ୍ୟ, ସହଯୋଗ ମିଳିବ । ସୁଖବର, ସୁସମ୍ବାଦ ପ୍ରାପ୍ତିହେବ ଏବଂ ସମସ୍ତକର୍ମରେ ସୁଚିନ୍ତିତ ପଦକ୍ଷେପ ନେବେ ।

**ବୃଷ :** କୃଷ୍ଣ ପକ୍ଷର ଦ୍ୱିତୀୟଚନ୍ଦ୍ର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର କଲାବେଳେ ସତର୍କ ହେବେ । ଧନକୁ ନେଇ ବିବାଦ ଏବଂ ମାଲିମକଦ୍ଦମାରେ ପଡ଼ିପାରନ୍ତି । ଅନ୍ୟଠାରୁ ଆଣିଥିବା ଧନ ଫେରାଇବାରେ ଅସମର୍ଥ ହେବେ ।

**ମିଥୁନ :** ଶ୍ରୀଚନ୍ଦ୍ର, ଶୁକ୍ରବାର ଏବଂ ରାହୁଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ଧନ, ମାନ, ସମ୍ମାନ, ଲକ୍ଷ୍ମୀଙ୍କର କୃପା ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତିହେବ । ଆମୋଦ ପ୍ରମୋଦ ଏବଂ ମଉଜମଜଲିସ୍‌ରେ ଅଧିକ ଆଗ୍ରହ ରହିବ ।

**କର୍କଟ :** ଦ୍ୱାଦଶଚନ୍ଦ୍ର ଯୋଗୁ ମନରୁ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ଲୋପ ପାଇବ ଏବଂ ଅଯଥା ଖର୍ଚ୍ଚ, ବଦ୍‌ଖର୍ଚ୍ଚ ଓ ପରିବାରର ଖର୍ଚ୍ଚ ଭାର ଅପେକ୍ଷାକୃତ କମ୍‌ରହିବ । କୁସଙ୍ଗ ପରିତ୍ୟାଗ କରି ସତ୍‌ସଙ୍ଗ କରିବେ ଏବଂ ଅନୁଚିତ୍ କର୍ମରୁ ବିଚ୍ୟୁତ ହୋଇ ଉଚିତ୍‌କର୍ମରେ ମନୋନିବେଶ କରିବେ ।

**ସିଂହ :** ଏକାଦଶ ଚନ୍ଦ୍ର ଯୋଗୁ ଆୟର ମାର୍ଗ ଅତି ଉତ୍ତମ ରହିବ ଏବଂ ନୂତନ ଆୟର ପନ୍ଥା ଖୋଲିବ । ଅନ୍ୟକୁ ଦେଇଥିବା ଧନ ଆଦାୟ ହେବ ଏବଂ ବକେୟା ଧନ ଆଦାୟ ହେବାରେ ସମୟ ସହାୟକ ହେବ । ନୂତନ ଭୂମି, ଯାନବାହନ କ୍ରୟକରିବେ ।

**କନ୍ୟା :** ଘାତଚନ୍ଦ୍ର, ଘାତତିଥି ଏବଂ ରାହୁଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ବାଦବିବାଦ, ସ୍ୱାସ୍ଥ୍ୟ, ଯାନବାହନ ଆରୋହଣ ଏବଂ ଯେକୌଣସି କର୍ମକରିବା ପୂର୍ବରୁ ସତର୍କ ହେବେ । ଉଚିତ୍‌କର୍ମରୁ ବିଚ୍ୟୁତ ହୋଇ ଅନୁଚିତ୍ କର୍ମରେ ଆଗ୍ରହ ରଖିବେ ।

**ତୁଳା:** କୃଷ୍ଣପକ୍ଷର ନବମ ଚନ୍ଦ୍ର ଯୋଗୁ ମାନସମ୍ମାନ, ମାନସିକ ଦୁଶ୍ଚିନ୍ତା, ପରିବାରରେ ମତାନ୍ତର, ନିଜର ପ୍ରିୟବନ୍ଧୁ କିମ୍ବା ପୁରାତନ ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ । ମନ ଅସ୍ଥିର ରହିବ ଏବଂ ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ ।

**ବିଛା :** ଅଷ୍ଟମଚନ୍ଦ୍ର, ସକାଳ ୬ଟା ୩୫ ମିନିଟ୍ ପରେ ଅଷ୍ଟମୀତିଥି ଏବଂ ଘାତବାର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ଧନ କ୍ଷତି, ମାନସିକ ଅସ୍ଥିରତା ଏବଂ ଶାରୀରିକ ପୀଡ଼ା ଭୋଗିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟତୁଳନାରେ ବଦଖର୍ଚ୍ଚ ଅଧିକ ହେବ ।

**ଧନୁ :** ଘାତବାର ଏବଂ ସପ୍ତମଚନ୍ଦ୍ର ଯୋଗୁ ସମସ୍ତକର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନରେ ଆତ୍ମସନ୍ତୋଷ ମିଳିବ ନାହିଁ । ମୂଲ୍ୟବାନ ଧାତୁ, ବସନଭୂଷଣ ଏବଂ ଘରୋଇ ଉପକରଣ କ୍ରୟ କରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟଉତ୍ତମ ହେବ ।

**ମକର :** ଷଷ୍ଠଚନ୍ଦ୍ର, ଛଅ ତାରିଖ, ଅଷ୍ଟମୀତିଥି ଏବଂ ଶୁକ୍ରବାର ଯୋଗୁ ମନରେ ପ୍ରସନ୍ନତା, ଶରୀରରେ ସୁସ୍ଥତା, ପରିବାରରେ ମିତ୍ରତା, ସମସ୍ତଙ୍କ ସହବନ୍ଧୁତା ଏବଂ ସମସ୍ତକର୍ମରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଆପଣାଇବେ ।

**କୁମ୍ଭ :** କୃଷ୍ଣପକ୍ଷର ପଞ୍ଚମ ଚନ୍ଦ୍ର, ଘାତ ନକ୍ଷତ୍ରଯୋଗୁ ମନରେ ଅସ୍ଥିରତା, ପରିବାରରେ ମତାନ୍ତର ଏବଂ ବିଦ୍ୟା, ବୁଦ୍ଧି, ଜ୍ଞାନ, ଗରିମା, ପ୍ରତ୍ୟୁତ୍ପନ୍ନମତି ଏବଂ ଦୂରଦୃଷ୍ଟି ଲୋପ୍ ପାଇବ । ମନ ବିଷାଦଗ୍ରସ୍ତ, ଚାପଗ୍ରସ୍ତ ରହିବ ।

**ମୀନ :** ଚତୁର୍ଥ ଚନ୍ଦ୍ର, ଘାତବାରଯୋଗୁ ସମସ୍ତକର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନ ଅସ୍ଥିର ରହିବ ଏବଂ ନିଜର ଲୋକଙ୍କ ସହ ବିବାଦ କିମ୍ବା ମତାନ୍ତର ହୋଇପାରେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ ନୂତନ ପରିବହନ ବ୍ୟବସାୟର ସୁଯୋଗ ଜୁଟିବ ।କର୍ମରେ ସଫଳତା ଓ ପଦସ୍ଥ ଅଧିକାରୀଙ୍କ କୃପା ଲାଭ କରିବେ ।

ମାତୃଭାଷା

କଟକ, ସୋମବାର, ଡିସେମ୍ବର - ୧, ୨୦୨୫ ପୃଷ୍ଠା: ୪

## ନ୍ୟୁରୋ ସାଇନ୍ସ ଦ୍ୱାରା ମାନବ ମସ୍ତିଷ୍କକୁ ଟାର୍ଗେଟ କରି ଯୁଦ୍ଧ ଲଢାଯିବ

ବିଶ୍ୱ ଏପରି ଏକ ସ୍ଥିତିରେ ଆସି ପହଞ୍ଚିଛି, ଯାହା ଫଳରେ ନିକଟ ଭବିଷ୍ୟତରେ ଯୁଦ୍ଧ ସବୁ ଆଉ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ନୁହେଁ, ବରଂ ନ୍ୟୁରୋ ସାଇନ୍ସ ଦ୍ୱାରା ମାନବ ମସ୍ତିଷ୍କକୁ ଟାର୍ଗେଟ କରି ଲଢ଼ାଯାଇପାରିବ। ଦୁଇଜଣ ବ୍ରିଟିଶ ଗବେଷକ ଏ ସମ୍ପର୍କରେ ଚେତାବନୀ ଦେଇଛନ୍ତି ଯେ ମସ୍ତିଷ୍କୀୟ ବିଜ୍ଞାନ, ନୂତନ ରାସାୟନିକ ଔଷଧ ଏବଂ କମ୍ପ୍ୟୁଟର ପ୍ରଯୁକ୍ତିବିଦ୍ୟା ମିଳିତ ଭାବରେ ଏପରି ଉପକରଣ ତିଆରି କରୁଛନ୍ତି, ଯାହା ମନୁଷ୍ୟର ଚିନ୍ତାଧାରା, ସ୍ମୃତି ଏବଂ ଆଚରଣକୁ ପ୍ରଭାବିତ କରିପାରିବ। ଏହା ମାନବତା ପାଇଁ ଏକ ଗମ୍ଭୀର ଚେତାବନୀ ବୋଲି କୁହାଯାଉଛି।

କଳ୍ପନା କରାଯାଉ ଯେ, ଯଦି ଭବିଷ୍ୟତରେ ଯୁଦ୍ଧଗୁଡ଼ିକ ଅସ୍ତ୍ରଶସ୍ତ୍ର ଦ୍ୱାରା ନୁହେଁ, ବରଂ ସିଧାସଳଖ ମଣିଷ ମନ ଦ୍ୱାରା ଲଢ଼ାଯାଏ, ଯେଉଁଠାରେ ଶତ୍ରୁ ଗୋଟିଏ ଗୁଳି ନ ଚଳାଇ ଆପଣଙ୍କ ଚିନ୍ତାଧାରା, ସ୍ମୃତି, ବୁଝାମଣା ଏବଂ ନିଷ୍ପତ୍ତି ଗ୍ରହଣକୁ ନିଜ ଇଚ୍ଛା ଅନୁସାରେ ପରିବର୍ତ୍ତନ କରିପାରେ। ଏହା କୌଣସି ଚଳଚ୍ଚିତ୍ରର କାହାଣୀକ ପରି ଶୁଣାଯାଏ। କିନ୍ତୁ ଦୁଇଜଣ ବ୍ରିଟିଶ ଗବେଷକ କହିଛନ୍ତି ଯେ ଏପରି ଘଟିବାର ଭବିଷ୍ୟତ ବହୁତ ଦୂରରେ ନୁହେଁ।

ବ୍ରାଡଫୋର୍ଡ ବିଶ୍ୱବିଦ୍ୟାଳୟର ମାଇକେଲ କ୍ରାଉଲି ଏବଂ ମାଲକମ୍ ଡାଣ୍ଡୋ ଚେତାବନୀ ଦେଇଛନ୍ତି ଯେ ବିଜ୍ଞାନର ଦ୍ରୁତ ଅଗ୍ରଗତି ମାନବ ମସ୍ତିଷ୍କକୁ ଏକ ନୂତନ ଯୁଦ୍ଧକ୍ଷେତ୍ର କରିପାରେ। ସେମାନେ ବିଶ୍ୱାସ କରନ୍ତି ଯେ ଯଦି ବିଶ୍ୱ ଏବେଠାରୁ ପଦକ୍ଷେପ ନ ନିଏ, ତେବେ ଯୁଦ୍ଧଗୁଡ଼ିକ ବନ୍ଧୁକ ସହିତ ନୁହେଁ, ବରଂ ମସ୍ତିଷ୍କକୁ ଟାର୍ଗେଟ କରୁଥିବା ନୂତନ ପ୍ରଯୁକ୍ତିବିଦ୍ୟା ସହିତ ଲଢ଼ାଯିବ।

ଏହି ଦୁଇ ବିଶେଷଜ୍ଞ ଏହି ସପ୍ତାହରେ ହେଗ ଯାତ୍ରା କରୁଛନ୍ତି, ଯେଉଁଠାରେ ବିଶ୍ୱର ବିଭିନ୍ନ ଦେଶ ରାସାୟନିକ ଅସ୍ତ୍ର ସମ୍ମିଳନୀରେ ଯୋଗ ଦେଇ ବିଭିନ୍ନ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ଏହି ବୈଠକରେ ସେମାନେ ବ୍ୟାଖ୍ୟା କରିବେ ଯେ ମାନବ ମସ୍ତିଷ୍କକୁ ପ୍ରଭାବିତ କରୁଥିବା ପ୍ରଯୁକ୍ତିବିଦ୍ୟା ଏତେ ଦ୍ରୁତ ଗତିରେ ବୃଦ୍ଧି ପାଉଛି ଯେ, ଯଦି ଏହାକୁ ବନ୍ଦ ନ କରାଯାଏ, ତେବେ ଏହା ଆଗାମୀ ଦିନରେ ବଡ଼ ଗୁରୁତର ବିପଦ ସୃଷ୍ଟି କରିପାରେ। କ୍ରାଉଲି କହନ୍ତି ଯେ, ଏହା କାଳ୍ପନିକ ଲାଗିପାରେ, କିନ୍ତୁ ବିପଦ ପୁରା ଅସଲି ଅଟେ।

ମସ୍ତିଷ୍କ ସମ୍ବନ୍ଧୀୟ ରୋଗଗୁଡ଼ିକୁ ସୁସ୍ଥ କରିପାରୁଥିବା ଜ୍ଞାନ ଶେଷରେ ଭୁଲ ହାତରେ ଏପରି ଏକ ଉପକରଣ ହୋଇପାରେ। ଗବେଷକଙ୍କ ଅନୁଯାୟୀ ତିନୋଟି ପ୍ରମୁଖ ପ୍ରଯୁକ୍ତିବିଦ୍ୟା ମିଶିକରି ଏପରି ଉପକରଣ ସୃଷ୍ଟି କରୁଛନ୍ତି, ଯାହା ସିଧାସଳଖ ମସ୍ତିଷ୍କକୁ ପ୍ରଭାବିତ କରିପାରିବ।

ଯୁକେ ଗବେଷକମାନଙ୍କ ଦ୍ୱାରା (ପ୍ରାୟତଃ ପ୍ରତିରକ୍ଷା ଏବଂ ସୁରକ୍ଷା ବିଶେଷଜ୍ଞଙ୍କ ସହ ମିଳିତ ଭାବରେ କାର୍ଯ୍ୟ କରୁଥିବା) ଜାରି କରାଯାଇଥିବା ଚେତାବନୀର ମୁଖ୍ୟ ବିନ୍ଦୁଗୁଡ଼ିକ ହେଉଛି:

ନ୍ୟୁରୋଟେକ୍ନୋଲୋଜିର ଦ୍ୱୈତ-ବ୍ୟବହାର- ମସ୍ତିଷ୍କର ଅଧ୍ୟୟନ (ନ୍ୟୁରୋସାଇନ୍ସ) ମୁଖ୍ୟତଃ ରୋଗର ଚିକିତ୍ସା ଏବଂ ମାନବ ମାନବୀୟ କ୍ଷମତାକୁ ବୃଦ୍ଧି କରିବା ପାଇଁ ବ୍ୟବହୃତ ହୁଏ। କିନ୍ତୁ ଏହି ଜ୍ଞାନ ଏବଂ ଯେପରିକି ମସ୍ତିଷ୍କ-କମ୍ପ୍ୟୁଟର ଇଣ୍ଟରଫେସ୍, ଜେନେଟିକ୍ ଇଞ୍ଜିନିୟରିଂ, କିମ୍ବା ସାମରିକ ଉଦ୍ଦେଶ୍ୟରେ ମଧ୍ୟ ବ୍ୟବହାର କରାଯାଇପାରିବ। ଭବିଷ୍ୟତର ସଂଘର୍ଷରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ପରିବର୍ତ୍ତେ ପ୍ରତିପକ୍ଷଙ୍କ ସୈନିକ କିମ୍ବା ସାଧାରଣ ଲୋକଙ୍କ ଚିନ୍ତାଧାରା, ସ୍ମୃତି ଶକ୍ତି, ଭାବନା ଏବଂ ନିଷ୍ପତ୍ତି ଗ୍ରହଣ ଲକ୍ଷମତାକୁ ନୀରବରେ ପ୍ରଭାବିତ କରିବାର କ୍ଷମତା ବିକଶିତ କରିପାରେ। ଏପରି ଡିଭାଇସ୍ ତଥା ଉପକରଣ, ଯାହା ମସ୍ତିଷ୍କୀୟ କାର୍ଯ୍ୟକଳାପକୁ ସିଧାସଳଖ ପଢିପାରେ କିମ୍ବା ଲେଖିପାରେ। ଏହାକୁ ଗୁପ୍ତଚରୀତା କାର୍ଯ୍ୟ କିମ୍ବା ବ୍ୟକ୍ତିବିଶେଷଙ୍କୁ ଦୂରରୁ ନିୟନ୍ତ୍ରଣ (ରିମୋଟ୍ କଣ୍ଟ୍ରୋଲ) ପାଇଁ ବ୍ୟବହାର କରାଯାଇପାରିବ।

ଏପରି ଶକ୍ତିଶାଳୀ ଔଷଧ ଯାହା ଏକ ଗୋଷ୍ଠୀରେ ଭୟ, ଦ୍ୱନ୍ଦ୍ୱ କିମ୍ବା ଅତ୍ୟଧିକ ଆକ୍ରମଣତା ସୃଷ୍ଟି କରିପାରେ, ଯାହା ଦ୍ୱାରା ସେମାନଙ୍କର ମୁକାବିଲା କରିବାର କ୍ଷମତାକୁ ନଷ୍ଟ ହୋଇଯିବ।

ବ୍ୟାପକ ଆକାରରେ ମାନସିକ ସ୍ୱାସ୍ଥ୍ୟ ଡାଟାର ବିଶ୍ଳେଷଣ କରି ମନୁଷ୍ୟର ଦୁର୍ବଳତାଗୁଡିକୁ ଚିହ୍ନଟ କରିବା ଏବଂ ତାହାକୁ ଟାର୍ଗେଟ କରିବା।

ଗବେଷକମାନେ ବିଶ୍ୱାସ କରନ୍ତି ଯେ ଏହା କେବଳ ସାଇନ୍ସ ଫିକ୍ସନ ତଥା ବିଜ୍ଞାନର କାଳ୍ପନିକ କାହାଣୀ ନୁହେଁ, ବରଂ ନିକଟ ଭବିଷ୍ୟତର ଏକ ବିପଦ ଅଟେ। ଯଦି କୌଣସି ବାହ୍ୟ ଶକ୍ତି ଆପଣଙ୍କ ?ମନକୁ ପଢ଼ିପାରେ କିମ୍ବା ପ୍ରଭାବିତ କରିପାରେ, ତେବେ ଏହା ବ୍ୟକ୍ତିର ପ୍ରାଇମେରୀ ତଥା ବ୍ୟକ୍ତିଗତ ଗୋପନୀୟତା ଏବଂ ଅଟୋନମୀ ତଥା ସାୟତ୍ତତାର ଚୂଡ଼ାନ୍ତ ଉଲ୍ଲଂଘନ ହେବ।

ନଏପରି ଗୁପ୍ତ 'ଅସ୍ତ୍ର' ପ୍ରତିଯୋଗୀତାର ଦୌଡ଼ ଆରମ୍ଭ ହୋଇପାରେ, ଯାହା ଆନ୍ତର୍ଜାତୀୟ ସୁରକ୍ଷାକୁ ଆହୁରି ଅସ୍ଥିର ହୋଇଯିବ। କାରଣ ଆକ୍ରମଣ ହୋଇଛି କି ନାହିଁ, ତାହା ଚିହ୍ନଟ କରିବା କଷ୍ଟକର ହେବ।

ଏହିପରି ଅସ୍ତ୍ରଶସ୍ତ୍ରକୁ ରୋକିବା କିମ୍ବା ନିୟନ୍ତ୍ରଣ କରିବା ପାଇଁ ବର୍ତ୍ତମାନ କୌଣସି ଆନ୍ତର୍ଜାତୀୟ ଆଇନ କିମ୍ବା ଚୁକ୍ତିନାମା ନାହିଁ। ସଂକ୍ଷେପରେ ଏହି ଚେତାବନୀ ବହୁତ ବିଳମ୍ବ ହେବା ପୂର୍ବରୁ ନ୍ୟୁରୋଟେକ୍ନୋଲୋଜିର ଅନୈତିକ ଏବଂ ସାମରିକ ବ୍ୟବହାରକୁ ରୋକିବା ପାଇଁ ବର୍ତ୍ତମାନ ବିଶ୍ୱ ନିୟମ ଏବଂ ନୈତିକ ସୀମା ସ୍ଥାପନ କରିବାର ଆବଶ୍ୟକତା ଉପରେ ଆମକୁ ଧ୍ୟାନ ଦେବାକୁ ପଡିବ।

# ପ୍ରତିଶୋଧମୂଳକ ଦଣ୍ଡାଦେଶ

**ସୌଭାଗ୍ୟ ରଂଜନ ମହାନ୍ତି**

ବଙ୍ଗଳାଦେଶର ପୂର୍ବତନ ବିତାଡିତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ମାନବତକିତା ବିରୋଧି ଅପରାଧ ପାଇଁ ଢାକାସ୍ଥିତ ଆନ୍ତର୍ଜାତିକ ଅପରାଧ ଟ୍ରିବ୍ୟୁନାଲ(ଆଇସିଟି)ର ମୃତ୍ୟୁଦଣ୍ଡାଦେଶ ରାୟକୁ ନିର୍ବୋଧ ଭାବରେ ପକ୍ଷପାତିତା ବୋଲି କୁହାଯାଇପାରେ। ଗତବର୍ଷ ବଙ୍ଗଳା ଦେଶରେ ସଂରକ୍ଷଣ ବିରୋଧି ଆନ୍ଦୋଳନ ସମୟରେ ନିରସ୍ତ୍ର ଆନ୍ଦୋଳନକାରୀଙ୍କୁ ହତ୍ୟା କରିବା ଅଭିଯୋଗରେ ଆଇଟିସିର ତିନିଜଣିଆ ଖଣ୍ଡପୀଠ ଦୁଇଟି ମାମଲାରେ ଦୋଷୀ ସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି। ଏହି ମାମଲାରେ ବଙ୍ଗଳାଦେଶର ପୂର୍ବତନ ଗୃହମନ୍ତ୍ରୀ ଆସଦୁଜାମାନ ଖାନ କମଲଙ୍କ ମଧ୍ୟ ଦୋଷୀ ସବ୍ୟସ୍ତ ହେବା ସହ ମୃତ୍ୟୁଦଣ୍ଡାଦେଶ ମିଳିଛି। କିନ୍ତୁ ଅନ୍ୟତମ ଅଭିଯୁକ୍ତ ତଥା ପୂର୍ବତନ ପୋଲିସ ଇନସ୍‌ପେକ୍ଟର ଜେନେରାଲ ଚୌଧୁରୀ ଅବଦୁଲା-ଅଲ-ମାମୁନ ରାଜସାକ୍ଷୀ ହୋଇଯିବାରୁ ତାଙ୍କୁ ମାତ୍ର ୫ବର୍ଷ କାରାଦଣ୍ଡାଦେଶ ହୋଇଛି। ସମାନ ଅଭିଯୋଗ ୩ଜଣ ଅଭିଯୁକ୍ତ ହୋଇଥିବା ଜଣେ କିପରି ରାଜସାକ୍ଷୀ ହେଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ଯାହାକି ଏକ ପକ୍ଷପାତମୂଳକ ଏବଂ ପ୍ରତିଶୋଧ ପରାୟଣ ବୋଲି କୁହାଯାଇପାରିବ। ସେହିପରି ମାମଲାର ଶୁଣାଣୀ ଆରମ୍ଭ ଦିନଠାରୁ ଦଣ୍ଡାଦେଶ ଘୋଷଣା ପର୍ଯ୍ୟନ୍ତ ସବୁକିଛି ପ୍ରତିଶୋଧ ପରାୟଣ ଥିବା ଜଣାପଡୁଥିଲା। କେବଳ ଏତିକି ନୁହେଁ, ଆଇସିଟି ନିୟମ ଅନୁଯାୟୀ ଆନ୍ତର୍ଜାତିକ ବିଚାରପତିଙ୍କୁ ନିଯୁକ୍ତି ଦିଆଯିବା ବ୍ୟବସ୍ଥା ରହିଛି। ଏପରିକି ବଙ୍ଗଳା ଦେଶବାହାରୁ ଆଇନଜୀବୀ ନିଯୁକ୍ତି ପାଇବା ବ୍ୟବସ୍ଥା ରହିଛି। କିନ୍ତୁ ବିଚାର କରିଥିବା ସମସ୍ତ ବିଚାରପତି ବଙ୍ଗଳାଦେଶର, ଯାହାକି ବିସ୍ତୃତ ଭାବେ ପକ୍ଷପାତମୂଳକ ଏବଂ ହାସିନାଙ୍କ ବିରୁଦ୍ଧରେ ସବୁକିଛି ଉଦ୍ଦିଷ୍ଟ ଥିଲା ବୋଲି କୁହାଯାଇପାରେ। ଆହୁରି ମଧ୍ୟ ଆଇସିଟିରେ ନିଯୁକ୍ତ ହୋଇଥିବା ଜଣେ ବିଚାରପତି ବଙ୍ଗଳାଦେଶ ନ୍ୟାଶନାଲ ପାର୍ଟି(ବିଏନପି) ସହ ସମ୍ପୃକ୍ତ। ସେହିପରି ଶେଖ୍ ହାସିନା ଏବଂ କମଲଙ୍କ ଅନୁପସ୍ଥିତିରେ ମମଲାର ଶୁଣାଣୀ ହୋଇଥିଲାବେଳେ ପ୍ରତିନିଧିଙ୍କ ଜରିଆରେ ପକ୍ଷ ରଖିବାକୁ ତାଙ୍କୁ ସୁଯୋଗ ଦିଆଯାଇନଥିଲା। ଦୀର୍ଘ ୩ମାସ ଧରି ଅତ୍ୟନ୍ତ ତରବରିଆ ଭାବେ ଶୁଣାଣୀ ଚାଲିଥିଲା। ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ କାମଚଳା ସରକାର ବିତାଡିତ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଶତ୍ରୁତା ଆଚରଣ ପ୍ରଦର୍ଶନ କରିଥିଲେ। ସରକାରଙ୍କ ଦ୍ୱାରା ନିଯୁକ୍ତ ଓକିଲ କୌଣସି ସାକ୍ଷୀଙ୍କୁ ସମନ କରିନଥିଲେ କି ମହଲତ ନେଇନଥିଲେ ବୋଲି କୁହାଯାଏ। ଆଇନର ବାଧ୍ୟବାଧକତା ଯୋଗୁଁ ପ୍ରତିପକ୍ଷ ଓକିଲଙ୍କ ନିଯୁକ୍ତି କେବଳ ଲୋକଦେଖାଣିଆ ଥିଲା ବୋଲି କୁହାଯାଇପାରେ। ଟ୍ରିବ୍ୟୁନାଲଙ୍କ ରାୟକୁ କାମଚଳା ସରକାରଙ୍କ ଆଚରଣ ଓ ଉଚ୍ଚାରଣ ପ୍ରଥମରୁ ହିଁ ପ୍ରତିଶୋଧ ପରାୟଣମୂଳକ ଥିବା ସ୍ପଷ୍ଟ ହୋଇପଡୁଥିଲା। ଉଲ୍ଲେଖଯୋଗ୍ୟ ଯେ, ବଙ୍ଗଳାଦେଶ ସ୍ୱାଧୀନତା ସଂଗ୍ରାମୀ ପରିବାର ସଦସ୍ୟଙ୍କ ପାଇଁ ସରକାରୀ ଚାକିରୀରେ ୫ପ୍ରତିଶତ ସଂରକ୍ଷଣକୁ ବିରୋଧ କରି ଛାତ୍ର ଓ ଯୁବଗୋଷ୍ଠୀ ପକ୍ଷରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ବୈଦେଶିକ ଶକ୍ତି ଏବଂ କଠୋର ପନ୍ଥୀଙ୍କ ହାତକୁ ଚାଲିଯାଇଥିଲା। ଶେଷରେ ପ୍ରଧାନମନ୍ତ୍ରୀ ହାସିନା ଦେଶଛାଡି ଭାରତରେ ଏବେ ଏକ ଅଜ୍ଞାତ ସ୍ଥାନରେ ରହିଛନ୍ତି। ସେମାନଙ୍କ ଚାପରେ କାମଚଳା ସରକାର ପରିଚାଳିତ ହେବା ସହ ହାସିନାଙ୍କ ବିରୁଦ୍ଧରେ ପ୍ରତିଶୋଧମୂଳକ କାର୍ଯ୍ୟରେ ଲିପ୍ତ ଅଛନ୍ତି। ହାସିନାଙ୍କ ନେତୃତ୍ୱାଧୀନ ରାଜନୈତିକ ଦଳ ଆୱାମୀ ଲିଗ୍ୟୁ କୁ କାମଚଳା ସରକାର ନିଷିଦ୍ଧ ଘୋଷଣା କରିଛନ୍ତି। ଆସନ୍ତା ୨୦୨୬ ଫେବୃୟାରୀ ହେବାକୁ ଥିବା ନିର୍ବାଚନରେ ଆୱାମୀ ଲିଗ୍ୟୁ ଅଂଶ ଗ୍ରହଣ କରିପାରିବନାହିଁ। ଏହା କି ପ୍ରକାର ଗଣତନ୍ତ୍ର ଏବଂ ନିର୍ବାଚନ ବୋଲି ପ୍ରଶ୍ନ ଉଠିବା ସ୍ୱାଭିବକ। ଆହୁରି ମଧ୍ୟ ଏଭଳି ଏକ ରାୟ ଯୋଗୁଁ ବଙ୍ଗଳା ଦେଶ ଏବେ ପୁଣି ଅସ୍ଥିରତା ମଧ୍ୟକୁ ଠେଲି ହୋଇଯାଇଛି। ରାୟକୁ ବିରୋଧ କରି ଆୱାମୀ ଲିଗ୍ୟୁର କର୍ମୀ ଓ ସଦସ୍ୟମାନେ ଦେଶବ୍ୟାପୀ ଆନ୍ଦୋଳନ କରିଥିବା ବେଳେ ହାସିନାଙ୍କ ବିରୋଧିମାନେ ମଧ୍ୟ ରାଜରାସ୍ତାକୁ ଓହ୍ଲାଇଛନ୍ତି। ପରିଣତି ବଙ୍ଗଳାଦେଶ ପୁଣି ଅଶାନ୍ତ ହୋଇପଡିଛି। ପୋଡାଜଳା, ହିଂସାକାଣ୍ଡ ଉଗ୍ର ରୂପ ନେବାରେ ଲାଗିଛି। ଆଇସିଟିର ରାୟ ପରେ ୭୮ବର୍ଷ ବୟସ୍କାକୁ ହାସିନାଙ୍କୁ ପ୍ରତ୍ୟର୍ପଣ କରିବାକୁ ବଙ୍ଗଳାଦେଶ ଭାରତକୁ ଚିଠି ଲେଖି ଚେତାବନୀ ଦେଇଥିବା କୁହାଯାଇଛି। ଦୁଇଦେଶ ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଅତିଥି ଦେବୋ ଭବ ନୀତି ଭାରତ ଆପଣାଇଥିବାରୁ କୌଣସି ପରିସ୍ଥିତିରେ ଭାରତ ହାସିନାଙ୍କୁ ବଙ୍ଗଳାଦେଶ ହାତରେ ସମର୍ପଣ କରିପାରିବ ନାହିଁ। ଏହାଦ୍ୱାରା ଆଉ ଏକ ପଡୋଶୀ ରାଷ୍ଟ୍ର ସହ ଭାରତର ସମ୍ପର୍କରେ ଭଟ୍ଟା ପଡିବ ଜଳ ଜଳ ହୋଇ ଦେଖାଯାଉଛି।

# ୨୦୩୦ ସୁଦ୍ଧା ଏଚଆଇଭି/ ଏଡ୍‌ସ ମହାମାରୀ ମୂଳୋତ୍ପାଟନ: ଭାରତର ପରବର୍ତ୍ତୀ ବଡ଼ ଜନସ୍ୱାସ୍ଥ୍ୟ ସୁଯୋଗ

ଏଚଆଇଭି /ଏଡ୍‌ସ ବିରୁଦ୍ଧରେ ଲଢ଼େଇରେ ଭାରତ ଏକ ଉଲ୍ଲେଖନୀୟ ସ୍ଥାନରେ ରହିଛି। ପ୍ରଥମ ମାମଲା ରିପୋର୍ଟ ହେବାର ଚାରି ଦଶନ୍ଧି ପରେ, ଦେଶ ବିଶ୍ୱର ସବୁଠାରୁ ବ୍ୟାପକ ଏବଂ ସ୍ଥିର ଜାତୀୟ ଏଚଆଇଭି ନିବାରଣ ତଥା ଚିକିତ୍ସା କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ ନିର୍ମାଣ କରିଛି। ଜାତୀୟ ଏଡ୍ ?ସ ଏବଂ ଏସଟିଡି ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନଏସିପି) ଉଲ୍ଲେଖନୀୟ ଲାଭ ଦେଖାଇଛି। ୨୦୧୦ ମସିହା ପରଠାରୁ ନୂତନ ସଂକ୍ରମଣ ପ୍ରାୟ ଅଧା ହ୍ରାସ ପାଇଛି, ଏଡ୍ ?ସ-ସମ୍ବନ୍ଧୀୟ ମୃତ୍ୟୁ ୮୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି, ଚିକିତ୍ସା ନେଉଥିବା ଲୋକଙ୍କ ମଧ୍ୟରେ ଭାଇରାଲ ଦମନ ବର୍ତ୍ତମାନ ୯୭ ପ୍ରତିଶତ ଅତିକ୍ରମ କରିଛି, ଏବଂ ଭାରତ ସମ୍ପୂର୍ଣ୍ଣ ଭାବରେ ଡିଟିଜି-ଆଧାରିତ ବ୍ୟବସ୍ଥା ଗ୍ରହଣ କରିଛି। ଫଳସ୍ୱରୂପ ଚିକିତ୍ସା ପ୍ରଭାବଶାଳୀତାରେ ଏହାକୁ ବିଶ୍ୱ ନେତାମାନଙ୍କ ମଧ୍ୟରେ ସ୍ଥାନିତ କରିଛି। ତଥାପି, ଆତ୍ମସନ୍ତୋଷ ପାଇଁ କୌଣସି ସ୍ଥାନ ରହିପାରିବ ନାହିଁ। ଦେଶ ୨୦୨୬-୩୧ ପାଇଁ ଏନଏସିପି ପର୍ଯ୍ୟାୟ-୬ (ଏନଏସିପିଭିଆଇ) ରେ ପହଞ୍ଚିବା ସହିତ, ଏହାକୁ ବାସ୍ତବତାର ସମ୍ମୁଖୀନ ହେବାକୁ ପଡିବ ଯେ ଭାରତର ମହାମାରୀ ଏବେ ବି ବିକଶିତ ହେଉଛି, ଏବଂ କିଛି ସ୍ଥାନରେ ଏହା ତ୍ୱରାନ୍ୱିତ ହେଉଛି। ସାମଗ୍ରିକ ଭାବରେ ୦.୨୦ ପ୍ରତିଶତ ମାସ୍କର କମ୍ ଜାତୀୟ ପ୍ରସାର ହଟସ୍ପଟ୍ ଏବଂ ନୂତନ ଦୁର୍ବଳତା ସୃଷ୍ଟି କରୁଛି। ଆସାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରା ଏବଂ ପଞ୍ଜାବ ଭଳି ରାଜ୍ୟଗୁଡ଼ିକ ବଢୁଥିବା ଘଟଣା ରିପୋର୍ଟରୁ ଜଣାଯାଏ ଯେ ଏହା ମୁଖ୍ୟତଃ ନିଶା ବ୍ୟବହାର ଦ୍ୱାରା ପରିଚାଳିତ। ନିଶା ଇଞ୍ଜେକ୍ସନ କରୁଥିବା ଲୋକଙ୍କ ମଧ୍ୟରେ, ଏଚଆଇଭି ପ୍ରସାର ଜାତୀୟ ହାରାହାରି ଚାଳିଶ ଗୁଣ ଅଧିକ, କିଛି ହଟସ୍ପଟ୍ ଘାତକ ବୃଦ୍ଧି ରିପୋର୍ଟ କରୁଛନ୍ତି। ଗୋଟିଏ ଛୁଞ୍ଚି-ସେୟାରିଂ ଘଟଣାରୁ ସଂକ୍ରମଣ ହେବାର ଆନୁମାନିକ ୧୬୦ ଜଣରେ ଗୋଟିଏ ସମ୍ଭାବନା ସହିତ, ପ୍ରଭାବଶାଳୀ ଭାବରେ ପ୍ରତିକ୍ରିୟା ନ ଦେଲେ ଇଞ୍ଜେକ୍ସନ ଔଷଧ ବ୍ୟବହାର ସହିତ ଜଡିତ ଏଚଆଇଭି ମହାମାରୀ ଦ୍ରୁତ ଗତିରେ ବୃଦ୍ଧି ହୋଇପାରିବ। ଏହା ସହିତ, ବର୍ତ୍ତମାନ ନୂତନ ସଂକ୍ରମଣର ବର୍ଦ୍ଧିତ ଅନୁପାତ ସାଧାରଣ କିମ୍ବା ନିୟମିତ ସାଥୀଙ୍କଠାରୁ ଏଚଆଇଭି ଆକ୍ରାନ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ଦେଖାଯାଉଛି - ଯାହା ପାରମ୍ପରିକ 'ମୁଖ୍ୟ ଜନସଂଖ୍ୟା' ବାହାରେ ଏକ ପରିବର୍ତ୍ତନକୁ ସଙ୍କେତ ଦିଏ। ଭାରତର ଯୁବ ଜନସଂଖ୍ୟା - ବାର୍ଷିକ ୧୫-୨୫ ବର୍ଷ ବୟସ ଗୋଷ୍ଠୀରେ ପ୍ରବେଶ କରୁଥିବା ୨.୨୫ କୋଟି କିଶୋରୀ - ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକର ସହଜ ପ୍ରବେଶ ସହିତ ଏହି ବିପଦକୁ ଅଧିକ କରିଥାଏ। ଭାରତ ଭୂଲମ୍ବ ସଂକ୍ରମଣ ହ୍ରାସ କରିବାରେ ଯଥେଷ୍ଟ ଲାଭ ପାଇଛି। ଏଚଆଇଭି ଏବଂ ସିଫିଲିସ୍ ପାଇଁ ପ୍ରସବପୂର୍ବ ମା'ମାନଙ୍କର ସାର୍ବଜନୀନ ସ୍କ୍ରିନିଂ ଏବଂ ଚିକିତ୍ସା, ପ୍ରାରମ୍ଭିକ ଶିଶୁ ନିର୍ଣ୍ଣୟ ଏବଂ ଶିଶୁରୋଗ ପ୍ରତିରୋଧକ ମା'ରୁ ଶିଶୁ ସଂକ୍ରମଣ ୨୦୨୦ ମସିହାରେ ୨୫ ପ୍ରତିଶତରୁ କମ ହୋଇ ୨୦୨୪ ମସିହାରେ ୧୦ ପ୍ରତିଶତ ହୋଇଛି। ତଥାପି, ଏହା ନିରାକରଣ ପାଇଁ ପାଞ୍ଚ ପ୍ରତିଶତ ସୀମା ଉପରେ ରହିଛି। ସରଳ ଭାବରେ କହିବାକୁ ଗଲେ, ଭାଇରସ୍ ଅନୁକୂଳିତ ହୋଇଛି। ଏହା ଛୋଟ ପିଲାମାନଙ୍କୁ ପ୍ରଭାବିତ କରେ, ଅଧିକ ବିସ୍ତାରିତ ହୁଏ, ଏବଂ ନୂତନ ଦୁର୍ବଳତାକୁ ଶୋଷଣ କରେ। ଏହି ଆହ୍ୱାନ ଗୁଡ଼ିକୁ ସମାଧାନ କରିବା ପାଇଁ ଏକ ନୂତନ ବ୍ଲୁପ୍ରିଣ୍ଟ ଆବଶ୍ୟକ। ଏନଏସିପି-୬କୁ ଭାରତର ସବୁଠାରୁ ସାହସିକ ଏବଂ ଭବିଷ୍ୟତ ଉପଯୋଗୀ ଏଚଆଇଭି ରଣନୀତି ଭାବରେ କଳ୍ପନା କରାଯାଇଛି। ଏହା ୨୦୩୦ ସୁଦ୍ଧା ସାର୍ବଜନୀନ ସ୍ୱାସ୍ଥ୍ୟ ବିପଦ ଭାବରେ ଏଡ୍‌ସକୁ ସମାପ୍ତ କରିବାର ଏସଡିଜି ୩.୩ ସହିତ ସମନ୍ୱିତ। ପ୍ରଥମେ, ଭାରତର ବିବିଧ ଦୁର୍ବଳତା ପ୍ରୋଫାଇଲ୍ ପ୍ରତିରୋଧକୁ ଲୋକଙ୍କୁ ଅନୁସରଣ କରିବାକୁ ଆହ୍ୱାନ କରେ - ବର୍ଗ ନୁହେଁ। ପାରମ୍ପରିକ 'ଉଚ୍ଚ-ବିପଦ ଗୋଷ୍ଠୀ' ବାହାରେ, କାର୍ଯ୍ୟକ୍ରମ ସାମାଜିକ ଏବଂ ସାଂରଚନିକ କାରଣଗୁଡ଼ିକ ଦ୍ୱାରା ସୃଷ୍ଟି ହୋଇଥିବା ଓଭରଲାପିଙ୍ଗ ଦୁର୍ବଳତାକୁ ସମାଧାନ କରିବା ଉଚିତ। ସମ୍ପୂର୍ଣ୍ଣ ସୁରକ୍ଷା ଢାଞ୍ଚା ଅଧୀନରେ, ସାର୍ବଜନୀନ ପ୍ରତିରୋଧ ନିଶ୍ଚିତ କରିବ ଯେ ହସ୍ତକ୍ଷେପ ଲେବଲ୍ ବଦଳରେ ଦୁର୍ବଳ ବ୍ୟକ୍ତିମାନଙ୍କ ପାଖରେ ପହଞ୍ଚିବ। ହଟସ୍ପଟ୍ କିମ୍ବା ସୁପର-ସ୍ପ୍ରେଡରଗୁଡ଼ିକୁ ଟ୍ରାକିଂ କରିବା ପାଇଁ ଏଆଇ-ଚାଳିତ ଆତ୍ମ-ବିପଦ ମୂଲ୍ୟାଙ୍କନ, ଭର୍ଚୁଆଲ୍ ଆଉଟରିଚ୍, ନୂତନ ଔଷଧ ଉପକରଣ ଏବଂ ରୋଗ ନିରୀକ୍ଷଣ ପ୍ଲାଟଫର୍ମ ପରବର୍ତ୍ତୀ ପିଢ଼ିର ପ୍ରତିରୋଧ ଏବଂ ସେବା ସଂଯୋଗକୁ ଶକ୍ତି ପ୍ରଦାନ କରିବ। ଆଇଭି ଔଷଧ ବ୍ୟବହାର ଦ୍ୱାରା ପରିଚାଳିତ ମହାମାରୀ ଉପରେ ଲକ୍ଷ୍ୟ ରଖାଯାଇଥିବା ରଣନୀତି ମହାମାରୀକୁ ବିପରୀତ କରିବାରେ ଏନଏସିପି-୬ ର କେନ୍ଦ୍ର ହେବ। ଦ୍ୱିତୀୟତଃ, ଏନଏସିପି ୬କୁ ଶୀଘ୍ର ଚିହ୍ନଟ କରିବା, ପ୍ରଭାବଶାଳୀ ଭାବରେ ଚିକିତ୍ସା କରିବା, ଜୀବନ ପାଇଁ ରଖିବା ଆବଶ୍ୟକ। ଉଚ୍ଚ ଗୁଣବତ୍ତା, ମାଗଣା ଆଣ୍ଟି-ରେଟ୍ରୋଭାଇରାଲ୍ ଚିକିତ୍ସା ଏବଂ ଭାଇରାଲ୍ ଦମନ ବିସ୍ତାର କରିବାରେ ଭାରତର ସଫଳତା ଅଭୂତପୂର୍ବ। ତଥାପି, ଚିକିତ୍ସା ପାଳନ ଏବଂ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ପାଇଁ ସଂରକ୍ଷଣ କାର୍ଯ୍ୟ ଜାରି ରହିଛି। ଏଆରଟି ବଣ୍ଟନ ପାଇଁ ଆଭା, ଟେଲିମେଡିସିନ୍ ଏବଂ ଡିଜିଟାଲ୍ ଅନୁସରଣ ବ୍ୟବହାର କରି ସଂଯୋଗ ପଥ ସେବା ପ୍ରଦାନ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାରେ ସାହାଯ୍ୟ କରିବ। ଆଭା ଏବଂ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସହିତ ଏନଏସିପି-୬ ର ସମନ୍ୱୟ ବ୍ୟାପକ ସାର୍ବଜନୀନ ସ୍ୱାସ୍ଥ୍ୟ ଇକୋସିଷ୍ଟମ ମଧ୍ୟରେ ଏଚଆଇଭି ଯତ୍ନକୁ ମୁଖ୍ୟଧାରାରେ ସାମିଲ କରିବାର ଏକ ସୁଯୋଗ। ତୃତୀୟତଃ, ଏଚଆଇଭି ଏବଂ ସିଫିଲିସର ସଂକ୍ରମଣକୁ ଦୂର କରିବା ପାଇଁ ଏକ ଜାତୀୟ ସ୍ୱାସ୍ଥ୍ୟ ନୀତି ଜରୁରୀ। ଆରଏମଏନସିଏଚ୍+ଏ ସହିତ ସମନ୍ୱୟ ବୃଦ୍ଧି କରି, ଘରୋଇ କ୍ଷେତ୍ରରୁ ତଥ୍ୟ ପ୍ରବାହ ଏବଂ ସ୍କ୍ରିନିଂ କିଟ୍ ପାଇଁ ବିକେନ୍ଦ୍ରୀକୃତ ଯୋଗାଣ ଶୃଙ୍ଖଳ ଦ୍ୱାରା, ଭାରତ ୨୦୩୦ ସୁଦ୍ଧା ନିରାକରଣ ହାସଲ କରିପାରିବ। ତଥାପି, ଏଥିପାଇଁ ପ୍ରତ୍ୟେକ ଗର୍ଭବତୀ ମହିଳାଙ୍କୁ – ଭୌଗୋଳିକତା, ଜାତି, ଆୟ କିମ୍ବା ବୈବାହିକ ସ୍ଥିତି ନିର୍ବିଶେଷରେ - ପହଞ୍ଚିବାକୁ ପଡିବ। ଚତୁର୍ଥ, କାର୍ଯ୍ୟକ୍ରମକୁ କଳଙ୍କ ସମାପ୍ତି ଉପରେ ପୁଣି ଗୁରୁତ୍ୱ ଦେବାକୁ ପଡିବ। କଳଙ୍କ ହେଉଛି ଅଦୃଶ୍ୟତା, ବିଳମ୍ବରେ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ନ ହୋଇଥିବା ସଂକ୍ରମଣର ଏକମାତ୍ର ସବୁଠାରୁ ବଡ଼ ବାହକ। ଏଚଆଇଭି ଏବଂ ଏଡ୍‌ସ (ନିବାରଣ ଏବଂ ନିୟନ୍ତ୍ରଣ) ଆଇନ, ୨୦୧୭ ହେଉଛି ଏଚଆଇଭି ଏଡ୍‌ସ ସହିତ ବାସ କରୁଥିବା ସଂକ୍ରମିତ ଏବଂ ପ୍ରଭାବିତ ଲୋକଙ୍କ ପାଇଁ ଏକ ଅଧିକାର-ଆଧାରିତ ଆଇନ। ଏହି ଆଇନ ଏକ କଳଙ୍କ ଏବଂ ଭେଦଭାବ ମୁକ୍ତ ପରିବେଶରେ ସେବା ଗ୍ରହଣକୁ ପ୍ରୋତ୍ସାହିତ କରେ। ତଥାପି ଘର, ହସ୍ପିଟାଲ, କାର୍ଯ୍ୟସ୍ଥଳ ଏବଂ ନୀତିଗୁଡ଼ିକରେ ମଧ୍ୟ କଳଙ୍କ ଜାରି ରହିଛି ଏବଂ ସ୍ଥାୟୀ କଳଙ୍କ ଏବଂ ଭେଦଭାବକୁ ଦୂର କରିବା ପାଇଁ ଦୃଢ଼ ସମନ୍ୱିତ ପ୍ରୟାସ କରାଯିବା ଆବଶ୍ୟକ। ଏଚଆଇଭି ନିବାରଣରେ ଭାରତର ଯାତ୍ରା ଅନେକ ସାହସିକ ମାଇଲଖୁଣ୍ଟ ସହିତ ଚିହ୍ନିତ ହୋଇଛି। ଏଚଆଇଭି ନିୟନ୍ତ୍ରଣ ଏବଂ ନିବାରଣରେ ପ୍ରାରମ୍ଭିକ ବିନିଯୋଗ କରିବା ଦ୍ୱାରା ମହାମାରୀ ଗତିପଥର ପରିବର୍ତ୍ତନ ଘଟିଲା, ଯାହା ଏକ ସମ୍ପୂର୍ଣ୍ଣ ପିଢ଼ିକୁ ଦୁଃଖ ଏବଂ ରୋଗରୁ ରକ୍ଷା କଲା; ଏବଂ ଏକ ସୁସ୍ଥ ଜନସଂଖ୍ୟାଗତ ଲାଭାଂଶ ସୃଷ୍ଟି କଲା ଯାହା ଅର୍ଥନୈତିକ ଅଭିବୃଦ୍ଧି କାହାଣୀରେ ଯୋଗଦାନ କରିଛି। ଏନଏସିପିର ସ୍କେଲରେ ସେବା ପ୍ରଦାନର ପ୍ରଦର୍ଶିତ ଟ୍ରାକ୍ ରେକର୍ଡ ମୂଳଦୁଆକୁ ମଜବୁତ କରେ। ବର୍ତ୍ତମାନ ପୂର୍ବ ଅପେକ୍ଷା ଅଧିକ, ବିଜ୍ଞାନ ଭାରତର ଏଚଆଇଭି /ଏଡ୍ ?ସ ଦୂରୀକରଣ ଦୃଷ୍ଟିକୋଣ ପାଖରେ ଅଛି। ଆମର ସ୍ପନ୍ଦନଶୀଳ ବାୟୋଟେକ୍ନୋଲୋଜି ଏବଂ ଔଷଧ ଶିଳ୍ପ, ଟୀକା ଏବଂ ନିଦାନର ବିକାଶ ତଥା ସ୍କେଲ୍-ଅପ୍ ଦ୍ରୁତ କରିପାରିବ, ଯାହା ଦୂରୀକରଣ ପ୍ରୟାସ ପାଇଁ ଟେଲ୍ ୱାଇଣ୍ଡ ପ୍ରଦାନ କରେ। ତଥାପି, ହଜାର ମାଇଲର ଯାତ୍ରାରେ, ଶେଷ ମାଇଲ୍ ସର୍ବଦା କଷ୍ଟକର। ଏଚଆଇଭି ଏଡ୍‌ସକୁ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ବିପଦ ଭାବରେ ସମାପ୍ତ କରିବାର ଶେଷ ମାଇଲ୍ କେବଳ ଜୈବିକ ଚିକିତ୍ସା ନୁହେଁ - ଏହା ସାମାଜିକ, ଡିଜିଟାଲ୍, ଆଚରଣଗତ ଏବଂ ସଂରଚନାତ୍ମକ। ଏନଏସିପି-୬ ଏକ ଭବିଷ୍ୟତ-ଦୃଷ୍ଟିସମ୍ପନ୍ନ ରୋଡମ୍ୟାପ୍ ପ୍ରଦାନ କରେ ଯାହା ପ୍ରଯୁକ୍ତିବିଦ୍ୟା ଭାବରେ ଆଧୁନିକ, ମହାମାରୀଗତ ଭାବରେ ସଠିକ୍ ଏବଂ ସାମାଜିକ ଭାବରେ ଭିତ୍ତିଭୂମିଯୁକ୍ତ। ଏକ ଅଟଳ ସରକାରୀ ପ୍ରତିବଦ୍ଧତା ଏବଂ ଏକ ସ୍ଥିର ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥା ଦ୍ୱାରା ଆଧାରିତ, ଭାରତ ସୁଯୋଗର ସଦୁପଯୋଗ କରିବ - ବିଶ୍ୱକୁ ଦେଖାଇବା ପାଇଁ ଯେ ବିଜ୍ଞାନ, ଗୋଷ୍ଠୀ ଏବଂ ନୀତି ଏକାଠି ହେଲେ ଏକ ମହାମାରୀକୁ ସମାପ୍ତି କରିବା ସମ୍ଭବ। ଲେଖକ ହେଉଛନ୍ତି ଜାତୀୟ ଏଡସ୍ ନିୟନ୍ତ୍ରଣ ସଂଗଠନ (ଏନଏସିଓ), ଏମଓଏଚଏଫଡବ୍ଲୁର ଅତିରିକ୍ତ ସଚିବ ଏବଂ ମହାନିର୍ଦ୍ଦେଶକ।



ଭି ହେକାଲି ଝିମୋମି

# ନରାଧମଙ୍କ ଶେଷ ଆଶ୍ରୟ : ରାଜନୀତି

**ଡ଼. କପିଳେନ୍ଦ୍ର ଦାସ**

ଇଂରାଜୀ ଲେଖକ ସାମୁଏଲ ଜନସନ୍‌ଙ୍କ ମତରେ- "ଦେଶପ୍ରେମ ହେଉଛି ନରାଧମଙ୍କ ଶେଷ ଆଶ୍ରୟ"। ଅର୍ଥାତ୍ ମିଥ୍ୟା ଦେଶପ୍ରେମ ଓ ଦେଶଭକ୍ତି। ପରବର୍ତ୍ତୀ ମୁହୂର୍ତ୍ତରେ ଏହି ଉକ୍ତିଟି ବଦଳିଗଲା - "ନରାଧମଙ୍କ ଶେଷ ଆଶ୍ରୟ : ରାଜନୀତି "। ଏହି ଉକ୍ତିଟି ସାମ୍ପ୍ରତିକ ପରିସ୍ଥିତିରେ ଭାରତ ପାଇଁ ପ୍ରାସଙ୍ଗିକ। "ରାଜନୀତି : ନରାଧମଙ୍କ ଶେଷ ଆଶ୍ରୟ" ବାକ୍ୟରେ ନରାଧମର ଅର୍ଥ ହେଉଛି ଏମିତି ଜଣେ ଲୋକ ଯିଏ ଅସତ୍ୟ, ଧୋକାବାଜ ଓ ସ୍ୱାର୍ଥପର। ଆଉ ଆଶ୍ରୟ ଅର୍ଥ ହେଉଛି ଏକ ସୁରକ୍ଷିତ ସ୍ଥାନ। ତେଣୁ ଯଦି କୁହାଯାଏ ଯେ, "ରାଜନୀତି ହେଉଛି ନରାଧମଙ୍କ ଶେଷ ଆଶ୍ରୟ" ତାହାର ପ୍ରକୃତ ଅର୍ଥ ହେଲା- ଯେଉଁମାନେ ସତ୍ୟ, ନ୍ୟାୟ, ନିଷ୍ଠା ଓ ପରିଶ୍ରମ ଦ୍ୱାରା ସଫଳ ହୋଇପାରନ୍ତିନି, ସେମାନେ ନିରୁପାୟ ହୋଇ ଶେଷରେ ରାଜନୀତିକୁ ଆପଣେଇ ନିଜ ସ୍ୱାର୍ଥ ପୂରଣ କରନ୍ତି। ଏମାନେ ହେଉଛନ୍ତି ସମାଜର ପ୍ରକୃତ ଖଳନାୟକ ଏବଂ ଅପରାଧୀ। ରାଜନୀତିକୁ ଆଶ୍ରୟ କରନ୍ତି କେବଳ ଶକ୍ତି, ଧନ କିମ୍ବା ମାନ-ସମ୍ମାନ ଲାଭ ପାଇଁ, ରାଜନୀତି ହୋଇଯାଏ ଏମାନଙ୍କ ପାଇଁ ଏକ ସୁରକ୍ଷିତ ମଞ୍ଚ।

କିନ୍ତୁ ରାଜନୀତି ହେଉଛି ଜନସେବାର ମାଧ୍ୟମ, ଯାହା ମାନବ ସମାଜର ଉନ୍ନତି, ସମତା, ନ୍ୟାୟ ଓ ଶାନ୍ତି ସ୍ଥାପନ କରିବାକୁ ଉଦ୍ଦିଷ୍ଟ। ରାଜନୀତି ମାଧ୍ୟମରେ ନେତାମାନେ ଜନତାଙ୍କ ଆଶାଆକାଂକ୍ଷା ପୂରଣ କରିବା ଓ ତାଙ୍କର ମୌଳିକ ସମସ୍ୟାକୁ ଦୂରକରିବା ଦାୟିତ୍ୱ ନିର୍ବାହ କରନ୍ତି। କିନ୍ତୁ ଯେତେବେଳେ ଏହି ରାଜନୀତି ନିଜ ଲାଭ, ଦଳୀୟ ହିତ, ଅନ୍ୟାୟ ଓ ଦୁର୍ନୀତିର ଆଶ୍ରୟ ହେଉଛି, ସେତେବେଳେ ଏହା ନରାଧମଙ୍କ ପାଇଁ ଶେଷ ଆଶ୍ରୟ ହେବାର ଅଭିଯୋଗ ଉଠିଥାଏ।

ଏହି ନରାଧମ ମାନେ ସତ୍ୟ, ନ୍ୟାୟ, ନୀତି ଓ ଧର୍ମର ମୁଖା ପିନ୍ଧି ସମାଜରେ ପ୍ରତିଷ୍ଠିତ ହୁଅନ୍ତି। ମୁଖାପିନ୍ଧି ଅଭିନୟ କରନ୍ତି। ନୂଆ ଚେହେରା, ନୂଆ ଭାଷଣ ଓ ନୂଆ ନାଟକ ନେଇ ଏମାନେ ରାଜନୀତିକୁ ଆସନ୍ତି। ଲୋକମାନେ ମଧ୍ୟ ମନ୍ତ୍ରମୁଗଧ ହୋଇ ତାଙ୍କୁ ଭୋଟ ଦିଅନ୍ତି। ଏହାର ଫଳ ହେଉଛି ଏକ ସୁସ୍ଥ ଲୋକତନ୍ତ୍ର ପାଇଁ ଏହି ନରାଧମ ମାନେ ନୀତି ତିଆରି କରୁଛନ୍ତି, ଆଇନ ବନାଉଛନ୍ତି ଓ ତାକୁ ଲାଗୁ କରୁଛନ୍ତି। ନିଜେ ଅସତ୍ୟ ଅଥଚ ସତ୍ୟର ଭାଷଣ ଦିଅନ୍ତି, ଅନ୍ୟାୟ କାମ କରନ୍ତି ଅଥଚ ନ୍ୟାୟର କଥା କୁହନ୍ତି, ନିଜେ ଅନୀତି କାମ କରୁଥିବେ ଅଥଚ ନୀତିର ଭାଷଣ ଦିଅନ୍ତି, ନିଜେ ଅଧର୍ମ କାମ କରୁଥିବେ କିନ୍ତୁ ଧର୍ମର କଥା କହୁଥିବେ। ଏହିପରି ମୁଖାପିନ୍ଧି ନରାଧମମାନେ ଦେଶର ଲୋକତନ୍ତ୍ର ଓ ନୀତିମତାକୁ ଦୂଷିତ ଓ କଳୁଷିତ କରୁଛନ୍ତି। ଅନେକ ଅପରାଧି ନେତା ନିଜର ଅପରାଧକୁ ଢ଼ାକିବା ପାଇଁ ରାଜନୀତିର ଆଶ୍ରୟ ନେଇଥାନ୍ତି। କାରଣ ଏହା ତାଙ୍କର ସୁରକ୍ଷା ମଞ୍ଚ। ଏହାର ପ୍ରଭାବରେ ଲୋକତନ୍ତ୍ର ଦୁର୍ବଳ ହୁଏ- ଜନମତ ଅନ୍ୟାୟ ଭାବେ ଗଠିତ ହୁଏ, ନୀତିମତ ନେତୃତ୍ୱ ଦବିଯାଏ। ଭ୍ରଷ୍ଟାଚ୍ଚର ଓ ଦୁର୍ନୀତି ବୃଦ୍ଧି ହୁଏ - ଅନ୍ୟାୟ ଅସତ୍ୟ, ଅନୀତି ଓ ଅନିୟମ ଅଭିଯୋଗ ଦିନକୁ ଦିନ ବଢ଼ି ଚ୍ଚଲେ। ଏହି ପ୍ରବୃତ୍ତି ଗଣତନ୍ତ୍ର ପାଇଁ ଅତ୍ୟନ୍ତ ହାନିକାରକ।

"ରାଜନୀତି : ନରାଧମଙ୍କ ଶେଷ ଆଶ୍ରୟ" ଏହି ଉକ୍ତି ଅନେକଙ୍କ ମନରେ ରାଜନୀତି ପ୍ରତି ଅବିଶ୍ୱାସ ଓ ନିରାଶାର ଭାବ ସୃଷ୍ଟି କରେ। ବହୁ ସମୟରେ ରାଜନୀତିକ ଏକ "ମଳିନ ଖେଳ" ବୋଲି ଧରାଯାଏ, ଯେଉଁଠାରେ ସତ୍ୟ ଓ ନୀତି ରହେ ନାହିଁ, କିନ୍ତୁ ଲୋଭ, କପଟ ଓ ସ୍ୱାର୍ଥ ପ୍ରଧାନ ହୁଏ। ଯେଉଁ ସମାଜରେ ରାଜନୀତିକୁ "ମଳିନ" ବୋଲି ଧରାଯାଏ, ସେଠାରେ ଭଲ ଲୋକ, ସଚ୍ଚୋଟ ଲୋକ ରାଜନୀତିରୁ ଦୂରରେ ରହନ୍ତି। ଏହି ଶୂନ୍ୟ ସ୍ଥାନକୁ କେବଳ ନରାଧମ/ଅପରାଧୀ ମାନେ ହିଁ ପୂରଣ କରନ୍ତି। ଏହି ରାଜନେତା ମାନେ ଅପରାଧ ରେକର୍ଡ ସହିତ ମଧ୍ୟ ନିର୍ବାଚନ ଜିତନ୍ତି ଓ ପ୍ରତିନିଧିତ୍ୱ କରନ୍ତି। ଏମାନେ ରାଜନୀତିକୁ ନିଜ ଲାଭ, ସ୍ୱାର୍ଥ, ଅନ୍ୟାୟ ଓ ଓ ଭ୍ରାଷ୍ଟାଚ୍ଚର ପାଇଁ ଉପଯୋଗ କରିଥାନ୍ତି। ଏମାନଙ୍କ ସ୍ଲୋଗାନ - "ମିଶୁ ଦେଶ ପାଣ୍ଠି, ଆମରି ପାଣ୍ଠିରେ, ଦେଶବାସୀ ଥାଅ ଭୋକ ଉପାସରେ"। କେବଳ ଅପରାଧ କରୁଥିବା ବ୍ୟକ୍ତି ଏମାନେ ନୁହଁନ୍ତି, ବରଂ ନିଜ ଲାଭ ପାଇଁ ସମାଜ, ଧର୍ମ, ନୀତି ଓ ନ୍ୟାୟକୁ ଅପମାନ କରୁଥିବା, ଅନ୍ୟମାନଙ୍କୁ ହାନି କରୁଥିବା, ମନୁଷତ୍ୱ ବିରୋଧୀ କାମ କରୁଥିବା ବ୍ୟକ୍ତି ମଧ୍ୟ ଏହି ମାନେ। ଭାରତର ରାଜନୀତିରେ ଅପରାଧି ଓ ରାଜନୀତି - ଏକ ଗମ୍ଭୀର ଚିନ୍ତନ। ଭାରତର ରାଜନୀତି ଦିନକୁ ଦିନ ଅପରାଧି ପୃଷ୍ଠଭୂମି ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଭାବିତ ହେଉଛି, ଯାହା ଗଣତନ୍ତ୍ର ପାଇଁ ଏକ ଗମ୍ଭୀର ଆଶଙ୍କାର ବିଷୟ। ଅପରାଧୀକରଣ ରାଜନୀତିରେ ଏହି ଅର୍ଥରେ ବ୍ୟବହୃତ ହୁଏ ଯେ ଅପରାଧ କରିବା ବ୍ୟକ୍ତିମାନେ ନିର୍ବାଚନ ଲଢ଼ିବା, ଜିତିବା ଓ ଶାସନର ଅଂଶ ହେବା ପାଇଁ ସୁଯୋଗ ପାଉଛନ୍ତି। ଉଦାହରଣ ସ୍ୱରୂପ ଏଡିଆର୍ ରୋପୋର୍ଟ ଅନୁସାରେ ବର୍ତ୍ତମାନ ଭାରତର ଲୋକସଭାରେ ୫୪୩ ମଧ୍ୟରୁ ୨୫୧ଜଣ ଅପରାଧିକ ପୃଷ୍ଠଭୂମି ଥିବା ସାଂସଦମାନେ ଅଛନ୍ତି। ତନ୍ମଧ୍ୟରୁ ଗୁରୁତର ଅପରାଧ ମାମଲା ଥିବା ସାଂସଦ ୧୬୯ ଜଣ। ଠିକ୍ ସେହିପରି ଓଡିଶା ବିଧାନ ସଭାରେ ମୋଟ ବିଧାୟକ ୧୪୭ ମଧ୍ୟରୁ ଅପରାଧିକ ପୃଷ୍ଠଭୂମି ଥିବା ବିଧାୟକ ୮୫ ଅଛନ୍ତି ଏବଂ ସେଥିମଧ୍ୟରୁ ଗମ୍ଭୀର ଅପରାଧ ମାମଲା ଥିବା ବିଧାୟକ ୬୬ ଜଣ। ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ସମଗ୍ର ଭାରତରେ ଗମ୍ଭୀର ଅପରାଧ ମାମଲା ଥିବା ବିଧାୟକଙ୍କ ଦୃଷ୍ଟିରେ ଚତୁର୍ଥ ସ୍ଥାନରେ ଅଛି। ଏହିପରି ଭାରତର ବହୁତ ରାଜ୍ୟରେ ଏମିତି ରାଜନେତା ଅଛନ୍ତି ଯେଉଁଠି ସେମାନଙ୍କ ବିରୁଦ୍ଧରେ ଗୁରୁତର ମାମଲା ଚ୍ଚଲିଛି, ତଥାପି ସେମାନେ ନିର୍ବାଚନ ଜିଣି ବିଧାୟକ ସାଂସଦ ଓ ମନ୍ତ୍ରୀ ହୋଇଛନ୍ତି। ଏହା ଭାରତର ନୀତି ଓ ଆଇନ ପ୍ରତି ବିଶ୍ୱାସକୁ କ୍ଷୟ କରୁଛି।

ରାଜନୀତିକ ଦଳମାନେ ଅପରାଧୀ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ଟିକେଟ୍ ଦେବାରେ ଅନିଚ୍ଛା ଦେଖାଉ ନାହାନ୍ତି, ଯାହା ଏହି ସମସ୍ୟାକୁ ଅଧିକ ଗଭୀର କରୁଛି। ସୁପ୍ରିମକୋର୍ଟ ଅନେକ ମାମଲାରେ ଅପରାଧୀ ପ୍ରାର୍ଥୀଙ୍କ ବିରୋଧରେ ନିଷ୍ପତ୍ତି ନେଇଥିଲେ ମଧ୍ୟ ଏହା ପ୍ରୟୋଗରେ ଯଥେଷ୍ଟ ହେଉନାହିଁ। ଏହି ଅବସ୍ଥା ଭାରତର ଗଣତନ୍ତ୍ର ଓ ନୀତିମୂଳକ ଶାସନ ପାଇଁ ଅନୁକୂଳ ନୁହେଁ।

ଭାରତ ଏଭଳି ଏକ ଦେଶ, ଯେଉଁଦେଶର ବୁଦ୍ଧିଜୀବି, ବିଚ୍ଚରପତି, ପ୍ରଶାସନିକ ଅଧିକାରୀ, ଅଧ୍ୟାପକ, ଡ଼ାକ୍ତର, ଇଞ୍ଜିନିୟର ଓ ଶିକ୍ଷିତ ଲୋକେ ଅପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀମାନଙ୍କୁ ଭୋଟଦେଇ ବିଧାୟକ/ସାଂସଦ ଭାବରେ ନିର୍ବାଚିତ କରାନ୍ତି। ଏହା ଅତି ଦୁଃଖର ବିଷୟ। ଯେହେତୁ ବିଧାୟକ/ସାଂସଦ କିମ୍ବା ଜନପ୍ରତିନିଧି ହେବା ପାଇଁ ଏମାନଙ୍କର ଶିକ୍ଷାଗତ ଯୋଗ୍ୟତା ଓ ସର୍ବୋଚ୍ଚ ବୟସ ସୀମାର ଆବଶ୍ୟକ ନାହିଁ ପୁଣି ଏମାନଙ୍କୁ ପେନସନ୍, ପଇସା ଓ ପାୱାର ଲୋଭ ଥାଏ। ଏମାନେ ମିଥ୍ୟା ପ୍ରଚ୍ଚର, ଭୟ ଦେଖାଇବା, ଧର୍ମ ଓ ଜାତି ଆଧାରରେ ଭାଗ କରି ଜନମତକୁ ଦୂଷିତ କରନ୍ତି। ତେଣୁ ରାଜନୀତିକୁ ଏମାନଙ୍କର ଅବାଧ ପ୍ରବେଶ ସ୍ୱାଭାବିକ କଥା। ଏମାନଙ୍କର ପାଇଁ ରାଜନୀତି ଏକ ସୁରକ୍ଷିତ ମଞ୍ଚ।

ଭୋଟଦାତା ମାନେ ସଚେତନ ହେବା ଦରକାର। ଜଣେ ଭୋଟଦାତା ଭାବରେ ଆମେ ଯଦି ଖରାପ ଲୋକଙ୍କୁ ଅସ୍ୱୀକାର କରିଦେବା, ତେବେ ସେମାନେ ରାଜନୀତିରେ ପ୍ରବେଶ କରିପାରିବେ ନାହିଁ। ରାଜନୀତିକ ଦଳମାନେ ଯଦି ନୀତି ଓ ଚରିତ୍ରକୁ ଅଗ୍ରଗଣ୍ୟ ଦେଇ ପ୍ରାର୍ଥୀ ଚୟନ କରନ୍ତି, ତେବେ ଏହି ଅସୁସ୍ଥ ପ୍ରବୃତ୍ତିକୁ ରୋକାଯାଇ ପାରିବ। ନିର୍ବାଚନ ପ୍ରକ୍ରିୟାର ସୁଧାର- ଅପରାଧୀ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ନିର୍ବାଚନ ଲଢ଼େଇର ଅନୁମତି ଦେବା ଉଚିତ ନୁହେଁ। ଖରାପ ଲୋକଙ୍କ ବିରୋଧରେ ଦୃଢ଼ ଆଇନ ଓ ଦ୍ରୁତ ବିଚ୍ଚର ଦ୍ୱାରା ସେମାନେ ରାଜନୀତିରେ ପ୍ରବେଶ କରିବା ପୂର୍ବରୁ ଅବରୋଧ କରାଯାଇ ପାରିବ।

ସତ୍ୟ, ନୀତି ଓ ନ୍ୟାୟ ଉପରେ ଆଧାରିତ ରାଜନୀତି ହେଉଛି- ଏକ ଶୁଭ୍ର କ୍ଷେତ୍ର ଏବଂ ସୁସ୍ଥ, ଶକ୍ତିଶାଳୀ ମଞ୍ଚ। ସୁନ୍ଦର ସମାଜ ଗଠନର ମୂଳ ଆଧାର। ଯଦି ଆମେ ଏହି ମୂଲ୍ୟବୋଧକୁ ରକ୍ଷା କରିପାରିବା, ତେବେ ଦୁର୍ଜନ ରାଜନୀତିରୁ ଦୂରେ ରହିବେ। ସମସ୍ତ ରାଜନୀତିକ ନରାଧମ/ଅପରାଧୀ ନୁହନ୍ତି। ଇତିହାସରେ ଅନେକ ମହାନ ନେତା ଥିଲେ ଯେଉଁମାନେ ଜନସେବାକୁ ଲକ୍ଷ୍ୟ କରିଥିଲେ- ମହାତ୍ମା ଗାନ୍ଧୀ, ଆବ୍ରହମ୍ ଲିଙ୍କନ, ସୁବାଷ ବୋଷ, ନେଲସନ୍ ମାଣ୍ଡେଲା ଓ ଡ. ବି.ଆର୍. ଆମ୍ବେଦକର, ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ତାହାର ଉଦାହରଣ। ଯେଉଁମାନେ ଜନସେବାକୁ ରାଜନୀତିର ମୂଳ ଉଦ୍ଦେଶ୍ୟ ଭାବେ ଗ୍ରହଣ କରିଥିଲେ।

"ରାଜନୀତି : ନରାଧମଙ୍କ ଶେଷ ଆଶ୍ରୟ" – ଏହି ବାକ୍ୟ ଏକ ଗଭୀର ବ୍ୟଙ୍ଗ ଓ ଚେତାବନୀ ଭିତରେ ଲୁଚିଥିଲେ ମଧ୍ୟ ଆମକୁ ଏହି ଯଥାର୍ଥ ବୁଝାଏ ଯେ ଶକ୍ତି ଓ ପ୍ରଭାବ ଅନେକ ସମୟରେ ନୀତିହୀନ ଲୋକଙ୍କୁ ଆକର୍ଷିତ କରେ। ଯଦି ରାଜନୀତି ଏମିତି ନରାଧମ/ଅପରାଧୀ ଲୋକମାନଙ୍କ ପାଇଁ ଏକ ଆଶ୍ରୟ ହେବାର ଝୁଙ୍କି ରହିଥାଏ, ତେବେ ଏହା ଲୋକତନ୍ତ୍ର ଓ ନୀତିମତ ପାଇଁ ଘାତକ ହେବ। ଏହି ପ୍ରବୃତ୍ତିକୁ ରୋକିବା ପାଇଁ ଆମେ ସମସ୍ତେ ଜଣେ ଜଣେ ଜାଗୃତ ଓ ଦାୟୀତ୍ୱଶୀଳ ନାଗରିକ ଭାବେ ଅଗ୍ରସର ହେବା ଦରକାର। ଏହି ଉଦ୍ୟମ ମାଧ୍ୟମରେ ଆମେ ଏକ ଏମିତି ରାଜନୈତିକ ପରିବେଶ ସୃଷ୍ଟି କରିପାରିବା, ଯେଉଁଠାରେ ନୀତି, ସେବା ଓ ଦାୟିତ୍ୱ ପ୍ରଧାନ ହେବ ଓ ନରାଧମ/ଦୁଷ୍ଟମାନଙ୍କ ପାଇଁ ଏହା ଆଶ୍ରୟ ନୁହେଁ, ବରଂ ଦାୟିତ୍ୱର ମଞ୍ଚ ହେବ ଏବଂ ରାଜନୀତି ଏକ ଗରିମାମୟ ବୃତ୍ତି ଭାବେ ପ୍ରତିଷ୍ଠିତ ହେବ।

ଭେଲା,
ନୂଆପଡା–୭୮୯୪୫୨୯୮୦୧

# ମୋବାଇଲ ଓ ଲାପଟପ୍ ବ୍ୟବହାର କରୁଥିବା ପିଲା ଅଧିକ ଅବସାଦଗ୍ରସ୍ତ

ଆଜିକାଲିର ପିଲାମାନେ ମୋବାଇଲ୍ ଓ ଭିଡିଓ ଗେମ ଖେଳିବାକୁ ଅଧିକ ପସନ୍ଦ କରୁଛନ୍ତି । ବିଶେଷଜ୍ଞଙ୍କ ମତରେ ଯେଉଁ ପିଲାମାନେ ବାହାରର ଖେଳକୁଦ ଅପେକ୍ଷା ଅଧିକ ମୋବାଇଲ୍ ଓ

**ପୂର୍ବରୁ ପିଲାମାନେ ଖେଳକୁଦକୁ ପସନ୍ଦ କରୁଥିବା ବେଳେ ଏବେକାର ପିଲାମାନେ ସ୍ମାର୍ଟ ଫୋନ୍, ଭିଡିଓ ଗେମ୍ ଓ ଅନ୍ୟାନ୍ୟ ଡିଜିଟାଲ୍ ଡିଭାଇସ୍ ଆଡକୁ ବେଶୀ ଢଳୁଛନ୍ତି । ଏହି ପରିବର୍ତ୍ତନ ପିଲାମାନଙ୍କ ଶାରୀରିକ ଗତିବିଧିକୁ କମ୍ କରିବା ସହ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଚାଲିଛି ।**

ଲାପଟପ୍ ବ୍ୟବହାର କରୁଛନ୍ତି, ସେମାନଙ୍କଠାରେ ଅବସାଦର ଆଶଙ୍କା ଅଧିକ । ଏବେକାର ଡିଜିଟାଲ୍ ଦୁନିଆ ପିଲାଙ୍କ ଜୀବନଶୈଳୀକୁ ବଦଳାଇ ଦେଇଛି । ପୂର୍ବରୁ ପିଲାମାନେ ଖେଳକୁଦକୁ ପସନ୍ଦ କରୁଥିବା ବେଳେ ଏବେକାର ପିଲାମାନେ ସ୍ମାର୍ଟ ଫୋନ୍, ଭିଡିଓ ଗେମ୍ ଓ ଅନ୍ୟାନ୍ୟ ଡିଜିଟାଲ୍ ଡିଭାଇସ୍ ଆଡକୁ ବେଶୀ ଢଳୁଛନ୍ତି । ଏହି ପରିବର୍ତ୍ତନ ପିଲାମାନଙ୍କ ଶାରୀରିକ ଗତିବିଧିକୁ କମ୍



କରିବା ସହ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଚାଲିଛି । ବିଶେଷଜ୍ଞଙ୍କ ମତରେ ଘରେ ବାହାରେ ଖେଳିବା କମିବା ଦ୍ୱାରା ପିଲାଙ୍କ ଅବସାଦ ଓ ମାନସିକ ସମସ୍ୟାର ସବୁଠାରୁ ବଡ଼ କାରଣ । ତେଣୁ ପିଲାଙ୍କ ଭିତରେ ବାହାରେ ଖେଳିବାକୁ ଆଗ୍ରହ ବଢାଇବା ଉଚିତ୍ ବୋଲି କହନ୍ତି ବିଶେଷଜ୍ଞ ।

ଡିଜିଟାଲ୍ ଉପକରଣର ଉପଯୋଗ ବଢିବା: ସ୍ମାର୍ଟ ଫୋନ୍, ଟାବଲେଟ୍ ଓ ଭିଡିଓଗେମ୍ସ ଆଦିକୁ ପିଲାମାନେ ଦିନ ସାରା ଘେରି ରହୁଛନ୍ତି । ତେଣୁ ସେମାନେ ଘର ଭିତରେ ସମୟ ବିତାଇବାକୁ ବେଶୀ ପସନ୍ଦ କରୁଛନ୍ତି ।

ପଢାର ଚାପ ବଢୁଛି: ଆଜିକାଲିର ପିଲାଙ୍କ ଉପରେ ପଢା ଓ ପରୀକ୍ଷା ସାଙ୍ଗକୁ ଅଧିକ ମାର୍କ ରଖିବାର ଚାପ ବଢିଚାଲିଛି । ତେଣୁ ସେମାନଙ୍କ ପାଖରେ ଖେଳିବାକୁ ସମୟ ନାହିଁ । ଫଳରେ ସେମାନେ ବାଧ ହୋଇ ଖେଳ ପରିବର୍ତ୍ତେ ଅଧିକ ସମୟ ପଢାରେ ଦେବାକୁ ଚାହୁଁଛନ୍ତି । ଙ୍କ ପିଲାଙ୍କ ସୁରକ୍ଷା ଚିନ୍ତା: ବିଶେଷକରି ସହରାଞ୍ଚଳ ପିଲାଙ୍କୁ ବାପାମା' ବାହାରକୁ ପଠାଇବାକୁ ଭୟ କରିଥାନ୍ତି । ପିଲାଙ୍କ ସହ ଘଟୁଥିବା ଅଘଟଣକୁ ଦେଖି ଅଭିଭାବକ ପିଲାକୁ ବାହାରକୁ ଯିବାକୁ ଦେଇ ନଥାନ୍ତି । ତେଣୁ ପିଲା ବାଧ ହୋଇ ଘର ଭିତରେ ହିଁ ଖେଳିଥାଏ ।

ଖେଳ ପଡିଆର ଅଭାବ: ବଡ଼ ବଡ଼ ସହରରେ ଖେଳ ପଡିଆର ଅଭାବ କ୍ରମଶଃ ବଢିବାରେ ଲାଗିଛି । କାରଣ ସହରମାନଙ୍କରେ ଖୋଲା ଜାଗା ହିଁ ରହୁନାହିଁ । ତେଣୁ ପିଲାମାନେ ନିଜ ଘର ଭିତରେ ମନୋରଞ୍ଜନର ସାଧନ ଖୋଜିବାରେ ବ୍ୟସ୍ତ । ତେଣୁ ସେମାନେ ଟିଭି, ମୋବାଇଲ୍ ? ଓ ଭିଡିଓ ଗେମ୍‌ରେ ନିଜକୁ ହଜାଇ ଚାଲିଛନ୍ତି । ପ୍ରଭାବ ଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ: ବାହାରେ ସାଙ୍ଗସାଥୀଙ୍କ ସହ ନ ଖେଳିବା ଦ୍ୱାରା ପିଲାମାନେ ଏକଲାପଣର ଶିକାର ହୋଇପାରନ୍ତି, ଯାହା ଅବସାଦର ଆଶଙ୍କାକୁ ବଢାଇଥାଏ । ବାହାରେ ନ ଖେଳିବା ଦ୍ୱାରା ପିଲା ଭିତରେ ଚିନ୍ତା ଓ ଅସ୍ଥିରତା ବଢିଥାଏ । ଏହାଦ୍ୱାରା ପିଲା ଭିତରେ ଏକାଗ୍ରତା କମିବାର ଆଶଙ୍କା ରହିଥାଏ ।

ଶାରୀରିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ: ବାହାରେ ଖେଳକୁଦ ନ କରିବା ଦ୍ୱାରା ପିଲା ମୋଟାପଣର ଶିକାର ହୋଇଥାଏ । ଘରେବାହାରେ ଖେଳିବା ଦ୍ୱାରା ହିଁ ପିଲାର ଇମ୍ୟୁନିଟି ମଜଭୁତ ହୋଇଥାଏ । କିନ୍ତୁ ଏପରି ନ ହେବା ଫଳରେ ପିଲାର ସ୍ୱାସ୍ଥ୍ୟବସ୍ଥା ଅସନ୍ତୁଳିତ ହୋଇପଡେ ।

ସାମାଜିକ ସମ୍ପର୍କ ପ୍ରଭାବିତ: ପିଲାଟିଏ ସବୁବେଳେ ଘର ଭିତରେ ରହିବା ଦ୍ୱାରା ସେ ଅବସାଦଗ୍ରସ୍ତ ହୋଇପଡେ । ସେହିପରି ବାହାର ଲୋକଙ୍କ ସହ ସମ୍ପର୍କ ଯୋଡ଼ିବା ତା' ପାଇଁ ଆଦୌ ସହଜ ହୋଇ ନଥାଏ । ଫଳରେ ଅବସାଦ ଯୋଗୁ ପିଲା ଭିତରେ ଆତ୍ମବିଶ୍ୱାସର ଅଭାବ ଦେଖିବାକୁ ମିଳିଥାଏ ।

# ଭିଟାମିନ୍-ଡ଼ି ଅଭାବ ଥିଲେ ଦେଖାଯାଏ ଏହି ସବୁ ଲକ୍ଷଣ

ଶରୀରକୁ ସୁସ୍ଥ ରଖିବା ପାଇଁ ଉପଯୁକ୍ତ ନ୍ୟୁଟ୍ରିସନର ଆବଶ୍ୟକ ରହିଛି । ଏହି ନ୍ୟୁଟ୍ରିସନରେ ଭିଟାମିନ-ଡ଼ି ଏକ ଜରୁରୀ ଭିଟାମିନ ଅଟେ । ଯାହାର ଅଭାବରୁ ଶରୀର ଦୁର୍ବଳ ହେବା ସହ ବିଭିନ୍ନ ପ୍ରକାର ରୋଗ ମଧ ହୋଇଥାଏ । ଭିଟାମିନ-ଡି ଇମ୍ୟୁନିଟିରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେଣୁ ଆମକୁ ଦୈନନ୍ଦିନ ଜୀବନରେ ମଧ ଭିଟାମିନ-ଡିର ଆବଶ୍ୟକ ରହିଛି । ହାଡ଼ ଦୁର୍ବଳ ଅନୁଭବ କରିବା ମଧ ଶରୀରରେ ଭିଟାମିନ-ଡି ଅଭାବର ଲକ୍ଷଣ ଅଟେ । ତେବେ ଆସନ୍ତୁ ଏହି ଭିଟାମିନ ଅଭାବର ଲକ୍ଷଣ ସବୁ କ'ଣ ।

ନ୍ୟୁଟ୍ରିସନିଷ୍ଟ ଓ ଡାଇଟିସିୟନ ଅନୁଜା ସେଠୀଙ୍କ ଅନୁସାରେ , ଭିଟାମିନ-ଡ଼ିର ଅଭାବର ଲକ୍ଷଣ ସାମାନ୍ୟ ଲକ୍ଷଣରୁ ଟିକେ ଅଲଗା । ଏହି ସବୁ ଲକ୍ଷଣକୁ ଅଣଦେଖା କରିବା ଗମ୍ଭୀର ସମସ୍ୟାର କାରଣ ହୋଇପାରେ । ତେବେ ଯଦି ଆପଣଙ୍କୁ ସବୁବେଳେ ଥଣ୍ଡା, ଜର ହେଉଛି । ତାହାଲେ ଏହା ଶରୀରରେ ଭିଟାମିନ-ଡି ଅଭାବର ଲକ୍ଷଣ ଅଟେ । କାରଣ ଏଥିରେ ଇମ୍ୟୁନିଟି ଉପରେ ମଧ ପ୍ରଭାବ ପଡ଼ିଥାଏ ।

ସେହିପରି ସବୁବେଳେ ପିଠି ଓ ଅଣ୍ଟାରେ ଯନ୍ତ୍ରଣା ହେବା ମଧ ଭିଟାମିନ-ଡି ଅଭାବର ଲକ୍ଷଣ ଅଟେ । ଯଦି ଆପଣଙ୍କୁ ଚୁଟି ମୂଳରେ ଦରଜ ହେଉଛି । ତେହେ ଏହା ମଧ ଭିଟାମିନ-ଡିର ଲକ୍ଷଣ ଅଟେ । ଯଦି ସବୁବେଳେ ବିନା କାରଣରେ ଥକାପଣ ଅନୁଭବ ହେଉଛି ତାହାଲେ ଏହା ମଧ ଭିଟାମିନ-ଡି ଅଭାବର ଲକ୍ଷଣ ଅଟେ । ସେହିପରି ଗୋଡର ଦରଜ ହେବା କିମ୍ୱା ତଣ୍ଟିରେ ଯନ୍ତ୍ରଣା ଅନୁଭବ ହେବା କିମ୍ୱା ତଣ୍ଟ ଶୁଖିଯିବା ଭିଟାମିନ-ଡି ଅଭାବର ଲକ୍ଷଣ ଅଟେ ।




# ଦିନକୁ କେତେ ଲିଟର ପାଣି ପିଇବା ସ୍ୱାସ୍ଥ୍ୟ ଭଲ ?

ଶରୀରକୁ ହାଇଡ୍ରେଟ୍ ରଖିବା ପାଇଁ ସବୁଠୁ ଜରୁରୀ ପାଣି ଅଟେ । ଆମେ ଯାହା ବି ଖାଇଲେ ପାଣି ଆମ ଶରୀର ପାଇଁ ନିତ୍ୟାନ୍ତ ଆବଶ୍ୟକ । ଚା, କଫି ଆଦି ପିଇବା ଦ୍ୱାରା ଅନେକ ସମୟରେ ଡ଼ିହାଇଡ୍ରେସନର ସମସ୍ୟା ଦେଖା ଦେଇଥାଏ । କିନ୍ତୁ ପାଣି ଏଭଳି ଏକ ତରଳ ପଦାର୍ଥ ଯାହାର ମାତ୍ରା କମ୍ ହେବା ଦ୍ୱାରା ଶରୀର ପାଇଁ ହାନିକାରକ ଅଟେ । କିନ୍ତୁ ଶରୀର ପାଇଁ କେତେ ପାଣି ପିଇବା ଆବଶ୍ୟକ କିପରି ଜାଣିବା ?ଆସନ୍ତୁ ଜାଣିବା ।

ସଦଗୁରୁ ଦେଶର ଜଣେ ଲୋକପ୍ରିୟ ପ୍ରଭାବଶାଳୀ ବ୍ୟକ୍ତି । ଯିଏ ସ୍ୱାସ୍ଥ୍ୟ ଏବଂ ରିଲେସନସିପ ବିଷୟରେ ଜଡିତ ଟିପ୍ସ ଦେଇଥାନ୍ତି । ତାଙ୍କ ମତରେ ଆମ ଶରୀର ପାଇଁ ଆମକୁ କେତେ ପାଣି ଆବଶ୍ୟକ ତାହା ସ୍ୱୟଂଚାଳିତ ଭାବରେ କହିଥାଏ । ସେ କୁହନ୍ତି ଯେ ଯଦି ବ୍ୟକ୍ତିର ପରିସ୍ରାର ରଙ୍ଗ ପାଣି ପରି ସ୍ୱଚ୍ଛ , ତେବେ ଶରୀରରେ ସଠିକ ପରିମାଣର ପାଣି ରହିଛି । ହଁ, ଯଦି ଆପଣ ଔଷଧ କିମ୍ୱା କୌଣସି ସପ୍ଲିମେଣ୍ଟ ଭଳି ଜିନିଷ ନିଅନ୍ତି, ତେବେ ପରିସ୍ରାର ରଙ୍ଗ ପରିବର୍ତ୍ତନ ହୋଇପାରେ । କିନ୍ତୁ ଏସବୁ କାରଣକୁ ଛାଡିଦେଲେ, ଯଦି ଆପଣଙ୍କ



ପରିସ୍ରାର ରଙ୍ଗ ଭିନ୍ନ ଥାଏ, ତେବେ ଏହା ଶରୀରରେ ପାଣି ଅଭାବର ଲକ୍ଷଣ ।

ପ୍ରତ୍ୟେକଙ୍କ ପାଣି ବ୍ୟବହାର ଭିନ୍ନ ହୋଇଥିବାରୁ ପାଣିର ପରିମାଣ ବ୍ୟକ୍ତି ଅନୁସାରେ ଭିନ୍ନ ହୋଇପାରେ । ଜୀବନଶୈଳୀ ମଧ ଏହାର କାରଣ । ଯଦି ଆପଣ ବାରମ୍ୱାର ଶୋଷ ଅନୁଭବ କରୁଛନ୍ତି, ତେବେ ଏହାର ଅର୍ଥ ହେଉଛି ଆପଣ ଗୋଟିଏ ସମୟରେ ସଠିକ୍ ପରିମାଣର ପାଣି ପିଉନାହାଁନ୍ତି । ଅନେକ ସମୟରେ, ଖାଲି ପେଟରେ ଥଣ୍ଡା ପାଣି ପିଇବା ଦ୍ୱାରା ମଧ ପାଚନକ୍ରିୟା ବିଗିଡ଼ିଥାଏ, ତେଣୁ ଆପଣଙ୍କୁ ସକାଳେ ପ୍ରଥମେ ୧ଗ୍ଲାସ ଉଷୁମ ପାଣି ପିଇବା ଉଚିତ । ସେହିପରି ଜିମ୍ ଯାଉଥିବା ଲୋକଙ୍କ ଶରୀରରୁ ପ୍ରଚୁର ପରିମାଣରେ ଝାଳ ବାହାରୁଛି ।ଅଫିସରେ ବସିଥିବା ଲୋକମାନେ ମଧ ପାଣି ଅଭାବର ସମ୍ମୁଖୀନ ହୋଇପାରନ୍ତି । ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାମାନେ ମଧ ଡିହାଇଡ୍ରେସନର ଶିକାର ହୋଇପାରନ୍ତି । ତେଣୁ ସେମାନଙ୍କୁ ପ୍ରଚୁର ମାତ୍ରାରେ ପାଣି ପିଇବା ଉଚିତ ।

# ଲିମ୍ବ ପତ୍ରରେ ଲୁଚି ରହିଛି ଅନେକ ଔଷଧୀୟ ଗୁଣ

ଲିମ୍ବପତ୍ରର ସ୍ୱାଦ ସହିଦ ଆମେ ସମସ୍ତେ ଜଡ଼ିତ । କିନ୍ତୁ ଆପଣ ଜାଣିଛନ୍ତି ଲିମ୍ବପତ୍ର ଖାଇବା ଦ୍ୱାରା ଆମ ଶରୀର ପାଇଁ କେତେ ଲାଭ ଦାୟକ ହୋଇଥାଏ । ଆୟୁର୍ବେଦ ଓ ପାରମ୍ପରିକ ଚିକିତ୍ସା ବ୍ୟତୀତ ଗବେଷଣାରେ ବୈଜ୍ଞାନିକମାନେ ଲିମ୍ବପତ୍ରର ଔଷଧୀୟ ଗୁଣ ବିଷୟରେ ଅନେକକଥା ଦର୍ଶାଇଛନ୍ତି । ପ୍ରତି ଦିନ ଖାଲିପେଟରେ ଲିମ୍ବ ପତ୍ର ଖାଇବା ଦ୍ୱାରା ଆମ ଶରୀରର ବିଭିନ୍ନ ରୋଗ ଭଲ ହୋଇଯାଇଥାଏ ବୋଲି ବିଶେଷଜ୍ଞମାନେ ମଧ ମତ ଦେଇଛନ୍ତି । ତାହାହେଲେ ଆସନ୍ତୁ ଜାଣିବା ଲିମ୍ବ ପତ୍ର ଖାଇବା ଦ୍ୱାରା ଆମ ଶରୀର ପାଇଁ କ'ଣ ଫାଇଦା ହୋଇଥାଏ ।



**ବ୍ଲଡ ସୁଗାର କଣ୍ଟ୍ରୋଲ କରିଥାଏ**

ଆଜିକାଲି ମଧୁମେହ ରୋଗୀଙ୍କ ସଂଖ୍ୟା ଅଧିକ ଦେଖିବାକୁ ମିଳିଛି । ଏହି ରୋଗ ଭଲ ହେବା ପାଇଁ ରୋଗୀମାନେ ଡାକ୍ତରଙ୍କ ପରାମର୍ଶରେ ମେଡିସିନ୍ ଖାଉଛନ୍ତି । ଏହାସହ ଘରୋଇ ଉପଚାର ମଧ କରୁଛନ୍ତି । ମଧୁମେହ ରୋଗୀମାନେ ଯଦି ପ୍ରତିଦିନ ସକାଳେ ଖାଲି ପେଟରେ ଲିମ୍ବ ପତ୍ର ଖାଆନ୍ତି, ତାହାହେଲେ ସେମାନଙ୍କର ବ୍ଲଡ ସୁଗାର କଣ୍ଟ୍ରୋଲ ରହିଥାଏ । ଶରୀର ପାଇଁ ଲାଭଦାୟକ ହୋଇଥାଏ ।

**ରକ୍ତ ସଫା ରଖିଥାଏ**

ଲିମ୍ବପତ୍ରର ଏପରି ଔଷଧୀୟ ଗୁଣ ରହିଛି, ଯାହା ଆମ ଶରୀରର ରକ୍ତକୁ ସଫା ରଖିଥାଏ । ପ୍ରତିଦିନ ସକାଳେ ଖାଲିପେଟରେ ଏହାକୁ ଖାଇଲେ ଆମ ରକ୍ତରେ ଥିବା ବିଷାକ୍ତ ପଦାର୍ଥକୁ ନଷ୍ଟ କରି ଦେଇଥାଏ । ଆମ ଶରୀରକୁ ବିଭିନ୍ନ ରୋଗଦାଉରୁ ରକ୍ଷା କରିଥାଏ ।

**ପାଚନ ସମସ୍ୟାକୁ ଠିକ୍ କରିଥାଏ**

ପାଚନ ସମସ୍ୟାକୁ ଠିକ୍ କରିଥାଏ ଲିମ୍ବପତ୍ର । ପ୍ରତିଦିନ ସକାଳେ ଲିମ୍ବକୁ ପତ୍ରକୁ ପାଣିରେ ସିଜାଇ ତାର ପାଣିକୁ ପିଇଲେ ପେଟରେ ଅମ୍ଳ ହୋଇ ନଥାଏ । କେବେ ପେଟରେ ଯନ୍ତ୍ରଣା ମଧ ହୋଇନଥାଏ । ଏହା ଆମ ଶରୀରରେ ବିଷାକ୍ତ ପଦାର୍ଥକୁ ବାହାର କରି ପେଟସଫା କରିବାରେ ସାହାଯ୍ୟ କରିଥାଏ ।

**ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ**

ନିମ୍ବ ପତ୍ରରେ ଭିଟାମିନ୍ ଓ ମିନେରାଲ୍ସ ରହିଥାଏ । ଏହା ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ । ଯାହାଫଳରେ ଆମ ଶରୀରକୁ ରୋଗ ଦାଉରୁ ରକ୍ଷା କରିଥାଏ ।

# କାହିଁକି ହୁଏ ରକ୍ତ କର୍କଟ, ଜାଣନ୍ତୁ ଲକ୍ଷଣ

ବିଭିନ୍ନ ରୋଗ ଅଛି, ଯାହାର ନାମ ଶୁଣିବା ମାତ୍ରେ ଲୋକେ ଭୟଭୀତ ହୋଇଯାଆନ୍ତି । ସେଥିମଧ୍ୟରୁ ରକ୍ତ କର୍କଟ ବା ବ୍ଲଡ୍ କ୍ୟାନସର ଅନ୍ୟତମ । ଏହି ରୋଗ ହେଲେ ବଞ୍ଚିବାର ଆଶା କ୍ଷୀଣ ହୋଇଯାଏ । ମାତ୍ର ବର୍ତ୍ତମାନର ଚିକିତ୍ସା ପଦ୍ଧତିର ଉନ୍ନତି ବଳରେ ରୋଗକୁ ମାତ୍ ଦିଆଯାଇ ପାରୁଛି । କିନ୍ତୁ ଏଥିପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ରୋଗ ଚିହ୍ନଟ ହେବା ନିହାତି ଆବଶ୍ୟକ । ତେଣୁ ରୋଗ ବାବଦରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ମାସକୁ ରକ୍ତ କର୍କଟ ସଚେତନତା ମାସ ରୂପେ ପାଳନ କରାଯାଏ । ତେବେ କାହିଁକି ଏହି ରୋଗ ହୁଏ ଏବଂ ଏହାର ଲକ୍ଷ୍ୟଣ କଣ, ଜାଣନ୍ତୁ...



ରକ୍ତ କର୍କଟ ରୋଗକୁ ଲ୍ୟୁକେମିଆ ମଧ କୁହାଯାଏ । ଏହା ରକ୍ତରେ ଥିବା ଶ୍ୱେତ ରକ୍ତ କଣିକାକୁ ପ୍ରଭାବିତ କରିଥାଏ । ଲ୍ୟୁକେମିଆରେ, ଅସ୍ଥି ମଜ୍ଜା ବହୁ ସଂଖ୍ୟାରେ ଅସ୍ୱାଭାବିକ ଶ୍ୱେତ ରକ୍ତ କଣିକା ସୃଷ୍ଟି କରେ, ଯାହାକୁ ଲ୍ୟୁକେମିଆ କୋଷ କୁହାଯାଏ । ରକ୍ତରେ କର୍କଟ କୋଷ ସଂଖ୍ୟା ବୃଦ୍ଧି ହେତୁ ଲୋହିତ ରକ୍ତ କଣିକା, ଶ୍ୱେତ ରକ୍ତ କଣିକା ଏବଂ ପ୍ଲାଟଲେଟ୍ ବୃଦ୍ଧି ହେବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ମିଳେ ନାହିଁ । କାରଣ କର୍କଟ କୋଷ ସାଧାରଣ କୋଷ ଅପେକ୍ଷା ଖୁବ୍ ଦ୍ରୁତ ଗତିରେ ବୃଦ୍ଧି ପାଇଥାନ୍ତି । ଏହି କାରଣରୁ ରକ୍ତରେ ସୁସ୍ଥ ରକ୍ତ କଣିକାର ଅଭାବ ହୁଏ । ଫଳରେ ଶରୀର ସାଧାରଣ ଭାବରେ କାର୍ଯ୍ୟ କରେନାହିଁ । ଅନେକ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ ।

ମୁଖ୍ୟତଃ ତିନି ପ୍ରକାରର ରକ୍ତ କର୍କଟ ଅଛି

ଲ୍ୟୁକେମିଆ- ବିଶ୍ୱାସ କରାଯାଏ ଯେ, ଏହି ପ୍ରକାର ରକ୍ତ କର୍କଟରେ ଶ୍ୱେତ ରକ୍ତ କଣିକାର ଅତ୍ୟଧିକ ଉତ୍ପାଦନ ହୋଇଥାଏ । ଫଳରେ ଜଣେ ବ୍ୟକ୍ତି ସଂକ୍ରମଣ ସହ ଲଢ଼ିବାକୁ ଅସମର୍ଥ ହୋଇଯାଏ ।

ଲିମ୍ଫୋମା- ଲିମ୍ଫୋମା ରକ୍ତ କର୍କଟ ଲିମ୍ଫ ସିଷ୍ଟମ ଉପରେ ପ୍ରଭାବ ପକାଇଥାଏ । ଯାହା ସ୍ନାୟୁର ଏକ ନେଟୱାର୍କ, ଯେଉଁଥିରେ ଲସିକା ଗ୍ରନ୍ଥି, ସ୍ପିଲନ ଏବଂ ଥାଇମସ୍ ଗ୍ରନ୍ଥି ଥାଏ ।

ମାଇଲୋମା- ଏହି କର୍କଟ ଅସ୍ଥି ମଜ୍ଜାର ପ୍ଲାଜମା କୋଷକୁ ପ୍ରଭାବିତ କରେ । ଯେଉଁଥିରେ ହାଡ, ରକ୍ତ ଏବଂ କିଡନୀକୁ କ୍ଷତି ପହଞ୍ଚିଥାଏ ।

ରକ୍ତ କର୍କଟ ରୋଗର ଲକ୍ଷଣ

ରକ୍ତ କର୍କଟ ହେତୁ ଅସ୍ୱାଭାବିକ ରକ୍ତ କଣିକା ତୁଳନାରେ ସାଧାରଣ ରକ୍ତ କଣିକାର ଅଭାବ ଦେଖାଯାଏ, ଯେଉଁ କାରଣରୁ ଶରୀରରେ ଅନେକ ପ୍ରକାରର ଲକ୍ଷଣ ଦେଖାଯିବା ଆରମ୍ଭ କରେ । ରକ୍ତ କର୍କଟର କିଛି ସାଧାରଣ ଲକ୍ଷଣ ନିମ୍ନରେ ଦିଆଯାଇଛି...

ଜ୍ୱର ଲାଗି ରହିବା, ହାଡରେ ଯନ୍ତ୍ରଣା, ନାକରୁ କ୍ରମାଗତ ରକ୍ତସ୍ରାବ, ରାତିରେ ଶୋଇବା ସମୟରେ ଝାଳ ବୋହିବା, ମହିଳାମାନଙ୍କ କ୍ଷେତ୍ରରେ ମାସିକ ଅବଧି ସମୟରେ ପ୍ରବଳ ରକ୍ତସ୍ରାବ, ଭୋକ ନ ଲାଗିବା, ଓଜନ ହ୍ରାସ, ଶାରୀରିକ ପରିଶ୍ରମ ନ କଲେ ମଧ କ୍ଳାନ୍ତ ଲାଗିବା ।

ରକ୍ତ କର୍କଟର କାରଣ

ବିଶେଷଜ୍ଞଙ୍କ ଆଧାରରେ ଏପର୍ଯ୍ୟନ୍ତ ରକ୍ତ କର୍କଟ ରୋଗର କୌଣସି ନିର୍ଦ୍ଦିଷ୍ଟ କାରଣ ଚିହ୍ନଟ କରାଯାଇପାରି ନାହିଁ । ଏହା ଖାଦ୍ୟ, ରାସାୟନିକ ପଦାର୍ଥ କିମ୍ୱା ବିକିରଣର ସଂସ୍ପର୍ଶରେ ଆସିବା କାରଣରୁ ହୋଇଥାଏ । ଏପରିକି ପରିବାରର ଅନ୍ୟ କୌଣସି ସଦସ୍ୟଙ୍କର ଯଦି ପୂର୍ବରୁ ରକ୍ତ କର୍କଟ ହୋଇଥାଏ ତେବେ ଏହା ହେବାର ସମ୍ଭାବନା ଥାଏ ।



# କେଉଁ କାରଣରୁ ହ୍ୱାଇଟ ଡିସ୍‌ଚାର୍ଜ ?

ମହିଳାଙ୍କ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ରକ୍ତହୀନତା ଯେପରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ଠିକ ସେହିପରି ସ୍ୱାସ୍ଥ୍ୟହାନୀ କ୍ଷେତ୍ରରେ ହ୍ୱାଇଟ ଡିସଚାର୍ଜର ମଧ ଭୂମିକା ରହିଛି । ହ୍ୱାଇଟ ଡିସଚାର୍ଜ ବା ଧଳା ସ୍ରାବ ଅବା ଶ୍ୱେତ ପ୍ରଦର ଝିଅମାନଙ୍କ ଠାରେ ଦେଖାଯାଏ । ଏହା ସାମାନ୍ୟ ହେଲେ ଚଳିବ କିନ୍ତୁ ଏହା ଅତ୍ୟଧିକ ହେଲେ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ । ଫଳରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ । ଏବେ ଆସନ୍ତୁ ଜାଣିବା କାହିଁକି ହୁଏ ଏହି ସମସ୍ୟା । ସବୁଠାରୁ ପ୍ରମୁଖ କାରଣ ହେଉଛି ବ୍ୟାକ୍ଟେରିଆ ଇନଫେକ୍ସନ : ଯୌନାଙ୍ଗ ସଫା ଓ ସୁତୁରା ନ କରିବା ହେତୁ ବ୍ୟାକ୍ଟେରିଆ କିମ୍ବ ଫଙ୍ଗଲ ଇନଫେକ୍ସନ ହୋଇଥାଏ । ଫଳରେ ହ୍ୱାଇଟ ଡିସଚାର୍ଜ ହୋଇଥାଏ । ଏଣୁ ସର୍ବଦା ଯୌନାଙ୍ଗ ସଫାସୁତୁରା ପ୍ରତି ଧ୍ୟାନ ଦିଅନ୍ତୁ । ହର୍ମୋନ ସମସ୍ୟା : ହର୍ମୋନ ସମସ୍ୟା ଯୋଗୁଁ ମଧ ହ୍ୱାଇଟ ଡିସଚାର୍ଜ ହୋଇଥାଏ । ଋତୁସ୍ରାବ ଓ ଗର୍ଭ ଧାରଣ ଏବଂ ମେନୋପଜ ସମୟରେ ହର୍ମୋନରେ ଅସନ୍ତୁଳନ ଦେଖାଯାଏ । ଯାହାଦ୍ୱାରା ହ୍ୱାଇଟ ଡିସଚାର୍ଜ ହୋଇଥାଏ । ଏଥିରେ ହେଳା ନକରି ଡାକ୍ତରଙ୍କ ପରାମର୍ଶ ନେବା ଦରକାର । ବାରମ୍ବାର ଗର୍ଭପାତ କଲେ : ବାରମ୍ବାର ଗର୍ଭପାତ କରିବା ଦ୍ୱାରା ଗର୍ଭାଶୟ ଓ ପରିସ୍ରା ଦ୍ୱାର ଇନଫେକ୍ସନ ହୋଇଥାଏ । ଏହାର ପ୍ରଭାବରେ ହ୍ୱାଇଟ ଡିସଚାର୍ଜର ମାତ୍ରା ବଢ଼ିଯାଏ । ଯାହାକି ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ, ତେଣୁ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ଚିକିତ୍ସାରେ ରୁହନ୍ତୁ ।

ସେହିପରି ଡାଇବେଟିସ ପରି ରୋଗ ହେବା ଦ୍ୱାରା ଯୌନାଙ୍ଗ ଇନଫେକ୍ସନ ଅଧିକ ହୋଇଥାଏ । ଏହାଦ୍ୱାରା ହ୍ୱାଇଟ ଡିସଚାର୍ଜ ହୁଏ । ଏଣୁ ଡାକ୍ତରଙ୍କ ପରାମର୍ଶ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତୁ । ଅସ୍ୱାସ୍ଥ୍ୟକର ଖାଦ୍ୟ ମଧ ଅନ୍ୟ ଏକ ପ୍ରମୁଖ କାରଣ । ଅଧିକ ତେଲ ମସଲା, ଜଙ୍ଗଫୁଡ, ତୈଳାକ୍ତ ଖାଦ୍ୟ ଓ ଚର୍ବି ଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଏବଂ ଅଧିକ ଉପବାସ ରଖିବା ଦ୍ୱାରା ମଧ ହ୍ୱାଇଟ ଡିସଚାର୍ଜ ହୋଇଥାଏ । ଏଣୁ ଏସବୁ ଖାଦ୍ୟରୁ ଦୂରେଇ ରୁହନ୍ତୁ । ସେହିପରି ଅନେକଙ୍କ କ୍ଷେତ୍ରରେ ମାମୁଲି ଲାଗୁଥିଲେ ବି ଆଭ୍ୟନ୍ତରଣୀୟ ଅଙ୍ଗରେ କ୍ଷତ ମଧ ଏକ ବଡ଼ କାରଣ । ଗର୍ଭ ନିରୋଧକ ଉପାୟ ଅବଲମ୍ବନରେ କୌଣସି କ୍ଷତ ଅବା ଭୁଲ ଉପାୟରେ ଶାରୀରିକ ସମ୍ପର୍କ ରଖିବା ଦ୍ୱାରା ଆଭ୍ୟନ୍ତରଣୀୟ ଅଙ୍ଗରେ କ୍ଷତ ହୋଇପାରେ । ଏହାଦ୍ୱାରା ମଧ ହ୍ୱାଇଟ ଡିସଚାର୍ଜ ହୋଇଥାଏ । ଗର୍ଭନିରୋଧକ ଉପାୟ ବିଷୟରେ ପ୍ରମୁଖ ଜାଣିବା କଥାଟି ହେଉଛି ଗର୍ଭନିରୋଧକ ଗୋଳି ଓ ଗର୍ଭନିରୋଧକ ଅନ୍ୟାନ୍ୟ ଉପାୟ ଅବଲମ୍ବନ କରିବା ଦ୍ୱାରା ଯୌନାଙ୍ଗ ଓ ଗର୍ଭାଶୟ ଇନଫେକ୍ସନ ହୋଇଥାଏ । ଏହାଦ୍ୱାରା ହ୍ୱାଇଟ ଡିସଚାର୍ଜ ହୋଇଥାଏ ।

ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକ ମନେରଖନ୍ତୁ । ଯୌନାଙ୍ଗ ସଫା ସୁତୁରା ଉପରେ ଧ୍ୟାନ ଦିଅନ୍ତୁ । ଯୌନାଙ୍ଗର ଅଂଶକୁ ଫିଟିକିରି କିମ୍ବା ବୋରିକ୍ସ ପାଉଡର ପାଣିରେ ଧୁଅନ୍ତୁ । ଉତ୍ତମ କ୍ୱାଲିଟ ଅଣ୍ଡରଗାରମେଣ୍ଟ ବ୍ୟବହାର କରନ୍ତୁ । ଏହାକୁ ମଧ ସଫା ସୁତୁରା କରନ୍ତୁ । ଅପରିଷ୍କାର ଅଣ୍ଡରଗାରମେଣ୍ଟ ପିନ୍ଧନ୍ତୁ ନାହିଁ । ଉତ୍ତମ ଖାଦ୍ୟ ଖାଆନ୍ତୁ । ପ୍ରଚୁର ପାଣି ପିଅନ୍ତୁ । ସବୁଜ ପନିପରିବା, ସାଲାଡ଼, ଆଇରନ ଓ ପ୍ରୋଟିନ ଯୁକ୍ତ ଖାଦ୍ୟ ପ୍ରଚୁର ମାତ୍ରାରେ ଖାଆନ୍ତୁ । ଜଙ୍ଗଫୁଡ, ଅଧିକ ତେଲ ମସଲା, ମିଠା, କୋଲ୍ଡ ଡ୍ରିଙ୍କସ ପରି ଖାଦ୍ୟ ଖାଆନ୍ତୁ ନାହିଁ । ସହଜରେ ସୁଚାରୁରୂପେ ହଜମ ହୋଇପାରୁଥିବା ଖାଦ୍ୟ ଖାଆନ୍ତୁ । ଚିନ୍ତା କରନ୍ତୁ ନାହିଁ । ଧୂମପାନ, ଆଲକୋହଲ ପରି ବଦଭ୍ୟାସ ଠାରୁ ଦୂରେଇ ରୁହନ୍ତୁ । ସାବଧାନତାର ସହିତ ଶାରୀରିକ ସମ୍ପର୍କ ରଖନ୍ତୁ ।

ଯଦି ଅଧିକ ଡିସଚାର୍ଜ ହେଉଛି ତେବେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ସାମାନ୍ୟ ହେଉଥିଲେ ବ୍ୟସ୍ତ ହୁଅନ୍ତୁ ନାହିଁ । ଡିସଚାର୍ଜ ଧଳା ପରିବର୍ତ୍ତେ ହଳଦିଆ, ଲାଲ କିମ୍ବା ଅନ୍ୟାନ୍ୟ କୌଣସି ରଙ୍ଗର ହେଉଥିଲେ ଡାକ୍ତରଙ୍କ ଚିକିତ୍ସାରେ ରୁହନ୍ତୁ । ଡିସଚାର୍ଜ ସମୟରେ କୁଣ୍ଡାଇ ହେବା, ପୋଡିବା ଅବା ଦରଜ ପରି ସମସ୍ୟା ଦେଖାଦେଉଥିଲେ ତୁରନ୍ତ ନିକଟସ୍ଥ ସରକାରୀ ଡାକ୍ତରଖାନାର ଅଭିଜ୍ଞ ଡାକ୍ତର କିମ୍ବା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଡିସଚାର୍ଜ ସମୟରେ ଦୁର୍ଗନ୍ଧ ହୋଇଥିଲେ ପତଳା କିମ୍ବା ଅତ୍ୟଧିକ ଗାଢ଼ ଡିସଚାର୍ଜ ହେଉଥିଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଏଭଳି ବିଭିନ୍ନ ସମସ୍ୟା ଦେଖାଯାଉଥିଲେ ହେଳା ନକରି ଡାକ୍ତରଙ୍କ ଚିକିତ୍ସାରେ ରହିବାକୁ ଭୁଲନ୍ତୁ ନାହିଁ । ହ୍ୱାଇଟ ଡିସଚାର୍ଜ ଅଧିକ ହେଉଥିଲେ ଏବଂ ଚିକିତ୍ସାରେ ନରହିଲେ, ଏହା ଶରୀରକୁ ଦୁର୍ବଳ କରିଦେବ । ଏହାର ପ୍ରଭାବରେ ଓଜନ କମିଯିବ । ତ୍ୱଚା ଶୁଖିଯିବ । ଚିନ୍ତା ବଢ଼ିଯିବ ଓ ଅଧିକ ଚିଡ଼ିଚିଡ଼ା ଲାଗିବ । ଏଣୁ ପ୍ରଥମରୁ ଏହାକୁ ଦୂର କରିବା ପାଇଁ ଡାକ୍ତରଙ୍କ ଚିକିତ୍ସାରେ ରୁହନ୍ତୁ । ସୋସିଆଲ ମିଡ଼ିଆ ବା ଅନ୍ୟ କାହାଙ୍କ କଥା ଶୁଣି ମନଇଚ୍ଛା ମେଡ଼ିସିନ ଗ୍ରହଣ କରନ୍ତୁ ନାହିଁ । ଡାକ୍ତରଙ୍କ ଉପରେ ଭରଷା ରଖନ୍ତୁ ଏବଂ ଆପଣ ଆପଣଙ୍କ ସର୍ବନିମ୍ନ ସ୍ୱାସ୍ଥ୍ୟରକ୍ଷା ପାଇଁ ଏକ ଭଲ ରୁଟିନ ତିଆରି କରି ସେହିପରି ଜୀବନଚର୍ଯ୍ୟା ବିତାନ୍ତୁ । ବାଶୀ ଖାଦ୍ୟ, ଗରିଷ୍ଠ ଖାଦ୍ୟ, ଆମିଷ ଖାଦ୍ୟ, ଥଣ୍ଡା ଖାଦ୍ୟ ଓ ସମସ୍ତ ପ୍ରକାର ମାଦକ ଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ । ସମସ୍ୟାର ପ୍ରଥମ ଅବସ୍ଥାରୁ ହିଁ ଅଭିଜ୍ଞ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ଏ ସମସ୍ୟାରୁ ଉପଶମ ପାଇପାରିବେ ।

*ଡାକ୍ତର କାନ୍ତୀ ନାୟକ*
*ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ*

## ନାବାଳିକା ଦୁଷ୍କର୍ମ ମାମଲାରେ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**ବାଲେଶ୍ୱର(ମାନିସ):** ବାଲେଶ୍ୱର ଜିଲା ସିଂଲା ଥାନା ଅଞ୍ଚଳର ଜଣେ ୧୧ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ସେହି ଅଞ୍ଚଳର ବୃଦ୍ଧ ବେଣୁଧର ମହାନ୍ତି (୬୫)ଙ୍କୁ ଆଜୀବନ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ବାଲେଶ୍ୱର ସତନ୍ତ୍ର ପୋକ୍ସୋ କୋର୍ଟ ଜଜ ଇନ୍ଦିରା ପ୍ରିୟଦର୍ଶିନୀ । ଜରିମାନା ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି । ସୂଚନା ଯେ, ନାବାଳିକା ଜଣକ ସ୍ଥାନୀୟ ଆଖୁବାଡ଼ିକୁ ଆଖୁ ଆଣିବା ପାଇଁ ଯାଇଥିବା ବେଳେ ବେଣୁଧର ନାବାଳିକାକୁ ଦୁଷ୍କର୍ମ କରିଥିଲା । ଏକଥା କାହାରିକୁ କହିବା ପାଇଁ ସେ ମନା କରିଥିଲା । ପରିବାର ଲୋକେ ଏହା ଜାଣିପାରି ଅଭିଯୁକ୍ତଙ୍କ ଘରକୁ ଯାଇ ପଚରାଉଚରା କରିଥିଲେ । ବୃଦ୍ଧ ବେଣୁଧର ଉତ୍ ?କ୍ଷିପ୍ତ ହୋଇ ଜାତି ଉଠାଇ ଗାଳିଦେବା ସହ ଧମକ ଦେଇଥିଲେ । ବାଧ ହୋଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଏନେଇ ୨୦୨୫ ଜାନୁଆରୀ ୩୦ ତାରିଖରେ ପୋଲିସ ଏକ ମାମଲା (ନଂ.୧୬୭/୨୦୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଏହି ମାମଲାରେ ୧୭ଜଣ ସାକ୍ଷୀ ଓ ୨୯ଦଲିଲ ଦସ୍ତାବିଜକୁ ଆଧାର କରି ଜଜ୍ ଆଜି ଅଭିଯୁକ୍ତ ବେଣୁଧର ମହାନ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ଶୁଣାଇଛନ୍ତି । ଏଥିସହ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଲାଗି ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ମାମଲାରେ ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁସନ୍ ବାଲେଶ୍ୱର ଦୀପ୍ତିରଞ୍ଜନ ସେଣ୍ଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ପକ୍ଷରୁ ସତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ ।

## ନବଜାତ ଶିଶୁ ବିକ୍ରି ଘଟଣା
# ଅସହାୟ ପରିବାରକୁ ସହାୟତା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ଦଶରଥପୁର:** ରାଜ୍ୟର ଆଗୁଆ ଜିଲ୍ଲା କୁହାଯାଉଥିବା ଯାଜପୁରରେ ଆଜି ବି ଅଭାବ ପାଇଁ ଶିଶୁ ବିକ୍ରିର ଖବର ସାମ୍ନାକୁ ଆସୁଛି । ନିକଟରେ ଦଶରଥପୁର ବ୍ଲକ୍ ଗୋପାଳପୁର ପଞ୍ଚାୟତର ବିଭୂତିପୁର ଗ୍ରାମରେ ନରେନ୍ଦ୍ର ଜେନା ଓ ସୁଲୋଚନା ଜେନା ନିଜର ନବଜାତ ଶିଶୁକନ୍ୟାକୁ ସଂପର୍କୀୟ ଭଉଣୀକୁ ବିକ୍ରି କରିଥିବାର ଖବର ସାମ୍ନାକୁ ଆସିଥିଲା ।

ଜିଲ୍ଲା ପ୍ରଶାସନର ତଦନ୍ତ ପରେ ଅଭାବ ଅନଟନ ପାଇଁ ଏପରି ଘଟଣା ଘଟିଥିବା ପ୍ରମାଣିତ ହୋଇଥିବା ବେଳେ ପରିବାର ବିକ୍ରି ଘଟଣାକୁ ଖଣ୍ଡନ କରିଥିଲେ । ତେବେ ନରେନ୍ଦ୍ରଙ୍କର ପୂର୍ବରୁ ୩ଟି ଝିଅ ଓ ଗୋଟିଏ ପୁଅ ଥିବା ବେଳେ ନବଜାତ ଶିଶୁ ତାଙ୍କ ପଞ୍ଚମ ସନ୍ତାନ ଥିଲେ । ବର୍ତ୍ତମାନ ସମୟରେ ବି ସଚେତନତାର ଅଭାବ ଯୋଗୁ ଓ ତୃଣମୂଳ

**ନିକଟରେ ଦଶରଥପୁର ବ୍ଲକ୍ ଗୋପାଳପୁର ପଞ୍ଚାୟତର ବିଭୂତିପୁର ଗ୍ରାମରେ ନରେନ୍ଦ୍ର ଜେନା ଓ ସୁଲୋଚନା ଜେନା ନିଜର ନବଜାତ ଶିଶୁକନ୍ୟାକୁ ସଂପର୍କୀୟ ଭଉଣୀକୁ ବିକ୍ରି କରିଥିବାର ଖବର ସାମ୍ନାକୁ ଆସିଥିଲା ।**

ସ୍ତରରେ କାମ କରୁଥିବା ସରକାରୀ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ନିରକ୍ଷର ମହିଳାମାନେ ମାତୃତ୍ୱ ଲାଭ କରୁଛନ୍ତି । ଯାହାକି ଜିଲ୍ଲା ପାଇଁ ଏକ ଲଜ୍ଜାର ବିଷୟ ବୋଲି ଯୁବ କଂଗ୍ରେସ ଅଭିଯୋଗ ଉଠାଇଛି ।



ଏହି ଦଳିତ ଗରିବ ପରିବାରରେ ନରେନ୍ଦ୍ର ଜଣେ ମାତ୍ର ଲୋକ ମୂଲମଜୁରୀ ଲାଗି ପରିବାର ଚଳାଉଛନ୍ତି । ଯାହାକି ୭ ପ୍ରାଣୀ କୁଟୁମ୍ବଙ୍କୁ ପୋଷିବା ତାଙ୍କ ପକ୍ଷେ କଷ୍ଟକର ହୋଇ ପଡିଛି ।

ଅନ୍ୟ ପଟେ ଆଜି ବି ସରକାରୀ ଚିକିତ୍ସାଳୟରୁ ପିଲା ହସ୍ତାନ୍ତର ହେଉଥିବାରୁ କଂଗ୍ରେସ ଦୃଢ଼ ନିନ୍ଦା କରିଛି । ପୂର୍ବରୁ ମଧ୍ୟ ୨୦୨୪ ମସିହାରେ ଦଶରଥପୁର ବିହାରୀ ପଞ୍ଚାୟତ ସାଉଣ୍ଡି ଗ୍ରାମର ସିଲୁ ଜେନା ଓ ସଂଜୁ ଜେନା ମଧ୍ୟ ସମାନ ଅଭିଯୋଗରେ ନିଜର ପିଲା ବିକ୍ରି କରିବାକୁ ବାଧ ହୋଇ ପ୍ରଶାସନର ନଜରକୁ ଆସିଥିଲେ । ଯାହାକି ଏହି ଦୁଇ ଅସହାୟ ପରିବାରକୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେବାକୁ ଯାଜପୁର ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଛି । ଏହି ଅବସରରେ ଯୁବନେତା ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

ଏହି ଦାବିକୁ ଜିଲ୍ଲାପାଳ ତର୍ଜମା କରିବା ପରେ ନରେନ୍ଦ୍ର ଓ ସୁଲୋଚନାଙ୍କ ପରିବାରକୁ ସରକାରୀ ସୁବିଧା ଯୋଗାଇଦେବାକୁ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

ମିଳିଥିବା ସୂଚନା ଅନୁସାରେ ୭ ପରିବାର ମଧ୍ୟରୁ ୪ ଜଣଙ୍କର ରାସନ ସାମଗ୍ରୀ ମିଳୁଥିବାବେଳେ ଆଉ ୩ ଜଣଙ୍କର ମିଳୁନାହିଁ । ସେହିପରି ଦେଢ଼ ଡେସିମିଲ ଜମିରେ ଏକ ବଖରା ଘରେ ୭ ପ୍ରାଣୀ ରହୁଥିବା ଦେଖିବାକୁ ମିଳିଛି । ଦିନ ମଜୁରିଆ ଭାବେ ନରେନ୍ଦ୍ର ଏକ ମାତ୍ର ରୋଜଗାରିଆ ଥିବାବେଳେ ୭ ଜଣଙ୍କୁ ଖାଦ୍ୟ, ପାଠପଢା, ପୋଷାକ, ସ୍ୱାସ୍ଥ୍ୟ ଆଦି ସମସ୍ତ କଥା ବୁଝିବା ଖୁବ କଷ୍ଟସାଧ୍ୟ ବୋଲି ନରେନ୍ଦ୍ର କହିଛନ୍ତି । ଏଣୁ ତୁରନ୍ତ ସମସ୍ତ ପ୍ରକାର ସରକାରୀ ସୁବିଧା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି ।

## ଜିଲ୍ଲାପାଳଙ୍କ ଡଙ୍ଗରିଆ ଜନଜାତିଙ୍କୁ ଭେଟି ଜମି ପଟ୍ଟା ଓ ଜାତି ପ୍ରମାଣପତ୍ର ପ୍ରଦାନ

**ରାୟଗଡା (ମାନିସ):** ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ମୁନିଖୋଲ ପଞ୍ଚାୟତ ଶକଟା ଡଙ୍ଗରକୁ ରାୟଗଡା ଜିଲ୍ଲାପାଳ ଶ୍ରୀଯୁକ୍ତ ଆଶୁତୋଷ କୁଲକର୍ଣ୍ଣି ଯାଇ ସେମାନଙ୍କ ସମସ୍ୟା ବୁଝିଥିଲେ । ଉନ୍ନୟନ କାର୍ଯ୍ୟ ତଦାରଖ କରିବା ସହ ପ୍ରଧାନମନ୍ତ୍ରୀ ଜନମନ ଗହ, ଅଙ୍ଗନବାଡି,ସ୍ୱାସ୍ଥ୍ୟ ସ୍ବ ସେଣ୍ଟର ଓ ପ୍ରାଥମିକ ସ୍କୁଲ ହଷ୍ଟେଲ ବୁଲି ଦେଖିଥିଲେ ।ସେଠାରେ ୩୦ଜଣଙ୍କୁ ଜମି ପଟ୍ଟା ଓ ଜାତି ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଏହାପରେ ଗାଡିର ଅସୁବିଧା ହେତୁ ଡେଙ୍ଗୁଣୀ ନ ଯାଇ ଫେରି ଆସି ଆମ୍ବାଦଳା ଓ ରଘୁବାରୀ ପଞ୍ଚାୟତର ସ୍କୁଲମାନ ପରିଦର୍ଶନ କରି ସମସ୍ୟା ବୁଝି ଥିଲେ । ସେଠାରୁ ଫେରି ଜିଲ୍ଲାପାଳ ମୁନିଗୁଡା ତହସିଲରେ ସାଲତମାମି କାର୍ଯ୍ୟ ସାରି ରାୟଗଡା ଫେରିଯାଇଥିଲେ । ଏହି ପରିଦର୍ଶନ କୁ ବ୍ଲକର ଜେଇ ଅମ୍ବିକା ଦାସ ଜିଲ୍ଲାପାଳଙ୍କୁ ରାସ୍ତା ଦେଖାଇ ନେଇଥିଲେ । ଜିଲ୍ଲାପାଳଙ୍କ



ସହ ଗୁଣୁପୁରୁ ଉପଜିଲ୍ଲାପାଳ ଶ୍ରୀ ଅଭିଶେକ ଦିଲିପ ଦୁଧାଲ ଙ୍କ ସମେତ ଏଇ, ସିଡିପିଓ, ବିଇଓ, ଡବ୍ଲୁଇ, ଜେଇ, ଏଇ, ଏଇଇ ଏବଂ ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ ।

## ଜିଲା ନିର୍ବାଚନ କାର୍ଯ୍ୟାଳୟ ଷ୍ଟୋର୍ ରୁମ୍‌ରୁ ବିଭିନ୍ନ ସାମଗ୍ରୀ ଚୋରି

**ବାଲେଶ୍ୱର(ମାନିସ):** ବାଲେଶ୍ୱର ଜିଲା ନିର୍ବାଚନ କାର୍ଯ୍ୟାଳୟ ଷ୍ଟୋର୍ ରୁମ୍‌ରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଏ ନେଇ ସହଦେବଖୁଣ୍ଟା ଥାନାରେ ଆଜି ଡେପୁଟୀ କଲେକ୍ଟର (ନିର୍ବାଚନ)ଙ୍କ ଲିଖିତ ଅଭିଯୋଗ ମୂଳେ ମାମଲା ନଂ. ୪୪୬/୨୫ ରୁଜୁ ହୋଇଛି । ଅଭିଯୋଗ କ୍ରମେ ଆଇଆଇସି ବିଜୟ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ସୂଚନା ଯେ, ଦୀର୍ଘବର୍ଷ ଧରି ଏହି ଷ୍ଟୋର୍ ରୁମ୍ ?ରେ ଜିଲାର ସମସ୍ତ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ରେକର୍ଡ଼ ପତ୍ର ଓ ସାମଗ୍ରୀ ରହିଥିଲା । ୧୯୯୫ରୁ ୨୦୨୧ ମସିହା ପର୍ଯ୍ୟନ୍ତ ପୁରୁଣା ଫାଇଲ୍ ଓ ରେକର୍ଡ଼ପତ୍ର ସହ ଇ-ରୋଲ୍ ସିଡ଼ି, କମ୍ପ୍ୟୁଟର, ପ୍ରିଣ୍ଟର, ଲେଣ୍ଡ ଫୋନ୍, ଟାଇପ୍ ରାଇଟର, ଲଣ୍ଠନ ଆଦି ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି । ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏହି ଷ୍ଟୋର ରୁମ୍‌ରୁ କିଭଳି ଚୋରି ହେଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଠିଆ ହୋଇଛି ପାଣି ଟାଙ୍କି, ମିଳୁନି ଟୋପାଏ ପାଣି

**ବାଲିଚନ୍ଦ୍ରପୁର (ମାନିସ):** ଗତ ସରକାର ସାଧାରଣ ଜନତାଙ୍କ ଘରେ ସ୍ୱଚ୍ଛ ପାଣି ପହଞ୍ଚାଇବା ର ଯୋଜନା କରି କୋଟି ଟଙ୍କା ର ବ୍ୟୟ ଅଟକଳ ପୂର୍ବକ ର ଶୁଭାରମ୍ଭ କରିଥିଲେ । ଏ ଭିତରେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ଠିକା ସଂସ୍ଥା ମନ୍ଥର ଗତି ରେ କାମ କରିବା ଫଳରେ କାମ ଶେଷ ହେବା ନେଇ ନାନା ପ୍ରଶ୍ନ ଉଠୁଛି । ସମସ୍ତ ଜନସାଧାରଣ ଙ୍କ ଘର ନିକଟରେ ପାଣି ଟ୍ୟାପ ଲଗାଇ ବାର ଯୋଜନା ଥିଲା ବେଳେ ଅଦ୍ୟାବଧି ଏହା ର ଏକ ଚତୁର୍ଥାଂଶ କାମ ହୋଇଥିବା ର ଦେଖିବାକୁ ମିଳିଛି । ଠିକା ସଂସ୍ଥା ର ଅହେତୁକ ବିଳମ୍ବ ଅନ୍ୟାନ୍ୟ ସରକାରୀ ବିଭାଗ ର ମୁଣ୍ଡ ବ୍ୟଥା ର କାରଣ ପାଲଟିବା ର ଲକ୍ଷ୍ୟ କରାଯାଉଛି । ପାଇପ ବିଛାଇ ବା ସମୟ ରେ ପୂର୍ତ୍ତ ଓ ଗ୍ରାମ ଉନ୍ନୟନ ବିଭାଗର ବହୁ ରାସ୍ତା ଖୋଳି ଦେଉଥିବା ରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଥିବା ର ଦେଖିବାକୁ ମିଳିଛି । ଫଳରେ ଜନ ସାଧାରଣ ଯାତାୟତ ରେ ବ୍ୟାପକ ବାଧା ସୃଷ୍ଟି ହେବା ସହ ଛୋଟ ବଡ ଦୁର୍ଘଟଣା ମାନ ଘଟୁଥିବା ର ଅଭିଯୋଗ ହେଉଛି ।



ଏ ସଂକ୍ରାନ୍ତରେ ଠିକା ସଂସ୍ଥାର କର୍ମଚାରୀ ମାନେ କାର୍ଯ୍ୟ ଶେଷ ଅବଧି ସମ୍ପର୍କରେ ଉତ୍ତର ଦେବାରେ ଅସମର୍ଥ ହେଉଛନ୍ତି । ବାଲିଚନ୍ଦ୍ରପୁର ଓ ଏହାର ଆଖପାଖ ଅଞ୍ଚଳ ଯଥା ଚାରିନଙ୍ଗଳ, ନଳୀପୁର, ପତରାଜପୁର ରୁକୁଟିପାଟ, ବାହାଦୁର ନଗର ପ୍ରଭୃତି ଅଞ୍ଚଳରେ ଥିବା ଲୋକମାନେ ଦୀର୍ଘ ଦିନ ଧରି ଭୋଗୁଥିବା ଜଳ କଷ୍ଟରୁ ନିସ୍ତାର ମିଳିବାର ଆଶା କ୍ଷୀଣ ହେବାକୁ ବସିଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ବିଭାଗୀୟ ଅଧିକାରୀ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

## ନିଶାମୁକ୍ତ ଭାରତ ଅଭିଯାନ ନେଇ ସଚେତନତା ଶୋଭାଯାତ୍ରା

**ଜୟପୁର:** ନିଶାମୁକ୍ତ ଭାରତ ଅଭିଯାନ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ଏନଏସଏସ ଛାତ୍ର ଛାତ୍ରୀ ମାନେ ଏକ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ । ଛାତ୍ରଛାତ୍ରୀ ମାନେ ସଚେତନତା ପ୍ଲା କାର୍ଡ ଧରି ଲୋକ ମାନଙ୍କୁ ସଚେତନ କରିଥିଲେ । ସ୍ନାତକୋତର ପରିଷଦ ଅଧକ୍ଷ ଡାକ୍ତର ପ୍ରଶାନ୍ତ ପାତ୍ର ଏନଏସଏସର ସଦସ୍ୟ ମାନଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ । କାର୍ଯ୍ୟକ୍ରମକୁ ଏନଏସଏସ ପ୍ରୋଗ୍ରାମ ଅଫିସର ଲୋକେଶ ପ୍ରଧାନ ଓ ସୁକାନ୍ତି ସଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଦୁଇଦିନିଆ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଉଦଯାପିତ

**ରାୟଗଡ଼(ମାନିସ):** ରାୟଗଡ଼ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ -୨୦୨୫ ଶନିବାର ଉଦଯାପିତ ହୋଇଯାଇଛି କ୍ଷ ସ୍ଥାନୀୟ ଲୟନ୍ସ କ୍ଲବ ଠାରେ ଗତ ୨୮/୧୧/୨୫ ଓ ୨୯/୧୧/୨୫ ଦୁଇଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମ ଉଦଜକ୍ଷପିତ ହୋଇଯାଇଛି । ଜିଲ୍ଲାର ବହୁ ଯୁବ କଳାକାରମାନେ ଅଂଶଗ୍ରହଣ କରି ନିଜ ନିଜର ପ୍ରତିଭା ପ୍ରଦର୍ଶିତ କରିଥିଲେ ।

ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ସୁଚାରୁ ରୂପେ ପରିଚାଳିତ ହୋଇଥିଲା କ୍ଷ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଲୋକନୃତ୍ୟ ପ୍ରତିଯୋଗିତା ରେ ଆଜାଦ ହିନ୍ଦ ଯୁଥ ଆସୋସିଏସନ ପ୍ରଥମ ସ୍ଥାନ,ସିଦ୍ଧାନ୍ତ କଳା ପରିଷଦ ମୁନିଗୁଡା ଓ ସାବିତ୍ରୀ ଶବର ଓ ସାଥି କଳାକାର, ରାମନାଗୁଡ଼ା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ । ସେହିପରି ଚିତ୍ରକଳା ପ୍ରତଯୋଗୀତାରେ ଅଜିତ ସକ୍ଷରକା, ବିଷମ କଟକ, ରୟାଗଡ଼ର ସଞ୍ଜୟ ମିନିଆକ,ରାଜକ୍ଷ ନିସିକା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ । ଘୋଷଣାନାମକ୍ଷରେ ରାଜେଶ୍ୱରୀ ଭଟରାୟ, ରାୟଗଡ଼, ସୁରଜ କାଣ୍ଡପାଣି ଓ ବାବୁଲି ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି



ପୁରସ୍କୃତ ହୋଇଥିଲେ । କବିତା ଲିଖନ ପ୍ରତିଯୋଗିତାରେ ସୁରଜ କାଣ୍ଡପାଣି, ରାୟଗଡ, ସୁରଜ କରକରିଆ, ଗୁଡାରି ଓ ମୃଣମୋୟୀ କଣ୍ଡଗୋରି, ରାମନାଗୁଡ଼ା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପାଇଥିଲେ । ଲୋକସଂଗୀତ ପ୍ରତିଯୋଗିତାରେ ଆଜାଦ ହିନ୍ଦ ଦଳ, ରାୟଗଡ, ରାହୁଲ ପକ୍ଷଲକ୍ଷକକ୍ଷ ଓ ସାଥି କଳାକାର, ବିଷମ କଟକ, ଲିପ୍ସା ଶବର ଓ ସାଥି କଳାକାର, ରାମନାଗୁଡ଼ା ବ୍ଲକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ କ୍ଷ ପ୍ରଥମ ସ୍ଥାନ ହାସଲ କରିଥିବା ଦଳ କିମ୍ବା ବ୍ୟକ୍ତି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଏହି ପୁରସ୍କାର ପ୍ରଦାନ ବେଳେ ଅତିଥି ଭାବରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲାଶିଶୁ ସୁରକ୍ଷା ଅଧିକାରୀ ମହାଦେବ ସିଛୁଆଁ, ଆଜିତେଶ ପଟ୍ଟନାୟକ, ଶିବନାରାୟଣ ମିଶ୍ର, ତରୁଣ ମହାପାତ୍ର, ଅଧକ୍ଷପକ ରଘୁନାଥ ଭୁଏ, ଜେ ସୁକାନ୍ତ ପ୍ରମୁଖ ଯୋଗଦାନ କରି ଉତ୍ସାହିତ କରିଥିଲେ ।

ବିଚାରକ ଭାବରେ ବରିଷ୍ଠ ଆଇନଜୀବୀ ଶ୍ରୀ ବ୍ରଜ ସୁନ୍ଦର ନାୟକ, ନାଟ୍ୟ ନିର୍ଦ୍ଦେଶକ ଶିବଶଙ୍କର ମିଶ୍ର, ନୃତ୍ୟଗୁରୁ ତ୍ରିଲୋଚନ ସାହୁ, ରାଜେଶ ପାଢ଼ୀ, ରଘୁନାଥ ଭୁଏ, ଶିକ୍ଷୟତ୍ରୀ କସ୍ତୁରୀ ସାହୁ, ଶିକ୍ଷକ ଜେ ସୁକାନ୍ତ, ଶିକ୍ଷକ ଆଲୋକ ସାହୁ ଓ ଅନ୍ୟାନ୍ୟ ଶିକ୍ଷକ ମନେ ଯୋଗଦେଇ ପ୍ରତିଯୋଗିତା ପରିଚାଳନା କରିଥିଲେ । ବିଭିନ୍ନ ବିଦ୍ୟାଳୟର କ୍ରୀଡା ଶିକ୍ଷକ, ଶିକ୍ଷୟତ୍ରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

## ୪ ଲକ୍ଷ ଆତ୍ମସାତ ମାମଲାରେ ପୂର୍ବତନ ସେବା ସମବାୟ ସମ୍ପାଦକଙ୍କୁ ୩ ବର୍ଷ ଜେଲ ଦଣ୍ଡ

**ବାଲେଶ୍ୱର(ମାନିସ):** ସେବ ସମବାୟ ସମିତି ଟଙ୍କା ଆତ୍ମସାତ ମାମଲାର ଆଜି ବିଚାର କରି ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ ଲଳିତ କୁମାର ଦାସ ପୂର୍ବତନ ସମ୍ପାଦକ ରମେଶ ଚନ୍ଦ୍ର ସେନ ଙ୍କୁ ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅର୍ଥ ଅନାଦେୟ ଦୋଷୀଙ୍କୁ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି । ସୂଚନା ମୁତାବକ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଅଧିନ ଭଦ୍ରକ ଜିଲ୍ଲାର ଅର୍ଣ୍ଣପାଲ ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ରମେଶ ଚନ୍ଦ୍ର ସେନ ୪ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ନେଇ ୨୦୧୩ ମସିହା ଅଗଷ୍ଟ ୨୪ ତାରିଖ ରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ୩୨/୧୫ ରୁଜୁ ହୋଇଥିଲା । ଏହି ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ମାନ୍ୟବର ଜଜ ଏହି ରାୟ ଶୁଣାଇଛନ୍ତି ।ସରକାରଙ୍କ ପକ୍ଷରୁ ସତନ୍ତ୍ର ପି ପି ରାଧାକାନ୍ତ ମୁଖପାତ୍ର ଏହି ମକଦ୍ଦମା କୁ ପରିଚାଳନା କରିଥିଲେ ।

## ଅମ୍ରିତ କାଳ ସାଂସ୍କୃତିକ ସମାରୋହ ଉତ୍ସବ ଉଦଯାପିତ
### ରଙ୍ଗାରଙ୍ଗ ପାରାମ୍ପରିକ କାର୍ଯ୍ୟକ୍ରମରେ ଝୁମିଲେ କଳାକାର

**ରାୟଗଡା (ମାନିସ):** ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ଅନୁକୂଲ୍ୟରେ ପୂର୍ବାଞ୍ଚଳ ସଂସ୍କୃତିକ କେନ୍ଦ୍ର, କଲିକତା ପକ୍ଷରୁ ଅମ୍ରିତ କାଳ ସାଂସ୍କୃତିକ ସମାରୋହ ଅବସରରେ ଦୁଇଦିନ ବ୍ୟାପୀ କାର୍ଯ୍ୟକ୍ରମ ଉଦଯାପିତ ହୋଇ ଯାଇଛି । ନଭେମ୍ବର ଅଠେଇଶ ଏବଂ ଅଣତିରିଶ ଦୁଇଦିନ, ଏହି ସମାରୋହ ଅନୁଷ୍ଠିତ ହୋଇଥିଲା ।କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ପୂର୍ବାଞ୍ଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ର ଅନୁକୂଲ୍ୟରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅମ୍ରିତକାଳ ସାଂସ୍କୃତିକ ସମାରୋହ ମାଧ୍ୟମରେ ଏକ ବିକଶିତ ଭାରତର ଯେଉଁ ପରିକଳ୍ପନା କରାଯାଇଛି ତାହା ଭାରତ ତଥା ଓଡ଼ିଶାର ସଂସ୍କୃତି ସମ୍ପର୍ଣ୍ଣ ନୃତ୍ୟ, ସଂଗୀତକୁ ଗରିମାମୟ କରିପାରିଛି ଏବଂ ଏହି ସମାରୋହ ମାଧ୍ୟମରେ ରାୟଗଡା ଜିଲ୍ଲା ସ୍ଥାନୀୟ କଳାକାର ଗୋଷ୍ଠୀ ନିଜର ନୃତ୍ୟ କଳା ପ୍ରଦର୍ଶନ କରିଥିଲେ ।




ଜିଲ୍ଲା ପ୍ରଶାସନଙ୍କ ସହଯୋଗରେ ଦୁଇ ଦିନଧରି ଅନୁଷ୍ଠିତ ହୋଇଥିବା ଏହି ସାଂସ୍କୃତିକ ସମାରୋହର ପ୍ରଥମ ସନ୍ଧ୍ୟାରେ ଢେମସା ନୃତ୍ୟ, ଲାଞ୍ଜିଆ ସଉରା, ଚଇତି ଉତ୍ସବ ନୃତ୍ୟ, ଆଦିବାସୀ ଢେମସା ନୃତ୍ୟ ସହିତ ରାଧା ପ୍ରେମଲୀଳା, ଦ୍ୱିତୀୟ ସନ୍ଧ୍ୟାରେ ଡ଼ଙ୍ଗରିଆ କନ୍ଧ,ଧାଙ୍ଗଡ଼ା -ଧାଙ୍ଗୀଡ଼ି, କୁଇ ଆଦିବାସୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଏବଂ ପ୍ରାଚୀନ ପ୍ରହଲ୍ଲାଦ ନାଟକ ପ୍ରଭୃତି ରାୟଗଡା ଜିଲ୍ଲା କଳାକାର ମାନେ ପରିବେଷଣ କରିଥିଲେ. ଅତିଥି ଥିଲେ ରାୟଗଡା ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ. ଅତିଥିଙ୍କୁ ସ୍ୱାଗତ କରିଥିଲେ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କଲିକତାର ବରିଷ୍ଠ ଅଧିକାରୀ କ୍ରିଷ୍ଣା ସୁରଜ ।

ଉଦଯାପନ ସନ୍ଧ୍ୟାର ଉଦଘୋଷିକା ଥିଲେ ବିଦିଶା ଶତପଥୀ । ସେହିପରି କଳାକାର ଗ୍ରୁପ ମାନଙ୍କୁ ପୂର୍ବାଞ୍ଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଆର୍ଥିକ ସହାୟତା ଦିଆଯାଇଛି । ଦର୍ଶକମାନେ ଏଂ ଛାତ୍ର ଛାତ୍ରୀ ମାନେ ବହୁସଂଖ୍ୟାରେ ଯୋଗ ଦେଇ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ. କଲିକତା ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଏବଂ ରାୟଗଡା ପ୍ରଶାସନ ପକ୍ଷରୁ ଏହି ଉଦ୍ୟମକୁ ଭୁରୀ ଭୁରୀ ପ୍ରଶଂସା କରାଯାଇଥିଲା ।

## ବିପର୍ଯ୍ୟୟ ପ୍ରଶମନ ଓ ପ୍ରାଥମିକ ଚିକିତ୍ସା ତାଲିମ ଅନୁଷ୍ଠିତ




**ରାୟଗଡ଼ (ମାନିସ):** ଜିଲ୍ଲା ପ୍ରଶାସନ ତଥା ଓସ୍ମା ତରଫରୁ ରାୟଗଡ଼ ସଦର ବ୍ଲକ କାମ୍ପ ମାଲିଗାଁ ଠାରେ ଦୁଇ ଦିନିଆ ବିପର୍ଯ୍ୟୟ ପ୍ରଶମନ ଓ ପ୍ରାଥମିକ ଚିକିତ୍ସା ସମ୍ପର୍କିତ ତାଲିମ ଅନୁଷ୍ଠିତ ହୋଇଯାଇଅଛି । ରାୟଗଡ଼ ବିଡିଓ ସୁଜିତ କୁମାର ମିଶ୍ର ଏହାର ଉଦଘାଟନ କରିଥିଲେ ।

ଏଥିରେ ସ୍ଥାନୀୟ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଏଣେଇଶି ବର୍ଷରୁ କମ ତିରିଷି ଜଣ ବାଳିକା ଯୋଗଦେଇଥିଲେ । ଆପଦକାଳୀନ ପରିସ୍ଥିତିରେ ଲୋକଙ୍କୁ ଉଦ୍ଧାର ସହିତ ସପକାମୁଡା, ବିଜୁଳି, ଘଡଘଡି ସମୟରେ ଜୀବନ ରକ୍ଷା, ପଶୁପକ୍ଷୀଙ୍କ ଜୀବନ ରକ୍ଷା, ଆକସ୍ମିକ ଦୁର୍ଘଟଣା ସମୟରେ ପ୍ରାଥମିକ ଚିକିତ୍ସା ଆଦି କୌଶଳ ଗୁଡିକର ଅଭ୍ୟାସ କରାଯାଇଥିଲା । ଓସ୍ମା ଦ୍ୱାରା ତାଲିମପ୍ରାପ୍ତ ଦୁଇଜଣ ସମ୍ବଳ ବାଳିକା ମିତାଲି ସାହୁ ଓ ବୈଶାଖୀ ସାଇଁ ତାଲିମ ପ୍ରଦାନ କରିଥିଲେ । ସମସ୍ତ ଅଂଶଗ୍ରହଣକାରୀଙ୍କୁ ଫାଷ୍ଟ ଏଡ୍ କିଟ୍ ବଣ୍ଟନ କରାଯାଇଥିଲା । ଶେଷରେ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଜିପିଡିଓ ସ୍ମୃତିରେଖା ନାୟକ, ସମ୍ବଳ ଶିକ୍ଷକ ନୀଳାଞ୍ଜଳ ମିଶ୍ର, ପିଇଓ ପଲ୍ଲବୀ ପ୍ରିୟନାଥ, ପେସା ସଞ୍ଜୋଜକ ଯୋଗେନ୍ଦ୍ର ନାୟକ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ ।

## ସମାପ୍ତ ହେଲା ଇଆଇଏମଏ ଏଗ୍ରିମାର୍ ଇଣ୍ଡିଆ ୨୦୨୫
# କୃଷି କ୍ଷେତ୍ରରେ ସବୁଜ ଇନ୍ଧନ-ଆଧାରିତ ପ୍ରଯୁକ୍ତିବିଦ୍ୟା ଗ୍ରହଣକୁ ସମର୍ଥନ କରିବା ପାଇଁ ପରାମର୍ଶ

**ନୂଆଦିଲ୍ଲୀ (ପିଆଇବି):** ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟର ସହଯୋଗରେ ଏଫଆଇସିସିଆଇ ଏବଂ ଇଟାଲୀୟ କୃଷି ଶିଳ୍ପ ସଂଗଠନ ଫେଡର ୟୁନାକୋମା ଦ୍ୱାରା ମିଳିତ ଭାବରେ ଆୟୋଜିତ ୯ମ ଅନ୍ତର୍ଜାତୀୟ ପ୍ରଦର୍ଶନୀ ଏବଂ କୃଷି-ଯନ୍ତ୍ରପାତି, ଉପକରଣ ଏବଂ କୃଷି-ପ୍ରଯୁକ୍ତି ସମାଧାନ ସମ୍ମିଳନୀ 'ଇଆଇଏମଏ ଅଗ୍ରିମାଚ୍ ଇଣ୍ଡିଆ ୨୦୨୫' ଆଜି ଭବିଷ୍ୟତରେ ସବୁଜ ଇନ୍ଧନ ଆଧାରିତ କୃଷି ଯନ୍ତ୍ରପାତି ଉପରେ ଧ୍ୟାନ ଦେବା ପାଇଁ ଏକ ଆହ୍ୱାନ ସହିତ ସମାପ୍ତ ହୋଇଛି ।

**ପ୍ରଦର୍ଶନୀରେ ୨୦,୦୦୦ଚାଷୀ, ୪୦୦୦ରୁ ଅଧିକ ଘରୋଇ ଡିଲର ଏବଂ ବିତରକ, ୧୦୦ରୁ ଅଧିକ ବିଦେଶୀ କ୍ରେତା ଏବଂ ୧୮୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କଲେ**

ନଭେମ୍ବର ୨୭-୨୯,୨୦୨୫ ପର୍ଯ୍ୟନ୍ତ ନୂଆଦିଲ୍ଲୀର ପୁସାରର ଆଇଏଆରଆଇ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ପ୍ରଦର୍ଶନୀରେ ପ୍ରାୟ ୨୦,୦୦୦ ଚାଷୀଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯେଉଁଥିରେ ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା ଏବଂ ଓଡ଼ିଶାରୁ ପ୍ରମୁଖ ଆକର୍ଷଣ ଥିଲା; ୪,୦୦୦ରୁ ଅଧିକ ଘରୋଇ ଡିଲର ଏବଂ ବିତରକ, ୧୮୦ରୁ ଅଧିକ ଘରୋଇ ଏବଂ ବିଦେଶୀ କମ୍ପାନୀ; ଏବଂ ଆଲଜେରିଆ, ନେପାଳ, ଶ୍ରୀଲଙ୍କା, କେନିଆ, ଓମାନ, ମାଲେସିଆ, ମରକକ୍କୋ, ନାଇଜେରିଆ, ଉଗାଣ୍ଡା, ଭିଏତନାମ, ଜିମ୍ବାୱେ, ଦକ୍ଷିଣ କୋରିଆ ଏବଂ ଥାଇଲ୍ୟାଣ୍ଡରୁ ୧୦୦ରୁ ଅଧିକ ବିଦେଶୀ କ୍ରେତା ଥିଲେ । ଇଟାଲୀ ପ୍ରଦର୍ଶନୀର ସହଯୋଗୀ ଦେଶ ଥିବା ବେଳେ, ନେଦରଲ୍ୟାଣ୍ଡ, ଜାପାନ, ଆମେରିକା ଏବଂ ପୋଲାଣ୍ଡ ମଧ୍ୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ ।

ପ୍ରଦର୍ଶନୀରେ ବିଭିନ୍ନ ପ୍ରକାରର କୃଷି ଯନ୍ତ୍ରପାତି ପ୍ରଦର୍ଶିତ ହୋଇଥିଲା, ଯାହା ଆମ ଦେଶର କୃଷକମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇପାରେ । ଏହା ବ୍ୟତୀତ, ଏହି କାର୍ଯ୍ୟକ୍ରମ କୃଷି କ୍ଷେତ୍ରର ସମଗ୍ର ମୂଲ୍ୟ ଶୃଙ୍ଖଳକୁ ପୂରଣ କରୁଥିବା ଭାରତୀୟ ଏବଂ ବିଦେଶୀମାନଙ୍କୁ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରିଥିଲା ।

ଉଦ୍ଘାଟନୀ ଅଧିବେଶନରେ ଏକ ମୁଖ୍ୟ ଭାଷଣ ଦେଇ, କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟର ସଚିବ ଡକ୍ଟର ଦେବେଶ ଚତୁର୍ବେଦୀ ଶିଳ୍ପଗୁଡ଼ିକୁ ସବୁଜ ଇନ୍ଧନ ଆଧାରିତ ଯାନ୍ତ୍ରିକୀକରଣକୁ ପ୍ରାଥମିକତା ଦେଇ ଭାରତୀୟ କୃଷି କ୍ଷେତ୍ରର ୨୦୪୭ର ଦୃଷ୍ଟିକୋଣକୁ ଗଢ଼ି ତୋଳିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଅନୁରୋଧ କରିଥିଲେ ଏବଂ କାର୍ଯ୍ୟଭାର ହ୍ରାସ କରିବା ପାଇଁ ଲିଙ୍ଗ-ନିରପେକ୍ଷ କୃଷି ଉପକରଣ ତିଆରି କରି ମହିଳା ଚାଷୀଙ୍କ କଠିନତାକୁ ହ୍ରାସ କରିବାକୁ ଅନୁରୋଧ କରିଥିଲେ ।



'ଆଗାମୀ ୫-୧୦ ବର୍ଷ ମଧ୍ୟରେ, ଆମେ ଆମର ପ୍ରଯୁକ୍ତିବିଦ୍ୟାକୁ ସବୁଜ ଇନ୍ଧନ ଆଡ଼କୁ ସ୍ଥାନାନ୍ତରିତ କରିବା ଉଚିତ - ଗ୍ରାମୀଣ ସିବିଜି ପ୍ଲାଣ୍ଟ ପାଇଁ ଉପଲବ୍ଧ ବିଦ୍ୟୁତ୍ ପରିଚାଳିତ ଟ୍ରାକ୍ଟର କିମ୍ବା ସିବିଜି (କମ୍ପ୍ରେସଡ୍ ବାୟୋଗ୍ୟାସ୍) ରେ ଚାଲୁଥିବା ମେସିନ । ଏହି ପରିବର୍ତ୍ତନ ଚାଷୀଙ୍କ ପାଇଁ ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଖର୍ଚ୍ଚ ଉଭୟକୁ ହ୍ରାସ କରିବ । ଆମର ଯୋଜନାଗୁଡ଼ିକ ସବୁଜ ଇନ୍ଧନ ଆଧାରିତ ପ୍ରଯୁକ୍ତିବିଦ୍ୟାକୁ କ୍ରମଶଃ ପ୍ରାଥମିକତା ଦେବ । ମୁଁ ଆମର ଇଟାଲୀୟ ଶିଳ୍ପ ପ୍ରତିପକ୍ଷମାନଙ୍କୁ ଏହି କ୍ଷେତ୍ରରେ ସହଯୋଗ କରିବାକୁ ଅନୁରୋଧ କରିବି,' ସେ ତାଙ୍କ ଉଦଘାଟନୀ ଭାଷଣ ସମୟରେ କହିଥିଲେ ।

ଭିଜନ ୨୦୪୭ ହାସଲ ପାଇଁ ମହିଳା ଚାଷୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ବୋଲି କହି ସଚିବ ଶିଳ୍ପର ଦୃଷ୍ଟି ଆକର୍ଷଣ କଲେ ଏବଂ ଲିଙ୍ଗ ଅନୁକୂଳ ଉପକରଣ ଉତ୍ପାଦନ ଉପରେ ଧ୍ୟାନ ଦେବାକୁ ସେମାନଙ୍କୁ ଉତ୍ସାହିତ କଲେ ।

ସେ ଆହୁରି ମଧ୍ୟ କହିଥିଲେ ଯେ, ଜାତିସଂଘ ୨୦୨୬କୁ ମହିଳା କୃଷକଙ୍କ ଅନ୍ତର୍ଜାତୀୟ ବର୍ଷ ଭାବରେ ଘୋଷଣା କରିଛି । ତେଣୁ, ମହିଳାମାନଙ୍କ କଠିନ ପରିଶ୍ରମକୁ ହ୍ରାସ କରିବା ପାଇଁ ଉପକରଣ ଡିଜାଇନ୍ କରାଯିବା ଆବଶ୍ୟକ । 'ପ୍ରାୟତଃ ନୀତି ନିର୍ଦ୍ଧାରକମାନେ ଧାରଣା କରନ୍ତି ଯେ 'ଲିଙ୍ଗ ବଜେଟିଂ' ଅର୍ଥ କେବଳ ମହିଳାମାନଙ୍କୁ ଯନ୍ତ୍ରପାତି ମାଲିକାନା ପ୍ରଦାନ କରିବା, କିନ୍ତୁ କେବଳ ଏହା କଠିନ ପରିଶ୍ରମକୁ ହ୍ରାସ କରେ ନାହିଁ । 'ସର୍ବାଧିକ କଷ୍ଟକର କୃଷି କାର୍ଯ୍ୟ ମହିଳାମାନଙ୍କ ଦ୍ୱାରା କରାଯାଏ, ତେଣୁ ଆମକୁ ଅଧିକ ଲିଙ୍ଗ-ଅନୁକୂଳ ଉପକରଣ ଆବଶ୍ୟକ, ତାହା ମାନୁଆଲ୍ କିମ୍ବା ମୋଟରଚାଳିତ ହେଉ, ଯାହା ପ୍ରକୃତରେ ସେମାନଙ୍କ କାର୍ଯ୍ୟଭାରକୁ ହ୍ରାସ କରେ,' ଡକ୍ଟର ଚତୁର୍ବେଦୀ ଜୋର ଦେଇଥିଲେ ।

ଭାରତରେ ଇଟାଲୀର ରାଷ୍ଟ୍ରଦୂତ ଶ୍ରୀ ଆଣ୍ଟୋନିଓ ବାର୍ଟୋଲି ଆଶା ପ୍ରକାଶ କରିଥିଲେ ଯେ, ଉଭୟ ଦେଶ ମଧ୍ୟରେ କୃଷି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ବୃଦ୍ଧି କରିବା ପାଇଁ ଭାରତରେ ଇଟାଲୀୟ ଦୂତାବାସରେ ଶୀଘ୍ର ଜଣେ କୃଷି ଆଟାଚେ ରହିବେ ।

## ଦିନିଆରେ ସର୍ବାଧିକ ଛକା ମାରି ପାଲଟିଲେ 'ସିକ୍ସର କିଙ୍ଗ' ରୋହିତ



**ନୂଆଦିଲ୍ଲୀ,୩୦।୧୧:** ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ଏବଂ ଷ୍ଟାର ବ୍ୟାଟର ରୋହିତ ଶର୍ମାଙ୍କ ଆଉ ଏକ ଐତିହାସିକ ସଫଳତା । ରାଞ୍ଚିରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ଦିନିକିଆରେ ଶାହିଦ ଆଫ୍ରିଦିଙ୍କ ରେକର୍ଡ ଭାଙ୍ଗି ଏକଦିବସୀୟ କ୍ରିକେଟରେ ସର୍ବାଧିକ ଛକା ମାରିଥିବା ବ୍ୟାଟର ହୋଇଛନ୍ତି ହିଟମ୍ୟାନ୍। ରୋହିତ ଏବେ ଏକଦିବସୀୟ କ୍ରିକେଟର ହୋଇଛନ୍ତି 'ସିକ୍ସର କିଙ୍ଗ'। ତାଙ୍କର ଏହି ସଫଳତା ଭାରତର ଇନିଂସକୁ ଆହୁରି ମଜବୁତ କରିଛି ଏବଂ ସାରା ବିଶ୍ୱରେ କ୍ରିକେଟ୍ ପ୍ରଶଂସକ ପୁଣି ଥରେ ତାଙ୍କର ଶକ୍ତିଶାଳୀ ଫର୍ମର ଝଲକ ଦେଖିବାକୁ ପାଇଛନ୍ତି। ଆଫ୍ରିଦିଙ୍କ ଦୀର୍ଘ ବର୍ଷର ରେକର୍ଡ ଭାଙ୍ଗିଛନ୍ତି ହିଟମ୍ୟାନ୍ । ରୋହିତ ଏବେ ୱାନଡେରେ ମୋଟ ୩୫୨ଟି ଛକା ମାରିଛନ୍ତି। ସେ ୨୭୭ ଟି ମ୍ୟାଚ୍ ଏବଂ ୨୬୯ ଇନିଂସରେ ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ, ଆଫ୍ରିଦି ୩୯୮ ଟି ମ୍ୟାଚ୍ ରେ ୩୫୧ ଟି ଛକା ମାରି ଦୀର୍ଘ ସମୟ ଧରି ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ରୋହିତ ପ୍ରାୟ ଦଶ ବର୍ଷ ଧରି ରହିଥିବା ଏହି ରେକର୍ଡକୁ ପଛରେ ପକାଇ ଦିନିକିଆରେ ସର୍ବାଧିକ ଛକା ମାରିବା ବ୍ୟାଟର ହୋଇଛନ୍ତି। ରୋହିତ ଏହି ମ୍ୟାଚ୍‌ରେ ୫ଟି ଚୌକା ଏବଂ ୩ଟି ଛକା ମାରି ୫୧ ବଲ୍‌ରେ ୫୭ ରନ୍ କରିଛନ୍ତି। ରୋହିତ ଏବଂ ବିରାଟ କୋହଲିଙ୍କ ଭିତରେ ଦ୍ୱିତୀୟ ୱିକେଟ୍ ପାଇଁ ୧୩୬ ରନ୍‌ର ଦମଦାର ପାର୍ଟନରସିପ୍ ଦେଖିବାକୁ ମିଳିଥିଲା। ରୋହିତଙ୍କୁ ମାର୍କୋ ଜନସନ୍ ଏଲବିଡବ୍ଲ୍ୟୁ ଆଉଟ୍ କରିଥିଲେ। ରୋହିତ ଲଗାତାର ତୃତୀୟ ୱାନଡେ ଇଣ୍ଟରନ୍ୟାସନାଲ ମ୍ୟାଚ୍‌ରେ ୫୦ରୁ ଅଧିକ ରନ୍ କରିଛନ୍ତି। ୩୮ ବର୍ଷୀୟ ରୋହିତ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଆଉ ଏକ ଐତିହାସିକ ଉପଲବ୍ଧିର ଖୁବ୍ ନିକଟତର ହୋଇଛନ୍ତି। 'ହିଟମ୍ୟାନ୍ ଦୁନିଆର ପ୍ରଥମ ଏଭଳି ବ୍ୟାଟର ହୋଇପାରନ୍ତି, ଯିଏକି ୬୫୦ ଇଣ୍ଟରନ୍ୟାସନାଲ ଛକା ପୂରଣ କରିପାରନ୍ତି। ବର୍ତ୍ତମାନ ତାଙ୍କ ନାଁରେ ୬୪୫ ଛକା ରହିଛି। ଏହି ରେକର୍ଡ ପର୍ଯ୍ୟନ୍ତ ପହଁଞ୍ଚିବା ପାଇଁ ତାଙ୍କୁ ମାତ୍ର ୫ଟି ଛକା ଆବଶ୍ୟକତା ରହିଛି। ସବୁଠାରୁ ଖାସ୍ କଥା ଏହା ଯେ, ଦୁନିଆର କୌଣସି ବି ବ୍ୟାଟର ଏପର୍ଯ୍ୟନ୍ତ ୬୦୦ ଛକା ମାରିବାରେ ସଫଳ ହୋଇପାରି ନାହାଁନ୍ତି। କ୍ରିସ୍ ଗେଲ୍ ଏପର୍ଯ୍ୟନ୍ତ ୫୫୩ ଛକା ମାରିବାରେ ସଫଳ ହୋଇଛନ୍ତି, ଯାହାକି ରୋହିତଙ୍କଠାରୁ ଖୁବ୍ କମ୍।

# ପ୍ରଥମ ଦିନିକିଆରେ ଭାରତର ରୋମାଞ୍ଚକର ବିଜୟ



**ରାଞ୍ଚି, ୩୦।୧୧:** ରାଞ୍ଚିରେ ଖେଳାଯାଇଥିବା ରୋମାଞ୍ଚକର ପ୍ରଥମ ଦିନିକିଆକୁ ଜିତି ନେଇଛି ଭାରତ। ବିରାଟ କୋହଲିଙ୍କ ଶତକ ଓ ରୋହିତଙ୍କ ଅର୍ଦ୍ଧଶତକ ପରେ ବୋଲରଙ୍କ ମିଳିତ ପ୍ରୟାସରେ ପ୍ରଥମ ଦିନିକିଆରେ ଭାରତ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ୧୭ ରନରେ ହରାଇଛି। ବିଜୟ ସହ ଭାରତ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଭାରତ ଦ୍ୱାରା ଧାର୍ଯ୍ୟ ୩୫୦ ରନର ବିଜୟ ଲକ୍ଷ୍ୟ ପିଛା କରି ଦକ୍ଷିଣ ଆଫ୍ରିକା ୩୩୨ ରନ କରି ପାରିଛି। ମାଥ୍ୟୁ ବ୍ରିଟଜକେ ୭୨ ରନ ଓ ମାର୍କୋ ଜନସେନ ବିସ୍ଫୋରକ ୭୦ ରନ କରିଥିଲେ। ବୋଲିଂରେ କୁଲଦୀପ ଯାଦବ ୪ ୱିକେଟ୍ ନେଇ ଦଳ ବିଜୟରେ ଉଲ୍ଲେଖନୀୟ ଯୋଗଦାନ ଦେଇଛନ୍ତି। ଏହା ପୂର୍ବରୁ ଭାରତ ବିରାଟ କୋହଲିଙ୍କ ୧୩୫ ରନ,ରୋହିତଙ୍କ ୫୭ ରନ ଓ କେଏଲ ରାହୁଲଙ୍କ ୬୦ ରନ ବଳରେ ୮ ୱିକେଟ୍ ହରାଇ ୩୪୯ ରନ କରିଥିଲା। ସିରିଜର ଦ୍ୱିତୀୟ ଦିନିକିଆ ଡିସେମ୍ବର ୩ରେ ରାୟପୁରରେ ଖେଳାଯିବ।

୩୫୦ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା। ଦଳ ୧୧ ରନରେ ୩ ୱିକେଟ୍ ହରାଇଥିଲା। ଇନିଂସର ଦ୍ୱିତୀୟ ଓଭରରେ ହର୍ଷିତ ରାଣା ରିୟାନ ରିକଲଟନ ଓ କ୍ୱିଣ୍ଟନ ଡିକକଙ୍କୁ ଖାତା ଖୋଲିବାକୁ ଦେଇ ନ ଥିଲେ। ଅଧିନାୟକ ଆଡେନ ମାରକ୍ରମ(୭)ଙ୍କ ଆଉଟ୍ କରିଥିଲେ ଅର୍ଶଦୀପ ସିଂ। ଏହା ପରେ ମାଥ୍ୟୁ ବ୍ରିଟଜକେ ଓ ଟୋନି ଡି ଜୋର୍ଜି ଦଳକୁ ମୁସ୍କିଲ ସ୍ଥିତିରୁ ବାହାର କରିବାକୁ ଚେଷ୍ଟା କରିଥିଲେ। ଉଭୟ ଚତୁର୍ଥ ୱିକେଟ୍ ପାଇଁ ୬୬ ରନ କରିଥିଲେ। ଜୋର୍ଜି ୩୯ ରନ କରି କୁଲଦୀପଙ୍କ ବଲରେ ଆଉଟ୍ ହୋଇଥିଲେ। ପୁଣି ବ୍ରିଟଜକେ ଓ ଡିୱାଲ୍ଡ ବ୍ରେଭିସ ପଞ୍ଚମ ୱିକେଟ୍ରେ ୫୩ ରନ ଯୋଡ଼ିଥିଲେ। ବ୍ରେଭିସ ୨୮ ବଲରୁ ୩୭ ରନ କରି ହର୍ଷିତଙ୍କ ତୃତୀୟ ଶିକାର ହୋଇଥିଲେ।

### • ବିରାଟଙ୍କ ଦମ୍‌ଦାର ସେଞ୍ଚୁରି

### • ଶେଷ ଓଭରରେ ଦକ୍ଷିଣ ଆଫ୍ରିକାକୁ ହରାଇଲା ଭାରତ

୧୩୦ ରନରେ ୫ ୱିକେଟ୍ ହରାଇବା ପରେ ଲାଗୁଥିଲା ଦକ୍ଷିଣ ଆଫ୍ରିକା ଇନିଂସ ଶୀଘ୍ର ସରିବ। କିନ୍ତୁ ମ୍ୟାଟଜକେ ଓ ମାର୍କୋ ଜନସେନ ପାଲଟା ଆକ୍ରମଣ କରିଥିଲେ। ବିଶେଷ କରି ଜନସେନ ଭାରତୀୟ ବୋଲରଙ୍କ ଧୁଲେଇ କରିଥିଲେ। ଦୁହେଁ ୯୭ ରନ ଯୋଡ଼ି ଦକ୍ଷିଣ ଆଫ୍ରିକାକୁ ମ୍ୟାଚର ପ୍ରତ୍ୟାବର୍ତ୍ତନ କରାଇଥିଲେ। ଦୁଇ ବ୍ୟାଟର ଅର୍ଦ୍ଧଶତକ ହାସଲ କରିଥିଲେ। ଏହି ଯୋଡ଼ି ଟିମ୍ ଇଣ୍ଡିଆ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିଲେ।ତେବେ ୩୪ ତମ ଓଭରରେ କୁଲଦୀପ ଯାଦବ ଭାରତକୁ ଆଶ୍ୱସ୍ତି ଦେଇଥିଲେ। ଜନସେନ ଓ ବ୍ରିଟଜକେ ଉଭୟ କୁଲଦୀପଙ୍କ ଶିକାର ହୋଇଥିଲେ। ଜନସେନ ମାତ୍ର ୩୯ ବଲରୁ ୮ ଚୌକା ଓ ୩ ଛକା ସହ ୭୦ ରନ କରିଥିଲେ। ବ୍ରିଟଜକେ ୭୨ ରନର ଇନିଂସ ଖେଳିଥିଲେ। ତଥାପି କୋର୍ବିନ ବୋଶ ନିଜ ଦଳକୁ ହାର ମାନିବାକୁ ଦେଇ ନ ଥିଲେ। ସେ ଶେଷପର୍ଯ୍ୟନ୍ତ ଲଢ଼େଇ ଜାରି ରଖି ଅର୍ଦ୍ଧଶତକ ହାସଲ କରିଥିଲେ। ହେଲେ ଶେଷ ଓଭରରେପ୍ରସିଦ୍ଧ କୃଷ୍ଣାଙ୍କ ବଲ୍ରେ କୋର୍ବିନ ବୋଶ ୬୭ଟି ରନ୍ କରି ରୋହିତଙ୍କ ହାତକୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ । ସଂଘର୍ଷ କରିବା ପରେ ଦକ୍ଷିଣ ଆଫ୍ରିକା ୩୩୨ ରନ କରିପାରିଥିଲା। ଫଳରେ ଭାରତ ଏହି ମ୍ୟାଚକୁ ୧୭ ରନରେ ଜିତି ନେଇଛି।

| ଭାରତ ଇନିଂସ: ୩୪୯/୮ (୫୦ ଓଭର) | | | |
|---|---|---|---|
| ଯଶସ୍ୱୀ ଜୟସ୍ୱାଲ | କ୍ୟା ଡି କକ୍ ବୋ ବର୍ଗର | ୧୮ | ୧୬ |
| ରୋହିତ ଶର୍ମା | ଏଲବି ବୋ ଜନସେନ | ୫୭ | ୫୧ |
| ବିରାଟ କୋହଲି | କ୍ୟା ରିକେଲଟନ ବୋ ବର୍ଗର | ୧୩୫ | ୧୨୦ |
| ଋତୁରାଜ ଗାଏକ୍ୱାଡ | କ୍ୟା ବ୍ରେଭିସ ବୋ ବାର୍ଟମାନ | ୦୮ | ୧୪ |
| ୱାଶିଂଟନ ସୁନ୍ଦର | କ୍ୟା ବୋସ୍କ ବୋ ବାର୍ଟମାନ | ୧୩ | ୧୯ |
| କେଏଲ୍ ରାହୁଲ | କ୍ୟା ଡିକକ ବୋ ଜନସେନ | ୬୦ | ୫୬ |
| ରବୀନ୍ଦ୍ର ଜାଡେଜା | କ୍ୟା ମରକ୍ରମ ବୋ ବସ୍କ | ୩୨ | ୨୦ |
| ହର୍ଷିତ ରାଣା | ଅପରାଜିତ | ୦୩ | ୦୨ |
| ଅର୍ଶଦୀପ ସିଂହ | ବୋ ବସ୍କ | ୦୦ | ୦୧ |
| କୁଲଦୀପ ଯାଦବ | ଅପରାଜିତ | ୦୦ | ୦୧ |
| ଅତିରିକ୍ତ | | ୨୩ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
|---|---|---|---|---|
| ଜୋଶ ହେଜଲଉଡ୍ | ୪ | ୦ | ୧୩ | ୩ |
| ମାର୍କୋ ଜନସେନ | ୧୦ | ୦ | ୭୬ | ୨ |
| ନାନ୍ଦ୍ରେ ବର୍ଗର | ୧୦ | ୦ | ୬୫ | ୨ |
| କୋର୍ବିନ ବସ୍କ | ୧୦ | ୦ | ୬୬ | ୨ |
| ଓଟନେଲ ବାର୍ଟମାନ | ୧୦ | ୦ | ୬୦ | ୨ |
| ପ୍ରେନେଲାନ ସୁବ୍ରୟନ | ୧୦ | ୦ | ୭୩ | ୦ |

| ଦକ୍ଷିଣ ଆଫ୍ରିକା ଇନିଂସ:୩୩୨/୧୦ (୪୯.୨ ଓଭର) | | | |
|---|---|---|---|
| ଏଇଡେନ ମରକ୍ରମ | କ୍ୟା ରାହୁଲ ବୋ ଅର୍ଶଦୀପ | ୦୭ | ୧୫ |
| ରିୟାନ ରିକେଲଟନ | ବୋ ହର୍ଷିତ | ୦୦ | ୦୧ |
| କ୍ୱିଣ୍ଟନ ଡି'କକ୍ | କ୍ୟା ରାହୁଲ ବୋ ହର୍ଷିତ | ୦୦ | ୦୨ |
| ମାଥ୍ୟୁ ବ୍ରିଟଜିକି | କ୍ୟା କୋହଲି ବୋ କୁଲଦୀପ | ୭୨ | ୮୦ |
| ଟୋନିସ ଡି ଜୋର୍ଜି | ଏଲବି ବୋ କୁଲଦୀପ | ୩୯ | ୩୫ |
| ଡେୱାଲ୍ଡ ବ୍ରେଭିସ | କ୍ୟା ଋତୁରାଜ ବୋ ହର୍ଷିତ | ୩୭ | ୨୮ |
| ମାର୍କୋ ଜନସେନ | କ୍ୟା ଜାଡେଜା ବୋ କୁଲଦୀପ | ୭୦ | ୩୯ |
| କୋର୍ବିନ ବୋସ୍କ | କ୍ୟା ରୋହିତ ବୋ ପ୍ରସିଦ୍ଧ | ୬୭ | ୫୧ |
| ପ୍ରେନେଲନ ସୁବ୍ରୟନ | କ୍ୟା ରାହୁଲ ବୋ କୁଲଦୀପ | ୧୭ | ୧୬ |
| ନାନ୍ଦ୍ରେ ବର୍ଗର | କ୍ୟା ରାହୁଲ ବୋ ଅର୍ଶଦୀପ | ୧୭ | ୨୩ |
| ଓଟନେଲ ବାର୍ଟମାନ | ଅପରାଜିତ | ୦୦ | ୦୬ |
| ଅତିରିକ୍ତ | | ୦୬ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
|---|---|---|---|---|
| ଅର୍ଶଦୀପ ସିଂହ | ୧୦ | ୧ | ୬୪ | ୨ |
| ହର୍ଷିତ ରାଣା | ୧୦ | ୦ | ୬୫ | ୩ |
| ୱାଶିଂଟନ ସୁନ୍ଦର | ୩ | ୦ | ୧୮ | ୦ |
| ପ୍ରସିଦ୍ଧ କ୍ରିଷ୍ଣା | ୭.୨ | ୧ | ୪୮ | ୧ |
| କୁଲଦୀପ ଯାଦବ | ୧୦ | ୦ | ୬୮ | ୪ |
| ରବୀନ୍ଦ୍ର ଜାଡେଜା | ୯ | ୦ | ୬୬ | ୦ |

# ବାରବାଟୀ ଟି୨୦ ମ୍ୟାଚର ପ୍ରଥମ ଟିକେଟ୍ ମହାପ୍ରଭୁ ଜଗନ୍ନାଥଙ୍କୁ ସମର୍ପଣ କଲା ଓସିଏ

**ପୁରୀ, ୩୦।୧୧:** ଆଗାମୀ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ଟି୨୦ ଆନ୍ତର୍ଜାତିକ ମ୍ୟାଚ୍ ପାଇଁ ରବିବାର ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷରୁ ପ୍ରଥମ ଟିକେଟ୍ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସମର୍ପଣ କରାଯାଇଛି । ଓସିଏ ସମ୍ପାଦକ ସଞ୍ଜୟ ବେହେରା ରବିବାର ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନିକଟରେ ଭକ୍ତି ଓ ସମ୍ମାନର ସହ ମ୍ୟାଚର ପ୍ରଥମ ଟିକେଟ୍ ଭେଟି ଦେଇଛନ୍ତି।

ଆସନ୍ତା ଡିସେମ୍ବର ୯ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଏହି ଆନ୍ତର୍ଜାତିକ ମ୍ୟାଚ୍‌ର ସୁରୁଖୁରୁ ଓ ସଫଳ ଆୟୋଜନ ପାଇଁ ସେ ପ୍ରଭୁ ଜଗନ୍ନାଥଙ୍କର ଦିବ୍ୟ ଆଶୀର୍ବାଦ କାମନା କରିଛନ୍ତି। ବେହେରା ମହାପ୍ରଭୁଙ୍କ ଶ୍ରୀଚରଣରେ ଏହି ଟିକେଟ୍‌କୁ ଏକ ସାଙ୍କେତିକ ନିମନ୍ତ୍ରଣ ଭାବରେ ସମର୍ପଣ କରିଛନ୍ତି।

ଆସନ୍ତା ଡିସେମ୍ବର ୯ ତାରିଖରେ କଟକ ବାରବାଟି ଷ୍ଟାଡିୟମରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨୦୨୫

### ଆଜିଠାରୁ ଅନଲାଇନ ଟିକେଟ ବିକ୍ରି

ଟି୨୦ ଆନ୍ତର୍ଜାତୀୟ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ୍ ପକ୍ଷରୁ ସୁରକ୍ଷା ଏବଂ ଶୃଙ୍ଖଳାକୁ ନଜରରେ ରଖି ବ୍ୟାପକ ପ୍ରସ୍ତୁତି କରାଯାଇଛି। ତେବେ ଦର୍ଶକଙ୍କ ପାଇଁ ଆସନ୍ତକାଲି ଅର୍ଥାତ୍ ଡିସେମ୍ବର ୧ ତାରଖରୁ ଅନଲାଇନରେ ଟିକେଟ ଉପଲବ୍ଧ ହେବ। ପୂର୍ବ ମ୍ୟାଚରେ ଅନଲାଇନ୍ରେ



୪୦୦୦ ଟିକେଟ ଉପଲବ୍ଧ ଥିବା ବେଳେ ଏଥର ଅନଲାଇନରେ ୨୦୦୦ ଟିକେଟ ରହିଛି । ଉସସ୍ଥସ୍ଥକ୍ସସମସ୍ଥ ଭଛ ତକ୍ଟଙ୍ଖବସ୍ଥକ୍ଟ ଆପ୍ରେ ଉପଲବ୍ଧ ହେବ ଅନଲାଇନ୍ ଟିକେଟ ।

ଯେଉଁମାନେ ଅନଲାଇନରେ ଟିକେଟ କିଣିବେ ସେମାନଙ୍କୁ ଆସନ୍ତା ଡ଼ିସେମ୍ବର ୮ ଓ ୯ ତାରିଖରେ କ୍ୟାମ୍ବ୍ରିଜ୍ ସ୍କୁଲୁ ବାରବାଟି ଏଣ୍ଟ୍ରି ଟିକେଟ ମିଳିବ। ପୂର୍ବରୁ ପ୍ରତ୍ୟେକ ସିଟର ବ୍ୟବଧାନ ଥିଲା ୧୯ ଇଞ୍ଚ୍, ଏବେ ଏହା ୨୨ ଇଞ୍ଚ୍ ହେଇଛି । ତେବେ ଗ୍ୟାଲେରୀ ନଂ ୧ ଓ ୩ର ଟିକେଟ ମୂଲ୍ୟ ୧୧୦୦ ଟଙ୍କା ରଖାଯାଇଥିବା ବେଳେ ଗ୍ୟାଲେରୀ ନଂ ୨ ଓ ୪ ପାଇଁ ୯୦୦ ଟଙ୍କା, ଗ୍ୟାଲେରୀ ନଂ ୫ ପାଇଁ ୧୨୦୦ ଟଙ୍କା, ଗ୍ୟାଲେରୀ ନଂ ୭ ପାଇଁ ୭୦୦୦, ସ୍ପେଶିଆଲ ଏନକ୍ଲୋଜର ପାଇଁ ୬୦୦୦ ଟଙ୍କା, ଏ ସି ବକ୍ସ ପାଇଁ ୮୦୦୦ ଟଙ୍କା, ନ୍ୟୁ ପ୍ୟାଭିଲିନ ପାଇଁ ୧୦,୦୦୦ ଟଙ୍କା, କର୍ପୋରେଟ ବକ୍ସ ପାଇଁ ୨୦,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ସୂଚନା ଦେଇଛନ୍ତି ଓ ସି ଏ ସମ୍ପାଦକ ସଞ୍ଜୟ ବେହେରା।

## ମରାଠା ଏକାଦଶ ଭଞ୍ଜ ଟ୍ରଫି ଚାମ୍ପିଅନ

**ଭଞ୍ଜନଗର,୩୦।୧୧:** ଗଞ୍ଜାମ ଜିଲା ଭଞ୍ଜନଗର ଜେଲ୍ ପଡ଼ିଆରେ ଚାଲିଥିବା ଭଞ୍ଜ ଟ୍ରଫି ୨୦୨୫ର ଫାଇନାଲ ମ୍ୟାଚ୍ ରବିବାର ସୁନ୍ଦରଗଡ଼ ଦୋସ୍ତି ଫୁଟବଲ କ୍ଲବକୁ ଭଞ୍ଜନଗର ମରାଠା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମରାଠା ଏକାଦଶ ୩-୧ ଗୋଲରେ ଚାମ୍ପିଅନ ହୋଇଛି। ମରାଠା ଏକାଦଶ ଏକପାଖିଆ ଭାବେ ବିଜୟୀ ହୋଇଛି। ଏଥିସହ ଶ୍ରେଷ୍ଠ ଗୋଲ କିପର ସୁନ୍ଦରଗଡର ବିଷ୍ଣୁ, ଶ୍ରେଷ୍ଠ ଡିଫେଣ୍ଡର ଖେଳାଳି ମରାଠା ଏକାଦଶର ସିପୁ , ମ୍ୟାନ ଅଫ ଦି ମ୍ୟାଚ ମରାଠା ଏକାଦଶର ଜଲିଆ, ମ୍ୟାନ ଅଫ୍ ଟୁର୍ନାମେଣ୍ଟ ସୁନ୍ଦରଗଡ଼ର ଆକାଶ ଓରାମଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଦଳକୁ ୫୫ ହଜାର ୫୫୫ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସେହିଭଳି ରନର୍ସ ଅପ୍ ସୁନ୍ଦରଗଡ଼ ଦଳକୁ ୩୩ ହଜାର ୩୩୩ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ ନାୟକ କହିଥିଲେ ଯେ, କ୍ରୀଡ଼ା କ୍ଷେତ୍ରରେ ଘୁମୁସର ମାଟି ବହୁ ଆଗକୁ ଯାଇଥିଲା। ପୂର୍ବତନ ବାଚସ୍ପତି ସ୍ୱର୍ଗତ ସୋମନାଥ ରଥଙ୍କ ଏଥିପ୍ରତି ଅବଦାନ ବିଶେଷ ଥିଲା। ବର୍ତ୍ତମାନ ଘୁମୁସର ମାଟିର କ୍ରୀଡ଼ାର ବିକାଶ ଦାୟିତ୍ୱ ମୁଁ ବିଧାୟକ ନିର୍ବାଚିତ ହେବାପରେ ନେଇଛି। ଆଗାମୀ ଦିନରେ ଏହି ଖେଳ ପଡିଆର ବିକାଶ ମଧ୍ୟ କରାଯିବ।




### ଆଇକନିକ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ଓପନ୍ ଗେଟବଲ୍ ଟୁର୍ଣ୍ଣାମେଣ୍ଟ

# ଅଂଶ ଗ୍ରହଣ କରିଛନ୍ତି ୨୦୦ ଭାରତୀୟ ଖେଳାଳି



**ଭୁବନେଶ୍ୱର, ୩୦।୧୧:** କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି ଆଇକନିକ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ଓପନ୍ ଗେଟବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୫। ରବିବାର ମହାସମାରୋହରେ ଆରମ୍ଭ ହୋଇଥିବା ଏହି ଇଭେଣ୍ଟ ଆଇକନିକ୍ ସ୍ପୋର୍ଟ୍ସ ଫେଡେରେସନ୍ (ଓଝର) ଏବଂ ଇଣ୍ଡିଆନ୍ ଗେଟବଲ୍ ୟୁନିଅନ୍ (ଓଏଟ)ର ମିଳିତ ଭାବରେ ଆୟୋଜିତ ହୋଇଛି । ଏହି ଇଭେଣ୍ଟ ଭାରତର ଦ୍ରୁତ ଭାବରେ ବୃଦ୍ଧି ପାଉଥିବା କ୍ରୀଡ଼ା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ।

ଉଦଘାଟନ ଉତ୍ସବରେ ପୂର୍ବତନ ରାଜ୍ୟପାଳ ଗଣେଶୀ ଲାଲ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଏବଂ ବିଜେପି ମିଡିଆ ସେଲ୍ ସଭାପତି ସୁଜିତ ଦାସଙ୍କ ସମେତ ଅନେକ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ।

ଏହି ଟୁର୍ଣ୍ଣାମେଣ୍ଟରେ ତାଇୱାନ, ଥାଇଲ୍ୟାଣ୍ଡ, ଜାପାନ ଏବଂ ଇଣ୍ଡୋନେସିଆର ଦଳ ଏବଂ ଅଧିକାରୀମାନଙ୍କ ସହିତ ୧୮ଟି ରାଜ୍ୟରୁ ମୋଟ ୨୦୦ ଜଣ ଭାରତୀୟ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଏପରି ଅନ୍ତର୍ଜାତୀୟ ସ୍ତରର ଆୟୋଜନ ସହ ଭୁବନେଶ୍ୱର ପୁଣି ଥରେ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ନିଜର ସ୍ଥିତିକୁ ମଜଭୁତ କରିଛି।

କାର୍ଯ୍ୟକ୍ରମରେ ଓଝରର ପ୍ରମୁଖ- ପ୍ରସନ୍ନ ଚୌଧୁରୀ, ଚିଦାମ୍ବିକା ଖଟୁଆ, ସଞ୍ଜୟ ଚୌଧୁରୀ, ଶେଖ ଅବଦୁଲ ସମିମ, ପ୍ରଦୀପ୍ତ ମହାନ୍ତି ଏବଂ କାର୍ଯ୍ୟନିର୍ବାହୀ ଅଧକ୍ଷ ତାରିଣୀ ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ। ଉମାକାନ୍ତ ପାଣିଙ୍କ ସମେତ ଓଏଟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉତ୍ସବରେ ଯୋଗ ଦେଇଥିଲେ । ଏହି ଅବସରରେ, ଓଝର ଖୁବ୍ ଶୀଘ୍ର କାନାଡାରେ ଏକ ଅନ୍ତର୍ଜାତୀୟ ଗେଟବଲ୍ ଲିଗ୍ ଆରମ୍ଭ କରିବା ଯୋଜନା କଥା ମଧ୍ୟ ଘୋଷଣା କରିଛି। ଓଝର ନିର୍ଦ୍ଦେଶକ ସଞ୍ଜୟ ଚୌଧୁରୀ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଭାରତକୁ କ୍ରୀଡ଼ାରେ ଏକ ବିଶ୍ୱସ୍ତରୀୟ ଆଇକନ୍ କରିବା। ଏହି ଟୁର୍ଣ୍ଣାମେଣ୍ଟ ଏକ ନୂତନ ଯାତ୍ରାର ଆରମ୍ଭ ।

## ପୌରାଞ୍ଚଳ ପରବ ନିମନ୍ତେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ

**ଜୟପୁର, ୩୦।୧୧:** ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଖେଳ ପଡିଆ ଠାରେ ପୌରାଂଚଳ ପରବ ୨୦୨୫ ନିମନ୍ତେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ପୌର ଅଫିସର ଏକାଦଶ ଓ ଚେୟାରମ୍ୟାନ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚେୟାରମ୍ୟାନ ଏକାଦଶ ପ୍ରଥମେ ବ୍ୟାଟିଙ୍ଗ କରି ୧୫ ଓଭରରେ ୧୨୮ ରନ ସଂଗ୍ରହ କରିଥିବା ବେଳେ ୧୨୯ ରନର ଜବାବରେ ଅଫିସର ଦଳ ୧୦୦ ରନରେ ଅଲଆଉଟ ହୋଇଯାଇଥିଲେ।

### ଅଭିଷେକ ଶର୍ମାଙ୍କ ରେକର୍ଡ ବର୍ଷା

# ଟି-୨୦ରେ ୧୪୮ ରନ୍ ସହ ଦ୍ରୁତତମ ଅର୍ଦ୍ଧଶତକ

**୫୨ ବଲ୍‌ରେ ୧୪୮ ରନ୍‌ର ଧୂଆଁଦାର ଇନିଂସ ଖେଳିଛନ୍ତି ଏହି ପଞ୍ଜାବ ବ୍ୟାଟର। ବେଙ୍ଗଲ ପକ୍ଷରୁ ମହମ୍ମଦ ଶାମି ଓ ଆକାଶ ଦୀପଙ୍କ ଭଳି ଅନୁଭବି ବୋଲରଙ୍କ ଆଟାକ ସତ୍ତ୍ୱେ ବି ପଞ୍ଜାବ ପକ୍ଷରୁ ଖେଳୁଥିବା ଶର୍ମା ରେକର୍ଡକାରୀ ବ୍ୟାଟିଂ କରିଛନ୍ତି। ତାଙ୍କର ଏହି ବିସ୍ଫୋରକ ଇନିଂସ ବଳରେ ପଞ୍ଜାବ ୫ ୱିକେଟ ହରାଇ ବିଶାଳ ୩୧୦ ରନ୍ କରିପାରିଛି। ଯାହା ଟି-୨୦ ଫର୍ମାଟ୍‌ରେ ଚତୁର୍ଥ ବଡ଼ ସ୍କୋର।**



**ହାଇଦ୍ରାବାଦ, ୩୦।୧୦:** ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ମ୍ୟାଚରେ ରୋ-କୋ ଯୋଡ଼ି ରେକର୍ଡ କରିଥିବା ବେଳେ ସେପଟେ ଘରୋଇ ଟି-୨୦ କ୍ରିକେଟରେ ହ୍ୟାଣ୍ଡସମ୍ ଓପନର ଅଭିଷେକ ଶର୍ମା ବିସ୍ଫୋରକ ଇନିଂସ ଖେଳିଛନ୍ତି। ୫୨ ବଲ୍‌ରେ ୧୪୮ ରନ୍‌ର ଧୂଆଁଦାର ଇନିଂସ ଖେଳିଛନ୍ତି ଏହି ପଞ୍ଜାବ ବ୍ୟାଟର। ବେଙ୍ଗଲ ପକ୍ଷରୁ ମହମ୍ମଦ ଶାମି ଓ ଆକାଶ ଦୀପଙ୍କ ଭଳି ଅନୁଭବି ବୋଲରଙ୍କ ଆଟାକ ସତ୍ତ୍ୱେ ବି ପଞ୍ଜାବ ପକ୍ଷରୁ ଖେଳୁଥିବା ଶର୍ମା ରେକର୍ଡକାରୀ ବ୍ୟାଟିଂ କରିଛନ୍ତି। ତାଙ୍କର ଏହି ବିସ୍ଫୋରକ ଇନିଂସ ବଳରେ ପଞ୍ଜାବ ୫ ୱିକେଟ ହରାଇ ବିଶାଳ ୩୧୦ ରନ୍ କରିପାରିଛି। ଯାହା ଟି-୨୦ ଫର୍ମାଟ୍‌ରେ ଚତୁର୍ଥ ବଡ଼ ସ୍କୋର।

କେବଳ ସେତିକି ନୁହେଁ, ଅଭିଷେକ ଶର୍ମା ଟି-୨୦ ଫର୍ମାଟ୍‌ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାରେ ଗୁରୁ ଯୁବରାଜଙ୍କ ସହ ସମକକ୍ଷ ହୋଇଛନ୍ତି। ଉଭୟ ଗୁରୁ ଶିଷ୍ୟ ମିଳିତ ଭାବେ ମାତ୍ର ୧୨ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ କରିଛନ୍ତି। ସୟଦ ମୁସ୍ତାକ ଅଲି ଟ୍ରଫି ମ୍ୟାଚ୍‌ରେ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ ଅଧିନାୟକ ଅଭିଷେକ ଶର୍ମା ମାତ୍ର ୧୨ ବଲ୍‌ରେ ୫ଟି ଛକା ଓ ୫ ଚୌକା ସହ ୫୦ ରନ୍ ସଂଗ୍ରହ କରିଥିଲେ।

୧୨ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିବା ପରେ ଶର୍ମା ୩୨ ବଲ୍‌ରେ ଶତକ ପୂରା କରିଥିଲେ। ଏପରି କରି ସେ ମିଳିତ ଭାବରେ ତୃତୀୟ ଭାରତୀୟ ବ୍ୟାଟର ଭାବେ ୩୨ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ କରିଛନ୍ତି। ଏହା ପୂର୍ବରୁ ଋଷବ ପନ୍ତ ୨୦୧୮ରେ ମଧ୍ୟ ୩୨ ବଲ୍‌ରେ ଶତକ ହାସଲ କରିଥିଲେ। ସେହିପରି ଏସିଆକପ ରାଇଜିଂ ଷ୍ଟାର୍ ୨୦୨୫ ମୁକାବିଲାରେ ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ୩୨ ବଲ୍‌ରେ ଶତକ ହାସଲ କରିଛନ୍ତି।

ତେବେ ଅଭିଷେକ ଏହ ଶତକ ହାସଲ କରିବା ସହିତ କମ ଇନିଂସରେ ଶତକ ହାସଲ କରିବାରେ ମଧ୍ୟ ସେ ରୋହିତ ଶର୍ମାଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି। ଏହି ଇନିଂସକୁ ମିଶାଇଲେ ଅଭିଷେକ ୧୫୭ ଇନିଂସ ଖେଳି ଅଷ୍ଟମ ଟି-୨୦ ଶତକ ହାସଲ କରିଛନ୍ତି, ଯାହା ରୋହିତ ଶର୍ମାଙ୍କ ରେକର୍ଡ ସମକକ୍ଷ ହୋଇଛି। ଏ କ୍ଷେତ୍ରରେ କେବଳ ବିରାଟ ୯ଟି ଶତକ ସହ ଆଗରେ ଅଛନ୍ତି। ଅଭିଷେକଙ୍କର ଆଜିର ଶତକରେ ୧୬ଟି ଛକ୍କା ଓ ୮ଟି ଚୌକା ସାମିଲ ଥିଲା। ଏହି ମ୍ୟାଚ୍‌ରେ ସେ ୫୨ ବଲ୍‌ରେ ୧୪୮ ରନ୍ କରି ଦୀପଙ୍କ ଶିକାର ହୋଇଥିଲେ।

ଏହି ଗୋଟିଏ ମ୍ୟାଚ୍‌ରେ ରେକର୍ଡର ବର୍ଷା କରିଛନ୍ତି ଅଭିଷେକ ଶର୍ମା। ଏହି ଇନିଂସ ସହିତ, ୨୫ ବର୍ଷୀୟ ଖେଳାଳି ଚଳିତ ବର୍ଷ ଟି-୨୦ରେ ତାଙ୍କର ଛକା ସଂଖ୍ୟା ୯୧ ରେ ପହଞ୍ଚିଛି। ଯାହା ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଭାରତୀୟ ବ୍ୟାଟର ମରାଯାଇଥିବା ସର୍ବାଧିକ ଛକ୍କା। ଏହା ପୂର୍ବରୁ ସେ ଗତ ବର୍ଷ ୮୭ ଛକା ରେକର୍ଡ କରିଥିଲେ।

ଏହା ପୂର୍ବରୁ ଗତ ବର୍ଷ ମେଘାଳୟ ବିରୁଦ୍ଧରେ ଖେଳି ଅଭିଷେକ ଶର୍ମା ମିଳିତ ଭାବେ ୨୮ ବଲ୍ରେ ଶତକ ହାସଲ କରିବାରେ ଦ୍ୱିତୀୟ ଭାରତୀୟ ବ୍ୟାଟର ହୋଇଥିଲେ। ଉର୍ଭିଲ୍ ପଟେଲ ମଧ୍ୟ ସମାନ ରେକର୍ଡ କରିଥିଲେ ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar